CMYK

- Vol.- 46, Issue No. 163
- Saturday, 12 September 2026
- ଶନିବାର, ୧୨ ସେପ୍ଟେମ୍ବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## ଓଡ଼ିଶାରେ ବଡ଼ ସୁଯୋଗ ଏଆଇରୁ ଗ୍ରୀନ୍ ଏନର୍ଜି

# ତିନିଦିନରେ ୨.୪୩ ଲକ୍ଷ କୋଟିର ନିବେଶ ପ୍ରସ୍ତାବ






- ଦୁବାଇ ରୋଡ୍ ଶୋ'ରେ ମୁଖ୍ୟମନ୍ତ୍ରୀ
- ନିବେଶ ପାଇଁ ଶିଳ୍ପପତିଙ୍କୁ ଦେଲେ ଆହ୍ୱାନ
- ନିବେଶ-ଅନୁକୂଳ ରାଜ୍ୟ ମଧ୍ୟରେ ଓଡ଼ିଶାର ସ୍ଥାନ ପଞ୍ଚମ
- ଓଡ଼ିଶା ଇନଭେଷ୍ଟର୍ସ ମିଟ୍‌ର ତୃତୀୟ ଦିନରେ ୪ଶହ ନିବେଶକ,ବ୍ୟବସାୟୀ
- ୬,୧୮,୭୨୫ ନିଯୁକ୍ତି ସୁଯୋଗ ସୃଷ୍ଟି ସମ୍ଭାବନା

ଦୁବାଇ/ଭୁବନେଶ୍ୱର, ୧୧।୯: ପୁଞ୍ଜି, ପ୍ରଯୁକ୍ତିବିଦ୍ୟା, ଉତ୍ପାଦନ କ୍ଷେତ୍ରରେ ଭାଗୀଦାରୀ ଏବଂ ଅନ୍ତର୍ଜାତୀୟ ବଜାରରେ ପ୍ରବେଶ ପାଇଁ ଓଡ଼ିଶାର ବିଶ୍ୱସ୍ତରୀୟ ପ୍ରୟାସକୁ ତ୍ୱରାନ୍ୱିତ କରିବା କ୍ରମେ, ୟୁଏଇ ରେ ଓଡ଼ିଶା ସରକାରଙ୍କ ତିନି ଦିନିଆ ନିବେଶ ପ୍ରସାର କାର୍ଯ୍ୟକ୍ରମ ସମାପ୍ତ ହୋଇଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୨,୪୩,୨୬୨ କୋଟି ଟଙ୍କାର ପ୍ରସ୍ତାବିତ ନିବେଶ ଏବଂ ୬,୧୮,୭୨୫ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଆବୁଧାବି ଏବଂ ଦୁବାଇରେ ଅନୁଷ୍ଠିତ ଏହି ତିନି ଦିନିଆ କାର୍ଯ୍ୟକ୍ରମରେ ୩୨ଟି ବ୍ୟକ୍ତିଗତ ନିବେଶକ ବୈଠକ ଓ ଗୋଲଟେବୁଲ୍ ଆଲୋଚନା ପରେ ମୋଟ ୨୪ଟି ବୁଝାମଣାପତ୍ର ଏବଂ ନିବେଶ ପ୍ରସ୍ତାବ ସ୍ୱାକ୍ଷରିତ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୟୁଏଇର ନିବେଶକମାନଙ୍କୁ ରାଜ୍ୟର ଶିଳ୍ପ ବିକାଶର ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଶା ସହିତ ଭାଗୀଦାର ହେବାକୁ ଆହ୍ୱାନ ଜଣାଇଛନ୍ତି। ଦୁବାଇରେ ଆୟୋଜିତ 'ଓଡ଼ିଶା ଇନଭେଷ୍ଟର୍ସ ସମିଟ୍-ୟୁଏଇ-୨୦୨୬'ର ତୃତୀୟ ଦିନରେ ୟୁଏଇର ପ୍ରାୟ ୪୦୦ ବ୍ୟବସାୟୀ, ନିବେଶକ ଏବଂ ବ୍ୟବସାୟିକ ସମ୍ପ୍ରଦାୟର ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ସମ୍ମିଳନୀକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ନିବେଶକମାନଙ୍କ ସମ୍ମୁଖରେ ଓଡ଼ିଶାର ପ୍ରାକୃତିକ ସମ୍ପଦ, ପ୍ରତିଯୋଗିତାମୂଳକ ସାମର୍ଥ୍ୟ, ବନ୍ଦର, ଶିଳ୍ପ ଭିତ୍ତିଭୂମି, ଦକ୍ଷ ମାନବ ସମ୍ବଳ ଏବଂ ନିବେଶ-ଅନୁକୂଳ ପରିବେଶ ସମ୍ପର୍କରେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ଏଲଏନଜି ସଂରକ୍ଷଣ, ସବୁଜ ଶକ୍ତି, ଏଆଇ ଡାଟା ସେଣ୍ଟର, ବିରଳ ମୃତ୍ତିକା ଧାତୁ, ଜାହାଜ ମରାମତି, ପ୍ରୋପେଲାଣ୍ଟ ଉତ୍ପାଦନ, ସାର ଓ ରାସାୟନିକ ପଦାର୍ଥ, ଗୃହ ନିର୍ମାଣ, ଇସ୍ପାତ ଏବଂ ଡାଉନଷ୍ଟ୍ରିମ୍ ଶିଳ୍ପ ଭଳି କ୍ଷେତ୍ରରେ ନିବେଶ ସୁଯୋଗ ଉପରେ ଆଲୋଚନା କରାଯାଇଥିଲା। ଭାରତରେ ନିବେଶ-ଅନୁକୂଳ ରାଜ୍ୟ ମଧ୍ୟରେ ଓଡ଼ିଶାର ସ୍ଥାନ ପଞ୍ଚମରେ ବୋଲି ଦର୍ଶାଯାଇଥିଲା। ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସରକାରଙ୍କ 'ଗତି, ନିଶ୍ଚିତତା ଏବଂ କାର୍ଯ୍ୟାନ୍ୱୟନ' ନୀତି ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ପ୍ରକଳ୍ପର ପ୍ରତ୍ୟେକ ପର୍ଯ୍ୟାୟରେ ସରକାରୀ ସହାୟତା ଯୋଗାଇ ଦେବାକୁ ନିବେଶକ ମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ସରକାରୀ ଅଧିକାରୀ, ଭାରତୀୟ କୂଟନୈତିକ ପ୍ରତିନିଧି ଏବଂ ୟୁଏଇର ପ୍ରମୁଖ ଶିଳ୍ପପତିମାନେ ଯୋଗ ଦେଇଥିଲେ। ସରକାରଙ୍କ କହିବା ଅନୁଯାୟୀ, ଦୁବାଇ ରୋଡ୍-ଶୋ' ଓଡ଼ିଶା ଓ ୟୁଏଇ ମଧ୍ୟରେ ଅର୍ଥନୈତିକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ସହ ରାଜ୍ୟରେ ପୁଞ୍ଜି, ପ୍ରଯୁକ୍ତିବିଦ୍ୟା, ଶିଳ୍ପ ଏବଂ ନିଯୁକ୍ତି ସୃଷ୍ଟି ପାଇଁ ନୂତନ ସୁଯୋଗ ସୃଷ୍ଟି କରିଛି।

## ରାଜସ୍ୱ ପର୍ଷଦର ନୂଆ ୱେବସାଇଟ ଆରମ୍ଭ

### ମିଳିବ ଏଣିକି ରାଜସ୍ୱ ସଂସ୍ଥା ସମ୍ପର୍କିତ ସମସ୍ତ ତଥ୍ୟ

ଭୁବନେଶ୍ୱର, ୧୧।୯: ଓଡ଼ିଶାରେ ଜମି ଓ ରାଜସ୍ୱ ପ୍ରଶାସନକୁ ଅଧିକ ସ୍ୱଚ୍ଛ, ଦ୍ରୁତ ଓ ଲୋକମୁଖୀ କରିବା ଦିଗରେ ବଡ଼ ପଦକ୍ଷେପ ନିଆଯାଇଛି। ଶୁକ୍ରବାର ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓଡ଼ିଶା ବୋର୍ଡ ଅଫ୍ ରେଭେନ୍ୟୁର ନୂଆ ୱେବସାଇଟ୍ ଓ ତ୍ରୈମାସିକ ଜର୍ଣ୍ଣାଲର ଶୁଭାରମ୍ଭ କରିଛନ୍ତି।ଭୁବନେଶ୍ୱରରେ ଆୟୋଜିତ କାର୍ଯ୍ୟକ୍ରମରେ ବୋର୍ଡ ଅଫ୍ ରେଭେନ୍ୟୁ ସଦସ୍ୟ ସତ୍ୟବ୍ରତ ସାହୁ, ସଚିବ ଲକ୍ଷ୍ମୀକାନ୍ତ ସେଠୀ ଓ ବରିଷ୍ଠ ରାଜସ୍ୱ ଅଧିକାରୀମାନେ ଉପସ୍ଥିତ ଥିଲେ। ମନ୍ତ୍ରୀ କହିଛନ୍ତି, ପ୍ରଯୁକ୍ତି, ସୂଚନା ଓ ନ୍ୟାୟିକ ଜ୍ଞାନକୁ ସାଧାରଣ ଲୋକ ଏବଂ ରାଜସ୍ୱ ବ୍ୟବସ୍ଥା ସହ ସଂଯୋଗ କରିବାରେ ଏହି ଦୁଇ ପଦକ୍ଷେପ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ। ନୂଆ ୱେବସାଇଟ୍‌ରେ ବୋର୍ଡର ବିଭିନ୍ନ ଶାଖା, କାର୍ଯ୍ୟକଳାପ ଓ ରାଜସ୍ୱ ସଂସ୍ଥା ସମ୍ପର୍କିତ ସମସ୍ତ ତଥ୍ୟ ଏକାଠି ଉପଲବ୍ଧ ରହିବ।

## ଶ୍ରୀମନ୍ଦିର: ଧାଡ଼ି ଦର୍ଶନ ପାଇଁ ହେବ ଫୋଲ୍ଡିଂ ରାମ୍ପ

### ୩ରୁ ୪ ମାସ ମଧ୍ୟରେ ପୂର୍ଣ୍ଣ ମଡେଲ ପ୍ରସ୍ତୁତ ହେବ

ପୁରୀ,୧୧।୮ : ଶ୍ରୀମନ୍ଦିରରେ ଧାଡି ଦର୍ଶନ ବ୍ୟବସ୍ଥା ପାଇଁ ପାଇଲଟ ରାମ୍ପର ନିର୍ମାଣ ଆସନ୍ତା ୭ରୁ ୮ ଦିନ ମଧ୍ୟରେ ସରିବ । ଆଇଆଇଟି ଭୁବନେଶ୍ୱର ଦ୍ୱାରା ପ୍ରସ୍ତାବିତ ରାମ୍ପ ମଡେଲର ସମୀକ୍ଷା କରିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ । ଏହି ଫୋଲ୍ଡିଂ ରାମ୍ପକୁ ପ୍ରାୟ ୫ ମିନିଟ ମଧ୍ୟରେ ଖୋଲାଯାଇ ପୁଣି ବନ୍ଦ କରାଯାଇପାରିବ । ପାଇଲଟ ରାମ୍ପ ବା ପ୍ରଥମ ରାମ୍ପ ନିର୍ମାଣ ଶେଷ ହେବା ପରେ ଶ୍ରୀମନ୍ଦିର ଛତିଶା ନିଯୋଗ ପ୍ରତିନିଧି, ଶ୍ରୀମନ୍ଦିର ପରିଚାଳନା କମିଟି ପ୍ରତିନିଧିମାନଙ୍କୁ ଏହି ରାମ୍ପ ପରିଦର୍ଶନ କରାଯିବ । ସେମାନଙ୍କ ମତାମତ ଓ ନିଷ୍ପତ୍ତି ଆଧାରରେ ଆବଶ୍ୟକ ସ୍ଥଳେ ଏହାକୁ ସଂଶୋଧନ କରାଯିବ । ନଚେତ୍ ଅନୁମତି ମିଳିଲେ ଏହା କାର୍ଯ୍ୟକ୍ଷମ ହେବ । ଆଗକୁ ୬ ଥାକିଆ ରାମ୍ପ ପାଇଁ ବ୍ୟବସ୍ଥା ହେବ । ୩ରୁ ୪ ମାସ ମଧ୍ୟରେ ପୂର୍ଣ୍ଣ ମଡେଲ ପ୍ରସ୍ତୁତ ହେବ ବୋଲି ଆଇନ ମନ୍ତ୍ରୀ କହିଛନ୍ତି ।



## ବ୍ୟାଙ୍କ ବନ୍ଦ: ଗ୍ରାହକ ହନ୍ତସନ୍ତ

ଭୁବନେଶ୍ୱର, ୧୧।୯: ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ ପକ୍ଷରୁ ବ୍ୟାଙ୍କ ବନ୍ଦ ଧର୍ମଘଟ ଡାକରା ଦିଆଯାଇଛି। ପାଞ୍ଚଦିନିଆ କାର୍ଯ୍ୟ ସପ୍ତାହ ଲାଗୁ କରିବାରେ ବିଳମ୍ବ, ପ୍ରଦର୍ଶନ ଆଧାରିତ ପ୍ରୋତ୍ସାହନ ସ୍କିମ୍‌କୁ ନେଇ ମତଭେଦ, ପେନସନ୍ ସମେତ ଅନ୍ୟାନ୍ୟ ପିଛିଲା ଦାବି ପୂରଣ ପାଇଁ ଧର୍ମଘଟକୁ ଓହ୍ଲାଇଛନ୍ତି ବ୍ୟାଙ୍କ କର୍ମଚାରୀ। ସଂଘର ଡାକରାରେ ରାଜ୍ୟର ପ୍ରାୟ ୭୦ ହଜାର କର୍ମଚାରୀ ସାମିଲ ହେବା ପରେ ସ୍ଥିତି ବିଗିଡି ଯାଇଛି। ଫଳରେ ପ୍ରଭାବିତ ହୋଇଛି ଅର୍ଥନୀତି ଓ ହନ୍ତସନ୍ତ ହୋଇଛନ୍ତି ଗ୍ରାହକ। ଶୁକ୍ରବାର ଧର୍ମଘଟ, ଆସନ୍ତାକାଲି ମାସର ଦ୍ୱିତୀୟ ଶନିବାର ଏବଂ ରବିବାର ଛୁଟିଦିନ। ସୋମବାର ଗଣେଶ ପୂଜା ଓ ମଙ୍ଗଳବାର ନୂଆଁଖାଇ ଛୁଟି। ଅର୍ଥାତ୍ ଆଜିକୁ ମିଶାଇ ମୋଟ ୫ଦିନ ବ୍ୟାଙ୍କ ସେବା ବନ୍ଦ ରହିବ। ଫଳରେ ଯଦି ଦାବି ପୂରଣ ନ ହେବ ତେବେ ଚଳିତ ମାସ ୨୮ରୁ ୩୦ ପର୍ଯ୍ୟନ୍ତ ଧର୍ମଘଟ କରାଯିବ। ଏହା ପରେ ଆସନ୍ତା ଅକ୍ଟୋବର ୨୬ ପରଠାରୁ ଆମରଣ ଅନଶନ କରାଯିବ ବୋଲି ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିୟନ ଚେତାବନୀ ଦେଇଛି।

## କଙ୍ଗୋ ଅଗ୍ନିକାଣ୍ଡରେ ୨୭ ଶିଶୁ ମୃତ

### ୨ ବିଦ୍ୟାଳୟ, ୩୦୦ ଘର ଧ୍ୱଂସ

କିନଶାସା (କଙ୍ଗୋ), ୧୧।୯: ଆଫ୍ରିକୀୟ ଦେଶ କଙ୍ଗୋର ପୂର୍ବ ଭାଗରେ ଥିବା ବୁକାଭୁ ସହରରେ ଅଗ୍ନିକାଣ୍ଡରେ ଅତି କମ୍‌ରେ ୨୭ ଜଣ ଶିଶୁ (୧୯ ଜଣ ବାଳିକା ଏବଂ ୮ ଜଣ ବାଳକ) ଙ୍କ ମୃତ୍ୟୁ ଘଟିଛି। ଏହି ଅଗ୍ନିକାଣ୍ଡରେ ୩୦୦ ଘର ଏବଂ ଦୁଇଟି ବିଦ୍ୟାଳୟ ନଷ୍ଟ ହୋଇଯାଇଛି। ସୁଦ୍-କିଭୁ ପ୍ରଦେଶର ରାଜଧାନୀ ବୁକାଭୁ ରୁୱାଣ୍ଡା ସେନା ଏବଂ ଏହାର ଏମ୍୨୩ ସୈନ୍ୟବାହିନୀ ଦ୍ୱାରା ଅଧିକୃତ। ସେପ୍ଟେମ୍ବର ୧୦ ରେ କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟର ସରକାରୀ ସମ୍ବାଦ ଏଜେନ୍ସି ଏଜେନ୍ସ କଙ୍ଗୋଲାଇଜ୍ ଡି ପ୍ରେସ୍ (ଏସିପି) ଦ୍ୱାରା ଏହା ରିପୋର୍ଟ କରାଯାଇଥିଲା। ବିଦ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ୩୦୦ରୁ ଅଧିକ ଘରେ ନିଆଁ ଲଗାଇ ଦିଆଯାଇଥିଲା। ଦୁଇଟି ବିଦ୍ୟାଳୟ-ବାଗିରା କମ୍ୟୁନର ଇ. ପି. ମୋସାଲା ଏବଂ କାତୁଟୁ କମ୍ୟୁନ୍ର ଇ. ପି. ନୋଙ୍ଗୋ। ମଧ୍ୟ ପ୍ରଭାବିତ ହୋଇଛନ୍ତି। ଅଗ୍ନିକାଣ୍ଡର ପ୍ରକୃତ କାରଣ ତୁରନ୍ତ ଜଣାପଡ଼ିନାହିଁ।

# ଭାରତ-ରୁଷ ସଂପର୍କରେ ନୂଆ ଅଧ୍ୟାୟ



- ★ ଆର୍ଥିକ ପରିବର୍ତ୍ତନ ସହ ଗତି କରୁଛି ବିଶ୍ୱ: ପୁଟିନ
- ★ ଜଳପଥ ସୁନିଶ୍ଚିତ ରହିଲେ ବିଶ୍ୱ ବାଣିଜ୍ୟ ଆଗକୁ ବଢ଼ିବ: ମୋଦି
- ★ ମୋଦିଙ୍କୁ ରୁଷ ଗସ୍ତ ଲାଗି ପୁଟିନଙ୍କ ନିମନ୍ତ୍ରଣ

ନୂଆଦିଲ୍ଲୀ, ୧୧।୯: ରୁଷ ରାଷ୍ଟ୍ରପତି ଭ୍ଲାଦମିର ପୁଟିନ ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀରେ ଯୋଗ ଦେବାକୁ ଭାରତ ଗସ୍ତରେ ଥିବା ବେଳେ ପୁଟିନ ଶୁକ୍ରବାର ଭାରତ ମଣ୍ଡପମ୍‌ରୁ ଜି ୭ର ଅର୍ଥନୀତିକୁ କଟାକ୍ଷ କରିବା ସହିତ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକର ଭାଗିଦାରୀ ବୃଦ୍ଧି ପାଉଥିବା ବିଷୟ ତୁଳନାତ୍ମକ ଢଙ୍ଗରେ ଉପସ୍ଥାପନ କରିଛନ୍ତି। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଓ ରୁଷ ରାଷ୍ଟ୍ରପତି ପ୍ରାୟ ୪୫ ମିନିଟ ଧରି ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ବ୍ରିକ୍ସ ବିଜ୍‌ନେସ ସମ୍ମିଳନୀ-୨୦୨୬କୁ ସମ୍ବୋଧନ କରି ପୁଟିନ କହିଛନ୍ତି ବ୍ରିକ୍ସକୁ ବିଶ୍ୱର ସର୍ବବୃହତ୍ ଅର୍ଥନୀତିକ ବ୍ଲକ । ବିଶ୍ୱ ଯୋଗାଣରେ ପରିବର୍ତ୍ତନ ହେଉଥିଲେ ହେଁ ଏହାର ସଦସ୍ୟମାନେ ଶକ୍ତିଶାଳୀ ହେଉଛନ୍ତି ଓ ସଦସ୍ୟ ରାଷ୍ଟ୍ରଙ୍କ ପ୍ରଭାବ ବୃଦ୍ଧି ପାଉଛି। ବିଶ୍ୱ ଅର୍ଥନୀତିକ ପ୍ରତି ଭାରତର ଅବଦାନ ସମ୍ପର୍କରେ ପୁଟିନ କହିଛନ୍ତି, ବିଶ୍ୱ ଏବେ ଗୋଟିଏ ବଡ଼ ଆର୍ଥିକ ପରିବର୍ତ୍ତନ ସହ ଗତି କରୁଛି। ରୁଷ ଉପରେ ପଶ୍ଚିମ ଦେଶଗୁଡ଼ିକ ଲଗାଇଥିବା ବ୍ୟାନକୁ ମଧ୍ୟ ପୁଟିନ ବେଆଇନ କହିଛନ୍ତି।କଟକଣା ସତ୍ତ୍ୱେ ମସ୍କୋ ନିଜର ଆର୍ଥିକ ପ୍ରଦର୍ଶନ ବଳବତ୍ତର ରଖିଥିବା ସେ ଦାବି କରିଛନ୍ତି। ବିଶ୍ୱ ଅର୍ଥନୀତିରେ ପରିବର୍ତ୍ତନ ହେଉଥିବାରୁ ସେ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକୁ ଅଧିକ ସହଯୋଗ ପାଇଁ ଆହ୍ୱାନ ଦେଇଛନ୍ତି। ଭାରତ ପାଖରେ ବିଶ୍ୱର ସମାଧାନ ଥିବା ସୂଚାଇଥିଲେ ପୁଟିନ। ଏହି ଅବସରରେ ମୋଦିଙ୍କୁ ସେ ରୁଷ ଗସ୍ତ ଲାଗି ନିମନ୍ତ୍ରଣ କରିଥିଲେ। ସମ୍ମିଳନୀକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶ୍ୱସ୍ତରୀୟ ଅନିଶ୍ଚିତତା ମଧ୍ୟରେ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକୁ ବିଶ୍ୱସ୍ତରୀୟ ନବସୃଜନ ଏବଂ ସମାଧାନର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବରେ ପ୍ରଶଂସା କରିଛନ୍ତି।ସେ କହିଛନ୍ତି, 'ଆଜି ବ୍ରିକ୍ସ ରାଷ୍ଟ୍ରଗୁଡ଼ିକ ବିଶ୍ୱ ଜନସଂଖ୍ୟାର ୫୦ ପ୍ରତିଶତ, ଜିଡିପିର ୪୦ ପ୍ରତିଶତ ଏବଂ ବିଶ୍ୱ ବାଣିଜ୍ୟର ୨୫ ପ୍ରତିଶତରୁ ଅଧିକ ଅଂଶ ପ୍ରତିନିଧିତ୍ୱ କରୁଛନ୍ତି। ଏହା ବ୍ୟତୀତ, ଯେଉଁଠାରେ ଗତ କିଛି ବର୍ଷ ମଧ୍ୟରେ ବିଶ୍ୱ ଜିଡିପି ପ୍ରାୟ ଅଢ଼େଇ ଗୁଣ ବୃଦ୍ଧି ପାଇଛି, ସେଠାରେ ବ୍ରିକ୍ସ ରାଷ୍ଟ୍ରଗୁଡ଼ିକର ମିଳିତ ଜିଡିପି ପ୍ରାୟ ସାଢ଼େ ଚାରି ଗୁଣ ବୃଦ୍ଧି ପାଇଛି। ଅନ୍ୟ ଅର୍ଥରେ କହିବାକୁ ଗଲେ, ବାକି ବିଶ୍ୱ ତୁଳନାରେ ବ୍ରିକ୍ସର ଅର୍ଥନୈତିକ ଶକ୍ତି ପ୍ରାୟ ଦ୍ୱିଗୁଣ ଗତିରେ ବୃଦ୍ଧି ପାଇଛି।' ପ୍ରଧାନମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି, ବ୍ରିକ୍ସର ବୃଦ୍ଧି ପାଉଥିବା ପରିସର, ଗତି ଏବଂ ଆଶାବାଦ ଆମ ମଧ୍ୟରେ ସ୍ପଷ୍ଟ ଭାବରେ ପରିଲକ୍ଷିତ ହେଉଛି। ଭାରତରେ ଆୟୋଜିତ ଏହି ମଞ୍ଚ ବର୍ତ୍ତମାନ ସୁଦ୍ଧା ସବୁଠାରୁ ବଡ଼ ବ୍ରିକ୍ସ ବ୍ୟବସାୟିକ ମଞ୍ଚ ଅଟେ। ଟ୍ରମ୍ପ ଓ ଇରାନଙ୍କୁ ପରୋକ୍ଷରେ ଇଙ୍ଗିତ କରି କହିଥିଲେ,ଜଳପଥ ସୁନିଶ୍ଚିତ ରହିଲେ ବିଶ୍ୱ ବାଣିଜ୍ୟ ଆଗକୁ ବଢ଼ିବ। ନେତାମାନଙ୍କ ଅଧିବେଶନକୁ ସମ୍ବୋଧିତ କରି ଇରାନର ରାଷ୍ଟ୍ରପତି ମାସୁଦ ପେଜେଶକିଆନ୍ କହିଛନ୍ତି ଯେ ଏହି ଗୋଷ୍ଠୀର ଶକ୍ତି କେବଳ ଏହାର ଅର୍ଥନୀତିର ଆକାର ମଧ୍ୟରେ ସୀମିତ ନୁହେଁ, ବରଂ ସେମାନଙ୍କର ଅର୍ଥନୈତିକ କ୍ଷମତାକୁ ବାସ୍ତବ ସହଯୋଗରେ ପରିଣତ କରିବାରେ ନିହିତ ଅଛି। ସେ କହିଛନ୍ତି, 'ଆମେ ବିଶ୍ୱାସ କରୁ ଯେ ବ୍ରିକ୍ସର ପ୍ରକୃତ ଶକ୍ତି କେବଳ ଏହାର ସଦସ୍ୟ ରାଷ୍ଟ୍ରଗୁଡ଼ିକର ଅର୍ଥନୀତିର ଆକାର ମଧ୍ୟରେ ସୀମିତ ନୁହେଁ; ବରଂ ଏହା ସେତେବେଳେ ଅଧିକ ସ୍ପଷ୍ଟ ହୋଇଥାଏ ଯେତେବେଳେ ଏହି କ୍ଷମତାଗୁଡ଼ିକୁ ବାଣିଜ୍ୟ, ନିବେଶ ଏବଂ ମିଳିତ ଆର୍ଥିକ ସହାୟତାର ଏକ ନେଟୱାର୍କରେ ରୂପାନ୍ତରିତ କରାଯାଏ - ଅର୍ଥାତ୍ ସମ୍ଭାବ୍ୟ ସହଯୋଗରୁ କାର୍ଯ୍ୟକ୍ଷମ ସହଯୋଗ ଆଡ଼କୁ ଏକ ପରିବର୍ତ୍ତନ।' ଏହି ଅବସରରେ ମୋଦି ବିଶ୍ୱର ବହୁ ନେତାଙ୍କୁ ଭେଟିଥିଲେ।

## 'ଆମ ସାଥୀ' ହ୍ୱାଟ୍ସଆପ୍ ବଟ୍: ମିଳିବ ୧୪ ପୋଲିସ ସେବା

### ଥାନା କିମ୍ବା ସମ୍ପୃକ୍ତ କାର୍ଯ୍ୟାଳୟକୁ ଯିବା ଆବଶ୍ୟକ ନାହିଁ

ଭୁବନେଶ୍ୱର,୧୧।୯(ନିପ୍ର): ପୋଲିସ ତରଫରୁ ପ୍ରଦାନ କରାଯାଉଥିବା ବିଭିନ୍ନ ଜରୁରୀ ସେବା ପ୍ରାପ୍ତି ନିମନ୍ତେ ପୋଲିସ ଥାନା କିମ୍ବା ସମ୍ପୃକ୍ତ କାର୍ଯ୍ୟାଳୟକୁ ଯିବାର ଆବଶ୍ୟକତା ପଡିବ ନାହିଁ । ପୋଲିସ ସେବା ବ୍ୟବସ୍ଥାକୁ ଅଧିକ ସରଳ, ଦ୍ରୁତ, ସ୍ୱଚ୍ଛ, ନାଗରିକ-କେନ୍ଦ୍ରିକ ଓ ତ୍ୱରିତ୍ ସେବା ଯୋଗାଇ ଦେବାକୁ ଓଡିଶା ପୋଲିସ ଏକ ଅଭିନବ ପଦକ୍ଷେପ ଗ୍ରହଣ କରିଛି। ଏଣିକି ଘରେ ବସି 'ଆମ ସାଥୀ' ହ୍ୱାଟ୍ସଆପ୍ ବଟ୍ ମାଧ୍ୟମରେ ସାଧାରଣ ଲୋକମାନେ ୧୪ଟି ପୋଲିସ-ନାଗରିକ ସେବା ପାଇପାରିବେ। ଡିଜିପି ବିନୟତୋଷ ମିଶ୍ର ଶୁକ୍ରବାର ଡିଜିପି କ୍ୟାମ୍ପ ଅଫିସ୍, ଭୁବନେଶ୍ୱରରେ ଏହି ସେବାର ଶୁଭାରମ୍ଭ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୫ ଡିସେମ୍ବର ୨୦୨୫, ସୁଶାସନ ଦିବସ ଅବସରରେ 'ଆମ ସାଥୀ' ହ୍ୱାଟ୍ସଆପ୍ ବଟ୍‌ର ଶୁଭାରମ୍ଭ କରିଥିଲେ। ଏହା ମାଧ୍ୟମରେ ବିଭିନ୍ନ ସରକାରୀସେବା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶା ସରକାରଙ୍କ ସେଂଟର ଫର ମର୍ଡନାଇଜିଂ ଗର୍ଭନମେଣ୍ଟ ଇନିସିଏଟିଭ୍ (ସିଏମଜିଆଇ), ଏସସିଆରବି, ଓଡ଼ିଶା ପୋଲିସ ଏବଂ ମେଟା ଇଣ୍ଡିଆ




(ହ୍ୱାଟସ୍‌ଆପ୍ )ର ସହଭାଗିତାରେ 'ଆମ ସାଥୀ' ୟୁନିଫାଏଡ୍ ହ୍ୱାଟ୍ସଆପ୍ ବଟ୍ ଜନ ସାଧାରଣଙ୍କ ସେବା ଉଦ୍ଦେଶ୍ୟରେ ବିକଶିତ କରାଯାଇଛି। ଓଡ଼ିଶା ସରକାରଙ୍କ ନାଗରିକ-କେନ୍ଦ୍ରିକ ଡିଜିଟାଲ୍ ସୁଶାସନ ପଦକ୍ଷେପ ଅଧୀନରେ 'ଆମ ସାଥୀ ୟୁନିଫାଏଡ୍ ହ୍ୱାଟ୍ସଆପ୍ ବଟ୍'ରେ ଏହି ସେବାଗୁଡ଼ିକୁ ଯୋଡ଼ାଯାଇଛି।ଷ୍ଟେଟ୍ କ୍ରାଇମ୍ ରେକର୍ଡସ୍ ବ୍ୟୁରୋ (ଏସସିଆରବି), ଓଡ଼ିଶା ପୋଲିସ ପକ୍ଷରୁ ଏଥିପାଇଁ ଆବଶ୍ୟକ ବୈଷୟିକ ସମନ୍ୱୟ ସମ୍ପୂର୍ଣ୍ଣ କରାଯାଇଛି। ଗୃହ ବିଭାଗର ୟୁନିଫାଏଡ୍ ପ୍ଲାଟଫର୍ମର ଓଆରଟିପିଏସଏ ଅଧୀନରେ ୧୪ଟି ପୋଲିସ-ନାଗରିକ ସେବା ଏବେ 'ଆମ ସାଥୀ' ସହ ସମନ୍ୱିତ ହୋଇଛି। ନାଗରିକମାନେ ଏହି ବ୍ୟବସ୍ଥା ମାଧ୍ୟମରେ ଘରେ ବସି ଆବଶ୍ୟକୀୟ ପୋଲିସ ସେବା ପାଇଁ ଆବେଦନ କରିପାରିବେ। ଆବଶ୍ୟକ ତଥ୍ୟ ଓ ଦଲିଲ୍ ଦାଖଲ କରିବା ସହ ଆବେଦନର ସ୍ଥିତି ମଧ୍ୟ ଜାଣିପାରିବେ। ଯେଉଁ ସେବାରେ ଡିଜିଟାଲ୍ ଦଲିଲ୍ ପ୍ରଦାନର ବ୍ୟବସ୍ଥା ରହିଛି, ସେଠାରେ ଅନୁମୋଦିତ ଦଲିଲ୍ ମଧ୍ୟ ହ୍ୱାଟ୍ସଆପ୍ ରେ ପାଇପାରିବେ। ହ୍ୱାଟ୍ସଆପ୍‌ରେ ମିଳିବାକୁ ଥିବା ପୋଲିସ ସେବାଗୁଡିକ ହେଲା ୧. ଚରିତ୍ର ପ୍ରମାଣପତ୍ର, ୨. ବରିଷ୍ଠ ନାଗରିକ ପଞ୍ଜୀକରଣ ,୩. କର୍ମଚାରୀ ସତ୍ୟାପନ ,୪. ହଜିଯାଇଥିବା ସମ୍ପତ୍ତି/ଦଲିଲ୍ ସମ୍ପର୍କିତ ରିପୋର୍ଟ ,୫. ଲାଉଡ୍‌ସ୍ପିକର୍ ଅନୁମତି ପାଇଁ ଏନଓସି, ୬. ଭଡ଼ାଟିଆ/ପିଜି ସତ୍ୟାପନ , ୭. ହଜିଯାଇଥିବା ସମ୍ପତି ପଞ୍ଜୀକରଣ , ୮. ନିଖୋଜ ବ୍ୟକ୍ତି ସମ୍ପର୍କିତ ସୂଚନା ଓ ପଞ୍ଜୀକରଣ ,୯. ଅଭିଯୋଗ ପଞ୍ଜୀକରଣ ,୧୦. କର୍ମଚାରୀ/ଘରୋଇ ସହାୟକ ନିୟୋଜନ ସତ୍ୟାପନ , ୧୧. କାର୍ଯ୍ୟକ୍ରମ/ପ୍ରଦର୍ଶନ ପାଇଁ ଅନୁମତି , ୧୨. ଧାରଣା/ଧର୍ମଘଟ ପାଇଁ ଅନୁମତି, ୧୩. ଏଫଆଇଆରର ନକଲ ପ୍ରଦାନ ଏବଂ ୧୪. ସଡ଼କ ଦୁର୍ଘଟଣା/ଚୋରି ଯାନବାହନ/ଚୋରି ମାମଲା ସମ୍ପର୍କିତ ଫାଇନାଲ ଫର୍ମର ନକଲ ପ୍ରଦାନ।

### ଓରାଂଉଟାନ ପ୍ରସଙ୍ଗ

## ୩ ଜଣଙ୍କୁ ଉଠାଇ ଆଣିଲା ଏସଟିଏଫ

- '୮ଦିନରେ ଘଟଣା ଉପରୁ ପର୍ଦ୍ଦା ଉଠିବ'
- ଇଣ୍ଡୋନେସିଆ କର୍ତ୍ତୃପକ୍ଷଙ୍କ ଫେରାଇବା ପାଇଁ ପ୍ରୟାସ

ଜାକର୍ତ୍ତା/ଭୁବନେଶ୍ୱର, ୧୧।୯: ଇଣ୍ଡୋନେସିଆର କର୍ତ୍ତୃପକ୍ଷ ୫ ଓରାଂଉଟାନ ଶାବକଙ୍କୁ ଭାରତକୁ ଚାଲାଣ କରାଯାଇଥିବା ଅଭିଯୋଗରେ ଫେରାଇ ଆଣିବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। କର୍ତ୍ତୃପକ୍ଷ ସନ୍ଦେହ କରୁଛନ୍ତି ଯେ ସେମାନଙ୍କର ଶାଗୁଆ ଲାଲ ଲୋମ ପାଇଁ ଜଣାଶୁଣା ଓରାଂଉଟାନଗୁଡ଼ିକୁ ଭାରତରେ ଚାଲାଣ କରାଯାଇଥିଲା। ବାଲେଶ୍ୱର ଜିଲ୍ଲା ଭୋଗରାଇ ଅଞ୍ଚଳରୁ ୫ ଓରାଂଉଟାନ ଉଦ୍ଧାର ଘଟଣାରେ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପଶ୍ଚିମବଙ୍ଗ ଦୀଘାର ଏକ ଘରୋଇ ହୋଟେଲରୁ ୩ ଜଣଙ୍କୁ ଉଠାଇ ଆଣିଛି ଏସଟିଏଫ । ତେବେ ଏହି ଘଟଣାରେ ହୋଟେଲ ମାଲିକ ସମ୍ପୃକ୍ତି ଥିବା ସନ୍ଦେହ କରାଯାଇଛି । ତେବେ ୩ ଜଣଙ୍କୁ ଉଠାଇ ନେଇ ଅଧିକ ପଚାର ଉଚରା କରୁଛି ଏସଟି ଏଫ ଟିମ୍ । ବ୍ଲାକ ଥାର ଗାଡ଼ି ବାବଦରେ ଅଧିକ ତଥ୍ୟ ସଂଗ୍ରହ କରାଯାଉଛି। ୮ ଦିନ ମଧ୍ୟରେ ଘଟଣା ଉପରୁ ପର୍ଦ୍ଦା ଉଠିବ ବୋଲି ଡିଜିପି ବିନୟତୋଷ ମିଶ୍ର କହିଛନ୍ତି।

CMYK

ନବପ୍ରଭାତ



## କାଶତଣ୍ଡୀର ଆଗମନରେ ପ୍ରକୃତି ଆନମନା

# ଧରାପୃଷ୍ଠରେ ଅବତରଣ କରିବେ ମା'

*ଧଳା ଚାମର ଧରି ପାର୍ବଣଋତୁକୁ ସ୍ୱାଗତ କରିବା ସହିତ କାଶତଣ୍ଡୀ ଯେମିତି ମା' ଦୁର୍ଗାଙ୍କ ଆଗମନକୁ ଅପେକ୍ଷା କରି ରହିଛି । ଆକାଶର ନୀଳିମାରେ ଖଣ୍ଡ ଖଣ୍ଡ ବାଦଲ । ତଳେ ବସୁମତି ଦେହରେ ଧଳାଫୁଲ ଓ ସବୁଜ ବନାନୀକୁ ନେଇ ପ୍ରକୃତିର ଶୋଭା ବଢ଼ାଉଛି ଏହି ଅପୂର୍ବ ପୁଷ୍ପ ।*







କାଶତଣ୍ଡୀକୁ ଦେଖିଲେ ଶରତ ଋତୁର ଆଗମନ ଏବଂ ପାର୍ବଣ ଋତୁର ଆରମ୍ଭ ବୋଲି ସାରା ଜଗତ ଜାଣିଥାନ୍ତି । ଜଳବାୟୁ ପରିବର୍ତ୍ତନ ଯୋଗୁଁ ପାର୍ବଣ ଋତୁର ଅୟମାରମ୍ଭ ପୂର୍ବରୁ ପସରା ମେଲିଛି କାଶତଣ୍ଡୀ । ଏବର୍ଷ ଟିକେ ଆଗରୁ ଧରିତ୍ରୀ ବୁକୁରେ କାଶତଣ୍ଡୀ ଶୋଭା ପାଉଥିବା ବେଳେ ଦୁର୍ଗା ପୂଜା ହେବାକୁ ଆଉ କିଛି ଦିନ ବାକି ରହିଛି । ଆଶ୍ୱିନରେ ଧରାବତରଣ କରିବେ ଜଗତଜନନୀ । ଏବେ ବିଭିନ୍ନ ସ୍ଥାନରେ କାଶତଣ୍ଡୀର ଶୋଭା ସମ୍ଭାର ଦେଖିବାକୁ ମିଳିଛି । ନଦୀର କୁଳୁକୁଳୁ ନାଦ, ସୁଲୁସୁଲିଆ ପବନରେ ପରିବେଶକୁ ପୁଲକିତ କରୁଛି କାଶତଣ୍ଡୀ । ଧଳା ଚାମର ଧରି ପାର୍ବଣଋତୁକୁ ସ୍ୱାଗତ କରିବା ସହିତ କାଶତଣ୍ଡୀ ଯେମିତି ମା' ଦୁର୍ଗାଙ୍କ ଆଗମନକୁ ଅପେକ୍ଷା କରି ରହିଛି । ଆକାଶର ନୀଳିମାରେ ଖଣ୍ଡ ଖଣ୍ଡ ବାଦଲ । ତଳେ ବସୁମତି ଦେହରେ ଧଳାଫୁଲ ଓ ସବୁଜ ବନାନୀକୁନେଇ ପ୍ରକୃତିର ଶୋଭା ବଢ଼ାଉଛି ଏହି ଅପୂର୍ବ ପୁଷ୍ପ । ଏବେ ପ୍ରକୃତିର ଏହି ଭରପୂର ମନୋହର ଦୃଶ୍ୟ ଦେଖି ଆନନ୍ଦରେ ବିଭୋର ହୋଇ ଉଠୁଛି ତନୁମନ । ସବୁ ନଦନଦୀ, କୃଷି କ୍ଷେତ୍ରର ହୁଡ଼ା, ଜଙ୍ଗଲ ପର୍ବତର ବିସ୍ତୀର୍ଣ୍ଣ ଭୂଭାଗରେ କାଶତଣ୍ଡୀର ପସରା । ଏହାକୁ ଦେଖି ଯିଏ ହେଲେ କିଛି ସମୟ ଅଟକି ଯାଉଛି । ଧଳା ରଙ୍ଗକୁ ଶାନ୍ତିର ପ୍ରତୀକ ଭାବେ ବିବେଚନା କରାଯାଏ । ତେଣୁ କାଶତଣ୍ଡୀ ସାରା ସଂସାରରେ ବିଞ୍ଚି ଚାଲିଛି ସତ୍ୟ ଓ ଶାନ୍ତିର ବାର୍ତ୍ତା । ପ୍ରକୃତି ରାଣୀ କାଶତଣ୍ଡୀର ଧଳା ଚଦରରେ ନିଜକୁ ଘୋଡାଇ ନେଇଛି । ସତରେ ମନକୁ ବିମୋହିତ କରିବା ଭଳି ଦୃଶ୍ୟ । ଯାହାକୁ ଥରେ ଦେଖିଲେ ମନ ପ୍ରଫୁଲ୍ଲିତ ହେବା ସହ ମନକୁ ଅପୂର୍ବ ଆନନ୍ଦ ଦେଇଥାଏ ।





## ବିଘ୍ନ ଦୂର କରୁଥିବା ଭଗବାନ ଗଣେଶଙ୍କର ଅଜଣା କାହାଣୀ



ପ୍ରତ୍ୟେକ ଶୁଭ କାମ ପୂର୍ବରୁ କାହିଁକି ପ୍ରଥମେ ସ୍ମରଣ କରାଯାଏ ଭଗବାନ ଗଣେଶଙ୍କୁ ? ବିବାହ ହେଉ କି ଗୃହପ୍ରବେଶ, ନୂଆ ବ୍ୟବସାୟ ହେଉ କି କୌଣସି ଶୁଭ କାର୍ଯ୍ୟ ସବୁଠି ପ୍ରଥମେ ନିଆଯାଏ ଗଣପତିଙ୍କ ଆଶୀର୍ବାଦ । କିନ୍ତୁ ଜାଣନ୍ତି କି, ଭଗବାନ ଗଣେଶଙ୍କୁ କାହିଁକି କୁହାଯାଏ 'ବିଘ୍ନହର୍ତ୍ତା' ? ଏହି ନାମ ପଛରେ ରହିଛି ଏକ ରୋଚକ ପୌରାଣିକ କାହାଣୀ । ଆସନ୍ତୁ ଜାଣିବା, କିପରି ଦେବତାମାନଙ୍କ ସମସ୍ୟାର ସମାଧାନ କରି ଗଣେଶ ପାଇଥିଲେ ବିଘ୍ନହର୍ତ୍ତାର ପରିଚୟ । ହିନ୍ଦୁ ପରମ୍ପରାରେ ଭଗବାନ ଗଣେଶ ଅନେକ ନାମରେ ପରିଚିତ । ସେଥିମଧ୍ୟରୁ ସବୁଠାରୁ ପ୍ରିୟ ଏବଂ ପ୍ରଚଳିତ ନାମ ହେଉଛି 'ବିଘ୍ନହର୍ତ୍ତା', ଯାହାର ଅର୍ଥ ହେଲା ସମସ୍ତ ବାଧାବିଘ୍ନକୁ ଦୂର କରୁଥିବା ଦେବତା । କିନ୍ତୁ ଭଗବାନ ଗଣେଶଙ୍କ ଏହି ନାମ ପଛରେ ରହିଛି ଏକ କାହାଣୀ । କୁହାଯାଏ, ଦିନେ ଦେବତାମାନେ ଏମିତି ଏକ ସମସ୍ୟାର ସମ୍ମୁଖୀନ ହୋଇଥିଲେ, ଯାହାର ସମାଧାନ ପାଇଁ ଏମିତି ଜଣେ ଶକ୍ତିଶାଳୀ ଦେବତାଙ୍କ ଆବଶ୍ୟକତା ଥିଲା, ଯିଏ ସେମାନଙ୍କ ରାସ୍ତାରେ ଆସୁଥିବା ସମସ୍ତ ବାଧାବିଘ୍ନକୁ ଦୂର କରିପାରିବେ । କେବେ ଅସୁରମାନେ ବାଧା ଦେଉଥିଲେ, ତ କେବେ ଅନ୍ୟ କୌଣସି ଅପ୍ରତ୍ୟାଶିତ ସମସ୍ୟା ଦେବତାମାନଙ୍କ କାର୍ଯ୍ୟକୁ ଅଧାରେ ଅଟକାଇ ଦେଉଥିଲା । ଦେବତାମାନେ ଚିନ୍ତିତ ହୋଇପଡ଼ିଲେ । ସେମାନଙ୍କୁ ଏମିତି ଜଣେ ଦେବତାଙ୍କ ଆବଶ୍ୟକତା ଥିଲା, ଯିଏ ସମସ୍ତ ଶୁଭ କାର୍ଯ୍ୟର ପଥରେ ଆସୁଥିବା ବାଧାକୁ ଦୂର କରିପାରିବେ । ଦେବତାମାନେ ଭଗବାନ ଶିବ ଓ ମାତା ପାର୍ବତୀଙ୍କ ନିକଟରେ ସେମାନଙ୍କ ସମସ୍ୟା ବିଷୟରେ କହିଲେ । ଭଗବାନ ଶିବ ଏକ ପରୀକ୍ଷାର ଆୟୋଜନ କଲେ । କୁହାଗଲା ଯେ, ଯିଏ ସର୍ବପ୍ରଥମେ ସମଗ୍ର ବ୍ରହ୍ମାଣ୍ଡ ପରିକ୍ରମା କରି ଫେରିଆସିବେ, ସେହି ଦେବତାଙ୍କୁ ସର୍ବପ୍ରଥମେ ପୂଜା କରାଯିବ । ଏହି ପ୍ରତିଯୋଗିତାରେ ଭଗବାନ କାର୍ତ୍ତିକେୟ ନିଜ ବାହନ ମୟୂର ଉପରେ ବସି ଦ୍ରୁତ ଗତିରେ ବ୍ରହ୍ମାଣ୍ଡ ପରିକ୍ରମା ପାଇଁ ବାହାରି ପଡ଼ିଲେ । କିନ୍ତୁ ଭଗବାନ ଗଣେଶ ଅନ୍ୟ ଏକ ପଥ ବାଛିଲେ । ଗଣେଶ ଥିଲେ ଅତି ବୁଦ୍ଧିମାନ । ତେଣୁ ସେ ନିଜ ମୂଷିକ ବାହନ ଉପରେ ବିରାଜମାନ କଲେ ଆଉ ନିଜ ପିତା ଭଗବାନ ଶିବ ଓ ମାତା ପାର୍ବତୀଙ୍କ ଚାରିପାଖରେ ପରିକ୍ରମା କରିବାକୁ ଲାଗିଲେ । ତାପରେ ଗଣେଶ କହିଲେ "ମୋ ପାଇଁ ମୋର ମାତା ଓ ପିତା ହିଁ ସମଗ୍ର ବ୍ରହ୍ମାଣ୍ଡ । ସେମାନଙ୍କ ପରିକ୍ରମା କରିବା ଅର୍ଥ ସମଗ୍ର ସୃଷ୍ଟିକୁ ପରିକ୍ରମା କରିବା ।" ଗଣେଶଙ୍କ ଏହି ବୁଦ୍ଧି, ଜ୍ଞାନ ଓ ଭକ୍ତି ଦେଖି ଭଗବାନ ଶିବ ଓ ମାତା ପାର୍ବତୀ ଅତ୍ୟନ୍ତ ପ୍ରସନ୍ନ ହେଲେ ଆଉ ତାଙ୍କୁ ବରଦାନ ଦେଲେ ଯେ ଆଗାମୀ ଦିନରେ "କୌଣସି ଶୁଭ କାର୍ଯ୍ୟ ଆରମ୍ଭ ପୂର୍ବରୁ ସର୍ବପ୍ରଥମେ ତୁମର ପୂଜା କରାଯିବ ।" ଏହା ସହିତ ଗଣେଶଙ୍କୁ ସମସ୍ତ କାର୍ଯ୍ୟରେ ଆସୁଥିବା ବାଧାବିଘ୍ନ ଦୂର କରିବାର ଦାୟିତ୍ୱ ମଧ୍ୟ ଦିଆଗଲା । 'ବିଘ୍ନ'ର ଅର୍ଥ ହେଉଛି ବାଧା ଓ 'ହର୍ତ୍ତା'ର ଅର୍ଥ ହେଉଛି ଯିଏ ଦୂର କରନ୍ତି । ତେଣୁ ବିଘ୍ନହର୍ତ୍ତା ଅର୍ଥ ହେଲେ ସେହି ଦେବତା, ଯିଏ ଜୀବନର ପଥରେ ଆସୁଥିବା ବାଧାକୁ ଦୂର କରନ୍ତି । ସେହିଦିନଠାରୁ ଭଗବାନ ଗଣେଶ 'ବିଘ୍ନହର୍ତ୍ତା' ନାମରେ ପରିଚିତ ହେଲେ । ଏହି କାହାଣୀ କେବଳ ଧାର୍ମିକ ବିଶ୍ୱାସ ନୁହେଁ, ବରଂ ଏହା ଆମକୁ ଏକ ବଡ଼ ଶିକ୍ଷା ମଧ୍ୟ ଦେଇଥାଏ । ଜୀବନର ପ୍ରତ୍ୟେକ ସମସ୍ୟାର ସମାଧାନ କେବଳ ଶକ୍ତି କିମ୍ବା ଗତିରେ ନୁହେଁ, ବରଂ ବୁଦ୍ଧି, ଧୈର୍ଯ୍ୟ ଓ ସଠିକ୍ ଚିନ୍ତାଧାରାରେ ଲୁଚି ରହିଥାଏ । ସେଥିପାଇଁ ଯେତେବେଳେ ଆମେ କୌଣସି ନୂଆ କାମ ଆରମ୍ଭ କରୁ, ସେତେବେଳେ ପ୍ରଥମେ ଭଗବାନ ଗଣେଶଙ୍କୁ ସ୍ମରଣ କରିଥାଉ ।

> "ବକ୍ରତୁଣ୍ଡ ମହାକାୟ,
> ସୂର୍ଯ୍ୟକୋଟି ସମପ୍ରଭ ।
> ନିର୍ବିଘ୍ନଂ କୁରୁ ମେ ଦେବ,
> ସର୍ବକାର୍ଯ୍ୟେଷୁ ସର୍ବଦା"



## ମୟୂର ପୁଚ୍ଛ ଘରେ ଥିଲେ ଦୂର ହୁଏ ବାସ୍ତୁ ଦୋଷ



ପ୍ରତିଟି ମଣିଷ ନିଜ ଘରେ ସୁଖ ଶାନ୍ତିରେ ରହିବାକୁ ଇଚ୍ଛା କରିଥାଏ । ଯଦି ଘରେ ଅଭାବ ଅନଟନ ଓ କଳିଝଗଡ଼ା ଲାଗି ରୁହେ ତାହାହେଲେ ମଣିଷ ସବୁବେଳେ ଚାପରେ ରହିଥାଏ । ଘରର ବାସ୍ତୁଦୋଷ ଥିଲେ ଏପରି ସମସ୍ୟା ଭୋଗିବାକୁ ପଡ଼ିଥାଏ ବୋଲି ବାସ୍ତୁବିତ୍ ମତାମତ ଦେଇଥାନ୍ତି । ଏହାର ନିରାକରଣ ପାଇଁ ମଧ୍ୟ ଉପାୟ ଦେଇଥାନ୍ତି । ଯାହା କରିବା ଦ୍ୱାରା ଘରେ ଶାନ୍ତିର ବାତାବରଣ ସୃଷ୍ଟି ହୋଇଥାଏ । ସେଥିମଧ୍ୟରୁ ଘରେ ଯଦି ମୟୂର ପୁଚ୍ଛ ରଖିବେ ତାହାହେଲେ ଘରେ ଥିବା ବାସ୍ତୁଦୋଷ ଦୂର ହେବା ସହ ଶୁଭ ଫଳ ମିଳିଥାଏ ବୋଲି ବାସ୍ତୁବିତ୍‌ମାନେ ମତାମତ ଦେଇଛନ୍ତି । ଏପରିକି ମୟୂର ପୁଚ୍ଛ ସହ ଧନର ଦେବୀ ମା' ଲକ୍ଷ୍ମୀଙ୍କର ସମ୍ପର୍କ ରହିଥିବା କୁହାଯାଇଥାଏ । ଘରେ ଏହି ପୁଚ୍ଛ ରଖିଲେ ଶୁଭ ଫଳ ମିଳିଥାଏ । ଏହାସହ ଘରକୁ କୌଣସି ନକାରାତ୍ମକ ଶକ୍ତି ପ୍ରବେଶ କରିପାରନ୍ତି ନାହିଁ । ଘରର ବାସ୍ତୁଦୋଷ ଦୂର କରିବାରେ ମଧ୍ୟ ସାହାଯ୍ୟ କରିଥାଏ । ଘରେ ଏହି ପୁଚ୍ଛ ପୂର୍ବ ଦିଗରେ ରଖିଲେ ସୁଖ ଶାନ୍ତିର ବାତାବରଣ ସୃଷ୍ଟି ହୋଇଥାଏ । ଘରେ ଏହି ପୁଚ୍ଛ ଉତ୍ତର -ପଶ୍ଚିମ ଦିଗରେ ରଖିଲେ ଘର ଅଭାବ ଅନଟନ ଦୂର ହୋଇଥାଏ । ଏହାସହ ଧନବୃଦ୍ଧିରେ ସହାୟକ ହୋଇଥାଏ ।

## ସେନାପତି ଥିଲେ ହନୁମାନ



ଦୀର୍ଘଦିନର ଯୁଦ୍ଧରେ ସେନାପତି ଥିଲେ ହନୁମାନ । ଏକ ଘମାଘୋଟ ଲଢ଼େଇ ସମୟରେ, ପ୍ରଭୁ ରାମଚନ୍ଦ୍ରଙ୍କ ସାନଭାଇ ଲକ୍ଷ୍ମଣ ଗୁରୁତର ଆହତ ହୋଇଗଲେ । ଯୁଦ୍ଧକ୍ଷେତ୍ରକୁ ରାଜବୈଦ୍ୟ ଆସି ଲକ୍ଷ୍ମଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି କହିଲେ ଯେ, ହିମାଳୟରେ ପର୍ବତରେ ଏକ ପ୍ରକାର ମୂଲ୍ୟବାନ ଔଷଧୀୟ ବୃକ୍ଷ ରହିଛି, ଯାହାକୁ ଆଣିପାରିଲେ ଲକ୍ଷ୍ମଣ ଭଲ ହୋଇପାରିବେ । କିନ୍ତୁ ଏପରି ଏକ ଜୀବନ ମରଣ ସମୟରେ, ଯେଉଁଠି ଘମାଘୋଟ ଯୁଦ୍ଧ ଚାଲିଛି, ସେପରି ସମୟରେ କୋଶ କୋଶ ଦୂରରେ ଥିବା ହିମାଳୟ ପର୍ବତକୁ ଯିବ କିଏ ? ହନୁମାନ ହିଁ ଏକମାତ୍ର ବ୍ୟକ୍ତି ଥିଲେ ଯିଏ ଯଥାଶୀଘ୍ର ଆକାଶରେ ଉଡ଼ି ସେଠାରେ ପହଞ୍ଚି ପାରିବେ ।

## ସୁସ୍ଥ ଜୀବନ ପାଇଁ ସୁସ୍ଥ ହୃଦୟ

ଆମ ଶରୀରର ସମସ୍ତ ଅଙ୍ଗକୁ ରକ୍ତ ବହନ କରି ଅମ୍ଳଜାନ ଏବଂ ପୋଷକ ତତ୍ତ୍ୱ ଯୋଗାଏ । ଏହାର ଅର୍ଥ ଏକ ସୁସ୍ଥ ଜୀବନ ପାଇଁ ଆପଣଙ୍କ ହୃଦୟ ସୁସ୍ଥ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଆଜିର ବ୍ୟସ୍ତବହୁଳ ଜୀବନରେ, ଆମେ ପ୍ରାୟତଃ ଆମର ସ୍ୱାସ୍ଥ୍ୟକୁ ଅଣଦେଖା କରିଥାଉ । ଏପରି ପରିସ୍ଥିତିରେ, ଖରାପ ଜୀବନଶୈଳୀ,



ଖାଇବା ଅଭ୍ୟାସ ଏବଂ ବ୍ୟାୟାମ ଅଭାବ ହେତୁ ଓଜନ ବୃଦ୍ଧି ହେବା ସହ ହୃଦରୋଗ ଆଶଙ୍କା ରହୁଛି । ନିଜକୁ ସୁସ୍ଥ ଏବଂ ହୃଦ୍‌ରୋଗରୁ ଦୂରେଇ ରଖିବାକୁ ଚାହାଁନ୍ତି, ତେବେ ପ୍ରତିଦିନ ସକାଳେ ଉଠନ୍ତୁ ଏବଂ ଗୋଟିଏ କାମ କରନ୍ତୁ । ସେହି କାମ ହେଉଛି ବ୍ୟାୟାମ । ତଥାପି, ନିଜକୁ ଫିଟ୍ ରଖିବା ପାଇଁ ଜିମ୍ ଯିବା ଜରୁରୀ ନୁହେଁ । ହୃତ୍‌ପିଣ୍ଡକୁ ସୁସ୍ଥ ରଖିବା ପାଇଁ, ଯଦି ସକାଳେ ଅଧ ଘଣ୍ଟା ଚାଲନ୍ତି, ତେବେ ଖରାପ କୋଲେଷ୍ଟ୍ରଲ ନିୟନ୍ତ୍ରଣ ହେବ । ଦୈନିକ ଏତିକି ସମୟ ଚାଲିବା ଶରୀର ଏବଂ ହୃତପିଣ୍ଡକୁ ସୁସ୍ଥ ରଖେ । ସକାଳେ ଅଧ ଘଣ୍ଟା ଚାଲିବାର ଲାଭ କଣ ହେବ ଏବଂ ଗୋଟିଏ ଦିନରେ ଆପଣ କେତେ ଷ୍ଟେପ୍ ଚାଲିବା ଉଚିତ ?, ହୃତପିଣ୍ଡ ସ୍ୱାସ୍ଥ୍ୟ ପାଇଁ ଦିନରେ କେତେ ପଦକ୍ଷେପ ଚାଲିବା ଉଚିତ୍ । ହୃତପିଣ୍ଡକୁ ସୁସ୍ଥ ରଖିବା ପାଇଁ ନିୟମିତ ଚାଲିବା ଜରୁରୀ । ଡାକ୍ତରଙ୍କ ଅନୁଯାୟୀ ବୟସ୍କମାନେ ଦିନକୁ ୧୦ ହଜାର ପାହାଚ ଚଢ଼ିବା ଉଚିତ । ଯଦି ସକାଳେ ଅଧ ଘଣ୍ଟା ଚାଲନ୍ତି, ତେବେ ଆପଣ ହଜାରେ ପାହାଚ ଚାଲିବେ, ଅବଶିଷ୍ଟ ୫ ହଜାର ଷ୍ଟେପ୍ ପୂରା ଦିନରେ ସଂପୂର୍ଣ୍ଣ କରିବା ଉଚିତ । ୧୦ ହଜାର ଷ୍ଟେପ୍ କିପରି ସମ୍ପୂର୍ଣ୍ଣ କରିବେ ? ଯଦି ନିକଟସ୍ଥ କୌଣସି ସ୍ଥାନକୁ ଯିବାକୁ ପଡ଼ିବ, ଚାଲନ୍ତୁ କିମ୍ବା କାର୍ ବଦଳରେ ସାଇକେଲ ବ୍ୟବହାର କରନ୍ତୁ । ଯିବା ଆସିବା ପାଇଁ ଲିଫ୍ଟ ବଦଳରେ ସିଡ଼ି ବ୍ୟବହାର କରନ୍ତୁ । ଘରଟି ନିଜେ ସଫା କରନ୍ତୁ, ଫ୍ଲୋର ସଫା କରିବା, ବାସନ ଧୋଇବା କିମ୍ବା ସପିଂ ଭଳି କାମ କରନ୍ତୁ । ଅଫିସରେ ମଧ୍ୟାହ୍ନ ଭୋଜନ ବିରତି ସମୟରେ ପ୍ରତିଦିନ ଚାଲିବାକୁ ଚେଷ୍ଟା କରନ୍ତୁ । ଯଦି ଘରେ ଗୃହପାଳିତ ପଶୁ ଅଛନ୍ତି, ସେମାନଙ୍କୁ ପ୍ରତିଦିନ ବୁଲିବାକୁ ନିଅନ୍ତୁ ।



## 'ଆମ ଗାଁ ତହସିଲ' କାର୍ଯ୍ୟକ୍ରମ



ଡେରାବିଶ(ନିପ୍ର): ଡେରାବିଶ ତହସିଲ ଅଧୀନ ବଳଭଦ୍ରପୁର ରାଜସ୍ୱ କାର୍ଯ୍ୟାଳୟ ପରିସରରେ 'ଆମ ଗାଁ ତହସିଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜସ୍ୱ ସୁପରଭାଇଜର ମାନସ କୁମାର ନାଥ ଓ ଜ୍ୟୋତିର୍ମୟୀ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିବା ବେଳେ, ବଳଭଦ୍ରପୁର ରାଜସ୍ୱ ନିରୀକ୍ଷକ ପ୍ରିୟଙ୍କା ଜେନା କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ରାଜସ୍ୱ ସମ୍ବନ୍ଧୀୟ ବିଭିନ୍ନ ସେବା ଲୋକଙ୍କୁ ପ୍ରଦାନ କରାଯାଇଥିଲା । ଏହି ଅବସରରେ ୬ଟି ମ୍ୟୁଟେସନ ପଟ୍ଟା ବଣ୍ଟନ କରାଯାଇଥିଲା । ସେହିପରି ୪୨ ଜଣଙ୍କୁ କଲମ-୨ ପଟ୍ଟା ଏବଂ ୩୬ ଜଣଙ୍କୁ ମିସ୍ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା । ଗ୍ରାମାଞ୍ଚଳର ଲୋକମାନେ ଯେପରି ରାଜସ୍ୱ ସମ୍ବନ୍ଧୀୟ ସେବା ପାଇଁ ଦୂରକୁ ଯିବାକୁ ନପଡ଼ନ୍ତି, ସେଥିପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜନକୁ ସ୍ଥାନୀୟ ଲୋକେ ସ୍ୱାଗତ କରିଛନ୍ତି ।

## ଜିଲ୍ଲା ସଡ଼କ ସୁରକ୍ଷା ଓ ହାଇୱେ ସେଫଟି ଟାସ୍କଫୋର୍ସ ବୈଠକ



ନୟାଗଡ(ନିପ୍ର): ନୟାଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହରେ ଆଞ୍ଚଳିକ ପରିବହନ ପ୍ରାଧିକରଣ, ନୟାଗଡଙ୍କ ଆନୁକୂଲ୍ୟରେ ଜିଲ୍ଲା ସଡ଼କ ସୁରକ୍ଷା ଓ ହାଇୱେ ସେଫଟି ଟାସ୍କ ଫୋର୍ସ ବୈଠକ ହୋଇଯାଇଛି । ଏହି ବୈଠକରେ ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତା ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ରଙ୍କ ଉପସ୍ଥିତିରେ ସଡ଼କ ଦୁର୍ଘଟଣାର କାରଣଗୁଡ଼ିକ ଉପରେ ବିଶ୍ଳେଷଣ କରାଯାଇ ତାହାର ନିରାକରଣ ନିମନ୍ତେ ପଦକ୍ଷେପ ନେବା ପାଇଁ ଉପସ୍ଥିତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଦିନକୁ ଦିନ ବଢୁଥିବା ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ପୋଲିସ୍,ଆଞ୍ଚଳିକ ପରିବହନ ଅଧିକାରୀ ଓ ପୌରପାଳିକା ବିଭାଗର ମିଳିତ ସହଯୋଗରେ ଅବୈଧ ପାର୍କିଂ ବିରୁଦ୍ଧରେ ଜଏଣ୍ଟ ଏନଫର୍ସମେଣ୍ଟ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ଦୁର୍ଘଟଣା ପ୍ରବଣ ନୟାଗଡ଼ ବାଇପାସ୍‌ରେ ଆଲୋକ ବ୍ୟବସ୍ଥା ସୁଦୃଢ଼ କରିବା ନିମନ୍ତେ ଏନଏଚ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପୌରାଞ୍ଚଳରେ ଟ୍ରାଫିକ ସମସ୍ୟା ଏଡ଼ାଇବା ପାଇଁ ରାସ୍ତା କଡ଼ରେ ଅବୈଧ ଭାବରେ ବସିଥିବା ବେପାରୀମାନଙ୍କୁ ସ୍ଥାନାନ୍ତର କରିବା ନିମନ୍ତେ ପୌରପାଳିକା ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ଟ୍ରାଫିକ ନିୟମ ଉଲ୍ଲଙ୍ଘନକାରୀମାନଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ମଦ୍ୟପାନ,ବିନା ହେଲମେଟ ଓ ମୋବାଇଲ ବ୍ୟବହାର କରି ଗାଡ଼ି ଚଳାଉଥିବା ଚାଳକମାନଙ୍କ ଉପରେ କଡ଼ା ଦୃଷ୍ଟି ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ସଡ଼କ ସୁରକ୍ଷା କମିଟିର ସମସ୍ତ ସଦସ୍ୟ, ଜିଲ୍ଲା ଅଧିକାରୀ ବୃନ୍ଦ,ଘରୋଇ ବସ୍ ମାଲିକ ସଂଘ,ଟ୍ରକ୍ ମାଲିକ ସଂଘ,ବରିଷ୍ଠ ନାଗରିକ ସଂଘ ଏବଂ ଅନ୍ୟାନ୍ୟ ସଦସ୍ୟ ବୃନ୍ଦ ଯୋଗ ଦାନ କରିଥିଲେ । ଶେଷରେ ଆଞ୍ଚଳିକ ପରିବହନ ଅଧିକାରୀ ଶ୍ରୀଯୁକ୍ତ ବିଭୂରଞ୍ଜନ ନାଏକ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

କଣ୍ଟିଲୋ (ନି.ପ୍ର): ଖଣ୍ଡପଡ଼ା ସହରର ବାଇପାସ ରାସ୍ତା ପାର୍ଶ୍ୱସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୧୧ ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି । ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଅନୁଷ୍ଠାନର ଅଧକ୍ଷାଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଖଣ୍ଡପଡ଼ା ତହସିଲଦାର ବିଶ୍ୱ ବିଶୃତ ତ୍ରିପାଠୀ, ଖଣ୍ଡପଡ଼ା ବ୍ଲକ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ, ଖଣ୍ଡପଡ଼ା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କର, ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ.ଅଭିସାର ପଣ୍ଡା ପ୍ରମୁଖ ଯୋଗ ଦେଇ ଅନୁଷ୍ଠାନର ଉତ୍ତୋରତର ଉନ୍ନତି କାମନା କରିବା ସହ ନୟାଗଡ ଜିଲ୍ଲାସ୍ତରରେ ଗୁଣାତ୍ମକ ଶିକ୍ଷାଦାନ କ୍ଷେତ୍ରରେ ଖଣ୍ଡପଡ଼ା ଓଡିଶା ଆଦର୍ଶ ବିଦ୍ୟାଳୟର ସୁନାମ ରହିଛି ବୋଲି ମତ ଦେଇଥିଲେ । ଛାତ୍ରଛାତ୍ରୀମାନେ ଶିକ୍ଷା ଗ୍ରହଣ କରି ଜଣେ ଜଣେ ସୁନାଗରିକ ହେବା ସହ ଭବିଷ୍ୟତରେ ସମାଜର ପଥ ପ୍ରଦର୍ଶକ ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ । ବରିଷ୍ଠ ଶିକ୍ଷକ ମନୋଜ କୁମାର ବିଶ୍ୱାଳ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଏ ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କାର ବିତରଣ କରାଯାଇଥିଲା । ପରିଶେଷରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ଛାତ୍ରୀ ବଂଶିକା ସାଇକୃପାଙ୍କ ଓଡିଶୀ ନୃତ୍ୟ ପରିବେଷଣ ସମସ୍ତଙ୍କ ମନକୁ ଛୁଇଁ ପାରିଥିଲା ।

# ଲଗାଣ ବର୍ଷାରେ ଭାଙ୍ଗିଗଲା ପୋଲ

# ସଂକ୍ରିପାଳି–ଲତାବାଞ୍ଜି ଜଙ୍ଗଲ ରାସ୍ତାରେ ଯାତାୟାତ ବିଚ୍ଛିନ୍ନ

ଗୋଲାମୁଣ୍ଡା,(ନି.ପ୍ର ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅଧୀନ ରେଙ୍ଗସାପାଲି ଗ୍ରାମ ପଞ୍ଚାୟତର ସଂକ୍ରିପାଳି ଠାରୁ ବଡଚେରଗାଁ ଗ୍ରାମ ପଞ୍ଚାୟତର ଲତାବାଞ୍ଜିକୁ ସଂଯୋଗ କରୁଥିବା ଜଙ୍ଗଲ ରାସ୍ତାରେ ଲଗାଣ ବର୍ଷା ଯୋଗୁଁ ଜୋର ଉପରେ ଥିବା ପୋଲ ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଛି । ଫଳରେ ଏହି ରାସ୍ତାରେ ଯାତାୟାତ ପ୍ରାୟ ବନ୍ଦ ହୋଇଯାଇଥିବାରୁ ଅଞ୍ଚଳବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତାଟି ଦୁଇଟି ଗ୍ରାମ ପଞ୍ଚାୟତ ଅଞ୍ଚଳକୁ ସଂଯୋଗ କରୁଥିବାରୁ ଦୈନନ୍ଦିନ ଯାତାୟତ ସହ ଲୋକଙ୍କ ବିଭିନ୍ନ ଆବଶ୍ୟକତା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାର୍ଗ । କିନ୍ତୁ ପୋଲ ଭାଙ୍ଗିଯିବା ପରେ ରାସ୍ତାରେ ଯାନବାହନ ଚଳାଚଳ ସମ୍ଭବ ହେଉନାହିଁ । ଏଥିଯୋଗୁଁ ଜରୁରୀ ସମୟରେ ରୋଗୀଙ୍କୁ ଡାକ୍ତରଖାନା ନେବା, ଚାଷୀଙ୍କ ଯାତାୟତ ଓ ଅନ୍ୟାନ୍ୟ ଦୈନନ୍ଦିନ କାର୍ଯ୍ୟରେ ମଧ୍ୟ ଅସୁବିଧା ସୃଷ୍ଟି ହେବାର ଆଶଙ୍କା ରହିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବର୍ଷା ଜାରି ରହିଲେ ପୋଲ ଭାଙ୍ଗିଥିବା ସ୍ଥାନରେ ଜଳସ୍ରୋତ ଅଧିକ ବଢ଼ିପାରେ । ଏହାଦ୍ୱାରା ଦୁର୍ଘଟଣାର ଆଶଙ୍କା ମଧ୍ୟ ରହିଛି । ତେଣୁ ଜନସାଧାରଣଙ୍କ ସୁରକ୍ଷା ଓ ଯାତାୟାତ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଭାଙ୍ଗିଯାଇଥିବା ପୋଲ ଓ ରାସ୍ତାର ଶୀଘ୍ର ମରାମତି



କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏହି ରାସ୍ତାଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବାରୁ ବିଭାଗୀୟ ଅଧିକାରୀ ଓ ପ୍ରଶାସନ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିବା ସହ ତୁରନ୍ତ ଅସ୍ଥାୟୀ ଯାତାୟାତ ବ୍ୟବସ୍ଥା କରିବା ଏବଂ ପରେ ସ୍ଥାୟୀ ଭାବେ ପୋଲ ନିର୍ମାଣ କରିବାକୁ ଦାବି ହୋଇଛି । ବର୍ଷା ପୂର୍ବରୁ ପଦକ୍ଷେପ ନିଆଯାଇନଥିଲେ ଆଗାମୀ ଦିନରେ ଯାତାୟାତ ସମସ୍ୟା ଆହୁରି ଗୁରୁତର ହେବାର ଆଶଙ୍କା ରହିଛି । ତେଣୁ ଏହି ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର 'ସଂସ୍କୃତି ବିଚିତ୍ରା'

## କଳା ଓ ସଂସ୍କୃତିର ବିକାଶ ଦିଗରେ ଅଧିକ ଉତ୍ସାହିତ କରିବ

ଭୁବନେଶ୍ୱର(ନିପ୍ର): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ 'ସଂସ୍କୃତି ବିଚିତ୍ରା' ରବୀନ୍ଦ୍ର ମଣ୍ଡପଠାରେ କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ବରିଷ୍ଠ ଶିକ୍ଷାବିତ୍ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ପ୍ରତିଭା ପ୍ରଦର୍ଶନ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ବହୁମୁଖୀ ସାଂସ୍କୃତିକ ପ୍ରତିଭାକୁ ପ୍ରତିଫଳିତ କରିବ ବୋଲି କହିଥିଲେ । ସମ୍ମାନିତ ଅତିଥି ବରିଷ୍ଠ ସାହିତ୍ୟିକ ବୈଷ୍ଣବ ଚରଣ ମହାନ୍ତି



ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ କଳାତ୍ମକ ପ୍ରତିଭାର ପ୍ରଦର୍ଶନ ନିମନ୍ତେ ଏପରି କାର୍ଯ୍ୟକ୍ରମର ଆବଶ୍ୟକତା ସଂପର୍କରେ ଆଲୋକପାତ କରିଥିଲେ । କୁଳପତି ପ୍ରଫେସର ଆଚାର୍ଯ୍ୟ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ପ୍ରାସଙ୍ଗିକତା ସଂପର୍କରେ ବକ୍ତବ୍ୟ ରଖିଥିଲେ । ଓଡ଼ିଶୀ କଣ୍ଠ ସଂଗୀତ ବିଭାଗ ଛାତ୍ରୀମାନେ ଶ୍ରୀ ଜୟଦେବଙ୍କ ଗୀତଗୋବିନ୍ଦରୁ ଦଶାବତାର ବନ୍ଦନା ଓ ମଙ୍ଗଳ ଗୀତ ପରିବେଷଣ କରିଥିବା ବେଳେ ଡ. ଜବାହର ମିଶ୍ର ଓ ଡ. ଶାରଦା ପ୍ରସନ୍ନ ଦାସଙ୍କ ନିର୍ଦ୍ଦେଶିତ ସୀତାର, ବେହେଲା ଓ ବଂଶୀକୁ ନେଇ 'ବର୍ଷାଋତୁ' ଉପରେ ବୃନ୍ଦବାଦ୍ୟ ପରିବେଷିତ ହୋଇଥିଲା । ଗୁରୁ ଉତ୍ତମ କୁମାର ମହନ୍ତଙ୍କ ନିର୍ଦ୍ଦେଶନାରେ ଛଉନୃତ୍ୟ 'ଏକଲବ୍ୟ' ପରିବେଷିତ ହୋଇଥିଲା । କାର୍ଯ୍ୟକ୍ରମକୁ ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ଓ ଡ. ଜ୍ଞାନରଞ୍ଜନ ପଣ୍ଡା ସଂଯୋଜନା କରିଥିଲେ ।

## ଆଚାର୍ଯ୍ୟ ବିନୋବା ଭାବେଙ୍କ ଜୟନ୍ତୀ

ପୁରୀ,(ନିପ୍ର): ଆଚାର୍ଯ୍ୟ ବିନୋବା ଭାବେ ସ୍ମୃତି ପରିଷଦ ପକ୍ଷରୁ ସର୍ବୋଦୟନଗର ଠାରେ ଆଜି ଆଚାର୍ଯ୍ୟ ବିନୋବା ଭାବେଙ୍କ ୧୩୧ ତମ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ବିନୋବାଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯାଇଥିଲା । ପରିଷଦ ପକ୍ଷରୁ ଆବାହକ ସାମ୍ବାଦିକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଜଳ, ଜମି ଓ ଜଙ୍ଗଲକୁ ନେଇ ଅନୁସୂଚୀତ ଜନଜାତିଙ୍କ ଆନ୍ଦୋଳନ ଓ ସରକାରଙ୍କ ସହଯୋଗରେ ବିନୋବା ଭାବେ ଗ୍ରାମଦାନ ମୂଳକ ଗ୍ରାମଦ୍ୟୋଗ ପ୍ରଧାନ ଅହିଂସାତ୍ମକ କ୍ରାନ୍ତିର ବାର୍ତ୍ତା ପ୍ରଚାର ପାଇଁ ଭାରତ ପଦଯାତ୍ରା ସମୟରେ ୨୯-୬-୧୯୫୫ ପରଠାରୁ ୨ ମାସ କାଳ କୋରାପୁଟରେ ରହିଥିବା ନଜିର ରହିଛି । ଏହି ସମୟ ମଧ୍ୟରେ ଭୂଦାନ ଯଜ୍ଞ କମିଟି କୋରାପୁଟରେ ୧୩ ହଜାର ଦାତାଙ୍କଠାରୁ ୧୮୧ ଗ୍ରାମଦାନ ଏବଂ ୭୮ ହଜାର ଏକର ଜମି ପାଇଥିଲେ । କଟକ, ବାଲେଶ୍ୱର ଏବଂ ସମ୍ବଲପୁରର ଶତାଧିକ ଭୂଦାନ କର୍ମୀ କୋରାପୁଟରେ କାର୍ଯ୍ୟ କରିଥିଲେ । କୋରାପୁଟରେ ଚାଲିଥିବା ଭୂଦାନ ଆନ୍ଦୋଳନ ସମଗ୍ର ଦେଶକୁ ପ୍ରେରଣା ଦେଇଥିଲା । ସେତେବେଳେ ଡୁମୁରି ରିପଦର ଠାରେ ଅନୁଷ୍ଠିତ ଏକ ସଭାରେ ବିନୋବା ମନ୍ତବ୍ୟ ଦେଇ କହିଥିଲେ ଯେ, କୋରାପୁଟରେ ୨ ଶହ ଗାଁର ଗ୍ରାମବାସୀମାନେ ସେମାନଙ୍କର ସମସ୍ତ ଜମି ଭୂଦାନକୁ ଦାନ କରିଛନ୍ତି ଓ ସେମାନଙ୍କ ଗ୍ରାମରେ କେହି ଭୂମିହୀନ ରହିବେ ନାହିଁ ।ତେବେ ୧୯୫୫ ରେ ବିନୋବା ଭାବେ ଓଡ଼ିଶା ଛାଡ଼ିବା ବେଳକୁ ଓଡ଼ିଶାରେ ୮୧୨ ଗ୍ରାମ ଦାନ ଗ୍ରାମ ଥିଲା ଯେଉଁଥିରୁ ୬୦୫ ଟି କେବଳ କୋରାପୁଟ ଜିଲ୍ଲାର ଥିଲା ।

## ବିଭିନ୍ନ ସ୍କୁଲ୍‌ରେ ସଚେତନତା କାର୍ଯ୍ୟକ୍ରମ

ଅନୁଗୋଳ, (ନିପ୍ର): ଅନୁଗୋଳ ଜିଲ୍ଲା ବଁଅରପାଳ ବ୍ଲକ ଅରା ହାଟ, ବଉଳିଗୋଡ଼ କଙ୍କିନାଳି, ପୁରୀକିଆ ଠାରେ ସ୍କୁଲ୍ ସଚେତନତା କରାଯାଇଛି । ବିଶ୍ୱ ଯୁବ କେନ୍ଦ୍ର ବଣୀନାଳୀ ଅନୁଗୋଳ ଦ୍ୱାରା ପରିଚାଳିତ ଜଷ୍ଟ ରାଇଟ ଫର୍ ଚିଲଡ୍ରେନ୍ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ରେ ଶିକ୍ଷକ ଶିକ୍ଷୟତ୍ରୀ ଅଙ୍ଗନୱାଡ଼ି କର୍ମୀ, , କିଶୋର, କିଶୋରୀ ଉପସ୍ଥିତଥିଲେ । ଶିଶୁଙ୍କୁ ନିଜର ଅଧିକାରରୁ ବଞ୍ଚିତ କରି ବାଲ୍ୟ ବିବାହ, ଶିଶୁ ଚାଲାଣ, ଶିଶୁ ଯୌନ ନିର୍ଯାତନା, ଶିଶୁ ଶ୍ରମିକ ତଥା ଜୀବନ ପ୍ରତି ବିପଦ ସଙ୍କୁଳନ କାର୍ଯ୍ୟରେ ନିୟୋଜିତ ତଥା ଏହାର ଭୟାବହତା ଉପରେ ଆଲୋଚନା କରାଯାଇଥିଲା । ବାଲ୍ୟ ବିବାହ ତଥା ଶିଶୁଙ୍କୁ ଶ୍ରମରେ ନିୟୋଜିତ କରୁଥିବା ଲୋକଙ୍କ ପାଇଁ ଭାରତୀୟ ଆଇନ୍ ଅନୁଯାୟୀ ବାଲ୍ୟ ବିବାହର ଦଣ୍ଡ ବିଧାନ ଓ ନିୟମାବଳୀ ଏବଂ ପ୍ରତ୍ୟେକ ଶିଶୁର ଚାରୋଟି ପ୍ରାଥମିକ ଅଧିକାର ବିଷୟରେ ଆଲୋଚନା କରାଯାଇଥିଲା । ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ଓ ପୂଜା ସ୍ୱାଇଁ ଙ୍କ ତତ୍ତ୍ୱା ବଧାନ ରେ ପ୍ରକଳ୍ପ ସହଯୋଗୀଲକ୍ଷ୍ମୀ ବେହେରା ସଭା ପରିଚାଳନା କରିଥିଲେ ।

## ମତ୍ସ୍ୟ ମନ୍ତ୍ରୀଙ୍କ ଗଞ୍ଜାମ ହୁମା ହାଟ ପରିଦର୍ଶନ, ବହୁବିଧ ସମସ୍ୟା ଜଣାଇଲେ ମତ୍ସ୍ୟଜୀବୀ ସଂଘ



ରମ୍ଭା,(ନିପ୍ର): ଶୁକ୍ରବାର ଦିନ ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ ଗଞ୍ଜାମ ଗ୍ରସ୍ତ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ଆସିଥିଲା ବେଳେ ହୁମା ହାଟର ଉନ୍ନତି ପାଇଁ ସମସ୍ୟା ବୁଲି ଦେଖିଥିଲେ, ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀଙ୍କ ସମସ୍ୟା ବିଷୟରେ ଅବଗତ କରାଇବା ସହ ବିଧାୟକ, ଜିଲ୍ଲାପାଳ, ଉପ ଜିଲ୍ଲାପାଳ ଓ ମତ୍ସ୍ୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ । ଚିଲିକାରେ ମାଛ ସଂଖ୍ୟା କମିବା, ମଶାରୀ ଘେରି ଓ ମାଟି ଘେରି ଉଚ୍ଛେଦ କରିବା, କଦକୁଣି ଜାଣ ଅବରୋଧ ହଟାଇବା, ଋଷିକୂଲ୍ୟା ମୁହାଣ ମୁହଁ ଠାରୁ ଚିଲିକା ପର୍ଯ୍ୟନ୍ତ ମୁକ୍ତ ରଖିବା, ମତ୍ସ୍ୟଉତ୍ସ ବା ସୈରତ ଲିଜ ଏଗ୍ରିମେଣ୍ଟ ପୁନଃ ଚାଲୁ କରିବା, ଚିଲିକାରେ ୫୦ହଜାର ଏକର ମଶାରୀ ଘେରି ଉଚ୍ଛେଦ କରିବା । ୧୯୮୮-୮୯ମସିହାର ଚିଲିକା ବିଲ ପାସ କରାଇବା, ୧୯୯୩ ହାଇକୋର୍ଟ, ୧୯୯୬,ସୁପ୍ରିମ କୋର୍ଟ, ୨୦୧୭ମସିହାରେ ଆଗତ କ୍ୟାବିନେଟ ଗୃହ କମିଟି ମତ୍ସ୍ୟଜୀବୀଚିଲିକା ବିଲ ପ୍ରଚଳନ କରିବା ।୧୪୭ଖଣ୍ଡ ଗ୍ରାମ ପୁରୀ, ଗଞ୍ଜାମ ଓ ଖୋର୍ଦ୍ଧା ଜିଲ୍ଲାର ୪ଲକ୍ଷ ମତ୍ସ୍ୟଜୀବୀ ୪୭୦୦୦ ହଜାର ଏକର ମତ୍ସ୍ୟ ଉତ୍ସ (ଖନ୍ଦା, ଜାଣ, ତାଟ, ବେଜ, ଜାଲ, କିଳା ମତ୍ସ୍ୟ ଉପକରଣ ) ସୁରକ୍ଷା ଦେଲେ ୭୦ଭାଗ ଦାଦନରୁ ମୁକ୍ତି ପାଇପାରିବେ, ପାରମ୍ପରିକ ଚିଲିକା ମତ୍ସ୍ୟଜୀବୀ ଓ ମତ୍ସ୍ୟ ଚାଷୀ ଅଲଗା ଅଲଗା ପୋର୍ଟାଲ କରାଯାଉ, କାରଣ ପାରମ୍ପରିକ ମତ୍ସ୍ୟଜୀବୀ ସମ୍ପୂର୍ଣ୍ଣ ଜମି ହୀନ ଅଟେ ସେଥିପାଇଁ ସରକାରୀ ଯୋଜନା ଗୁଡିକରେ ବ୍ୟାଘାତ ଘଟୁଛି, ଡ଼ଙ୍ଗା, ଜାଲ ଓ ମେସିନୀ ରେ ଡ଼ଙ୍ଗା, ମେସିନୀ, ଜାଲ କଣ୍ଟ୍ରାକ୍ଟର ଓ ମତ୍ସ୍ୟ ଅଧିକାରୀ କୋଟି କୋଟି ଟଙ୍କା ଘୋଟଲାର ତଦାରଖ, ମତ୍ସ୍ୟଜୀବୀ ଗାଁ କୂଳରେ ଜେଟି, ପକ୍କା ରାସ୍ତା ଓ ପର୍ଯ୍ୟଟନ ସ୍ଥଳୀ ନିର୍ମାଣ, ସମସ୍ତ ମତ୍ସ୍ୟଜୀବୀ ଉନ୍ନୟନ ଯୋଜନାର ତ୍ୱରାନ୍ୱିତ, ଚିଲିକା ଓ ସମୁଦ୍ରରେ ମତ୍ସ୍ୟ ସମ୍ପଦ ବୃଦ୍ଧି ପାଇଁ ବିକଳ୍ପ ବ୍ୟବସ୍ଥା, ଚିଲିକା କୂଳରେ ବ୍ୟାପକ ଭେନାମୀ ଚିଙ୍ଗୁଡ଼ି ଚାଷରୁ ନିର୍ଗତ କୀଟ ନାଶକ ବନ୍ଦ କରା ନ ଯାଏ ତାହାହେଲେ ସମ୍ପୂର୍ଣ ମାଛ ଯାଳ ମରି ମରି ଯିବେ ବୋଲି ଅନେକ ସମସ୍ୟା ଜଣାଇଥିଲେ ।

## ବହୁ ପ୍ରତୀକ୍ଷିତ ମହାନଦୀ ରିଭର୍ ଫ୍ରଣ୍ଟ ଯୋଜନା ସମୀକ୍ଷା କଲେ ନଗର ଉନ୍ନୟନ ମନ୍ତ୍ରୀ

କଟକ,(ନିପ୍ର): ବହୁ ପ୍ରତୀକ୍ଷିତ ମହାନଦୀ ରିଭର୍ ଫ୍ରଣ୍ଟ ଯୋଜନା ଉପରେ କଟକ ଉନ୍ନୟନ କର୍ତ୍ତୃପକ୍ଷ କାର୍ଯ୍ୟାଳୟରେ ମନ୍ତ୍ରୀଙ୍କ ସମୀକ୍ଷା ସରିବା ପରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଛି । ଅନ୍ୟପଟେ ପରିବେଶବିତ୍ କହିଛନ୍ତି ଏନ୍‌ଜିଟି ଗାଇଡ୍‌ଲାଇନ ଅନୁସାରେ କାର୍ଯ୍ୟ ହେବା ଦରକାର, ନଚେତ୍ ଟେଣ୍ଡର ପ୍ରକ୍ରିୟାରେ ଅଯଥାରେ ଅର୍ଥ ଖର୍ଚ୍ଚ ହେବ ଏବଂ କାର୍ଯ୍ୟ ଆରମ୍ଭ ପରେ ଆଗକୁ ପୁଣି ବାଧା ଉପୁଜିପାରେ । କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ କେଏମ୍‌ସି ମେୟର ଓ କମିସନରଙ୍କ ଉପସ୍ଥିତିରେ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ମହାନଦୀ ରିଭର୍ ଫ୍ରଣ୍ଟ ଯୋଜନାରେ କଟକରେ ମହାନଦୀ ଶଯ୍ୟାରେ ଚିହ୍ନଟ ୪୦୦ ଏକର ଖାଲି ଜାଗାରେ ଜଗିଂ ଟ୍ରାକ ଠାରୁ ଆରମ୍ଭ କରି ଇକୋ ଟୁରିଜିମ ସ୍ପଟ୍ ନିର୍ମାଣ କରାଯିବାକୁ ଯୋଜନା ହୋଇଛି । ଯାହା ଆଗକୁ ସେହି ଅଞ୍ଚଳରେ ନିଯୁକ୍ତି ଓ ରୋଜଗାର ମଧ୍ୟ ସୃଷ୍ଟି କରିବ । ଏଥିଲାଗି ୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ଅଟକଳ ହୋଇଛି । ଖୁବ୍‌ଶୀଘ୍ର ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି । ମନ୍ତ୍ରୀ ଏକଥା ମଧ୍ୟ କହିଛନ୍ତି ଯେ, କଟକ ସହରବାସୀଙ୍କୁ ନିବେଦନ କି ଏନଜିଟିକୁ ଏହି ବିଷୟ ନେଲେ ସହରର ପ୍ରଗତି ଝୁଣ୍ଟି ପାରେ । ପରିବେଶବିତ ଏଭଳି ଯୋଜନାକୁ ସ୍ୱାଗତ କରିଛନ୍ତି । ମାତ୍ର ମନ୍ତ୍ରୀଙ୍କ ଏଭଳି ନିବେଦନ ଉପରେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି । ସୌନ୍ଦର୍ଯ୍ୟକରଣ ଆବଶ୍ୟକମାନେ ନୁହେଁ କି ନଦୀ ଶଯ୍ୟାରେ କୌଣସି ସ୍ଥାୟୀ ନିର୍ମାଣ କରିବା । ନଦୀ ଶଯ୍ୟାରେ କୌଣସି କାର୍ଯ୍ୟ କରିବାକୁ ସରକାର ଯୋଜନା କରିବାରେ ସମସ୍ୟା ନାହିଁ । କିନ୍ତୁ ଏଥିପାଇଁ ଏନ୍‌ଜିଟି ଗାଇଡ ଲାଇନ୍ ଅନୁପାଳନ ହେବା ଆବଶ୍ୟକ ।

# ଖଣ୍ଡପଡ଼ା ସହରରେ ଫେଲ୍ ମାରିଛି ଉଜ୍ଜଳ ଆଲୋକୀକରଣ ବ୍ୟବସ୍ଥା

ଖଣ୍ଡପଡ଼ା,(ନି.ପ୍ର): ବର୍ଷ ବର୍ଷ ଧରି ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ସତ୍ତ୍ୱେ ଖଣ୍ଡପଡ଼ା ସହରରେ ଉଜ୍ଜଳ ଆଲୋକୀକରଣ ବ୍ୟବସ୍ଥାରେ ସୁଧାର ଆସୁନଥିବା ପରିଲକ୍ଷିତ ହେଉଛି । ୧୩ ଟି ୱାର୍ଡକୁ ନେଇ ଗଠିତ ଖଣ୍ଡପଡ଼ା ସହରାଞ୍ଚଳର ଏକାଧିକ ୱାର୍ଡ ସଞ୍ଜ ନଇଁଲେ ଅନ୍ଧାରରେ ରହୁଥିବାରୁ ସ୍ଥାନୀୟ ୱାର୍ଡବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରି ଆସୁଛନ୍ତି । ଖଣ୍ଡପଡ଼ା ସହରର ଉପକଣ୍ଠ ଶିଳ୍ପ ତାଲିମ କେନ୍ଦ୍ର ଠାରୁ ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦେଇ ତ୍ରିନାଥ ଛକକୁ ସଂଯୋଗ କରୁଥିବା ରାସ୍ତା ପାର୍ଶ୍ୱରେ ଉଜ୍ଜଳ ଆଲୋକୀକରଣର ବ୍ୟବସ୍ଥା କରାଯାଇଛି । ମାତ୍ର ଦିନ ଦିନ ଧରି ବିଦ୍ୟୁତ ଖୁଣ୍ଟରେ ଲାଗିଥିବା ଏଲଇଡି ବଲବ ଗୁଡିକ ଜଳୁନଥିବାରୁ ମୁଖ୍ୟ ରାସ୍ତାଟି ରାତି ତମାମ ଅନ୍ଧାରରେ ରହୁଥିବା ଜଣାପଡିଛି । ସେହିପରି ତ୍ରିନାଥ ଛକ,ରଥଗଡା ଓ ଡାକ୍ତରଖାନା ଛକ ଠାରୁ ଆରମ୍ଭ କରି ମୁଖ୍ୟ ବଜାରରେ ଉଜ୍ଜଳ ଆଲୋକୀକରଣ ବ୍ୟବସ୍ଥା ଫେଲ ମାରିଥିବା ଜଣାଯାଇଛି । ବିଦ୍ୟୁତ ଖୁଣ୍ଟ ଗୁଡିକରେ ନିମ୍ନମାନର ଏଲଇଡି ବଲ ଲଗା ଯାଉଥିବାରୁ ଅଳ୍ପ ଦିନ ମଧ୍ୟରେ ସେଗୁଡିକ ପୋଡି ନଷ୍ଟ ହୋଇ ଯାଉଥିବା ଅଭିଯୋଗ ହେଉଛି । ସେହିପରି ଗଳିକନ୍ଦି ରାସ୍ତାରେ ଉଜ୍ଜଳ ଆଲୋକୀକରଣ ବ୍ୟବସ୍ଥା ଫେଲ ମାରିଥିବା ବେଳେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ଏ ବାବଦରେ ମଞ୍ଜୁର କରିଥିବା ଅନୁଦାନ ଅର୍ଥ ପାଣିରେ ପଡିବା ସାର ହେଉଛି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ଦୀର୍ଘ ବର୍ଷ ତଳେ ଖଣ୍ଡପଡ଼ା ସହରର ପୁରୁଣା ଡାକ୍ତରଖାନା ଛକ ଓ ରଥଗଡା ଛକସ୍ଥିତ ହାଇମାକ୍ସ ଲାଇଟ ପୋଷ୍ଟରେ ଲାଗିଥିବା ଏଲଇଡି ବଲବ ଗୁଡିକରୁ କେତୋଟି ବଲବ ପୋଡି ଯାଇଥିଲେ ହେଁ ସେଗୁଡିକୁ ବଦଳାଇବା ଦିଗରେ ଏନଏସି କର୍ତ୍ତୃପକ୍ଷ ଆନ୍ତରିକତା ପ୍ରକାଶ କରୁନଥିବା ଅଭିଯୋଗ ହେଉଛି । ସହରାଞ୍ଚଳର ଉଜ୍ଜଳ ଆଲୋକୀକରଣ ବ୍ୟବସ୍ଥାରେ ସୁଧାର ଆଣିବା ଦିଗରେ ଖଣ୍ଡପଡ଼ା ଏନଏସି ଅଧକ୍ଷା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ସହରବାସୀ ଦାବି କରିଛନ୍ତି । ଏ ସଂପର୍କରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ରଙ୍କୁ ପଚାରିବାରେ ସେଥିପ୍ରତି ସେ ଦୃଷ୍ଟି ଦେବେ ବୋଲି କହିଛନ୍ତି ।

# ଅବ୍ୟବସ୍ଥାର ବଳୟରେ ଧାମନଗର ସାନ ବଜାର ରାସ୍ତା

## ଡ୍ରେନ ଥାଇ ବର୍ଷା ଜଳ ରାସ୍ତାରେ ଲହଡି ମାରୁଛି



ଧାମନଗର(ନିପ୍ର): ଧାମନଗର ସା'ନ ବଜାର ମୁଖ୍ୟ ରାସ୍ତା ଏବେ ଜଳବନ୍ଦୀ ସମସ୍ୟାର ଏକ କରୁଣ ଚିତ୍ର । ସାମାନ୍ୟ ବର୍ଷା ହେଲେ ଏହି ରାସ୍ତା ଉପରେ ପାଣି ଜମିରହି ଲହଡ଼ି ମାରୁଛି, ଯାହାଫଳରେ ସାଧାରଣ ଜନତା ଓ ଯାତ୍ରୀମାନେ ଅନେକ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ସରକାରୀ ପାଣ୍ଠିରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ପ୍ରଶାସନିକ ଉଦାସୀନତା ଯୋଗୁଁ ଜନସାଧାରଣଙ୍କ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଛି ।ପ୍ରାୟ ଦୁଇ ବର୍ଷ ତଳେ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ରାସ୍ତା କଡ଼ରେ ଜଳ ନିଷ୍କାସନ ପାଇଁ ଏକ ଡ୍ରେନ୍ ନିର୍ମାଣ କରାଯାଇଥିଲା । କିନ୍ତୁ ନିର୍ମାଣ କାମରେ ବ୍ୟାପକ ଅନିୟମିତତା ଓ ନିମ୍ନମାନର ସାମଗ୍ରୀ ବ୍ୟବହାର ହୋଇଥିବା ଅଭିଯୋଗ ହୋଇଥିଲା । ଫଳରେ ନିର୍ମାଣର କିଛି ଦିନ ନ ପୂରୁଣୁ ଡ୍ରେନ୍‌ଟି ବିଭିନ୍ନ ସ୍ଥାନରେ ଭାଙ୍ଗି ଏବଂ ପୋତି ହୋଇଯାଇଥିଲା । ଏହାର କୁପରିଣାମ ସ୍ୱରୂପ ବର୍ଷାଜଳ ନିଷ୍କାସନ ହୋଇପାରୁ ନାହିଁ ଏବଂ ପାଣି ସିଧାସଳଖ ରାସ୍ତା ଉପରେ ଜମିରହି ପୋଖରୀର ଭ୍ରମ ସୃଷ୍ଟି କରୁଛି । ସବୁଠାରୁ ଦୁର୍ଭାଗ୍ୟଜନକ କଥା ହେଲା, ଲୋକମାନେ ଏପରି ନର୍କଯନ୍ତ୍ରଣା ଭୋଗୁଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ କିମ୍ବା ଧାମନଗର ଏନଏସି କର୍ତ୍ତୃପକ୍ଷ ଏହାର ସ୍ଥାୟୀ ସମାଧାନ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଭଙ୍ଗା ଡ୍ରେନ୍ ମରାମତି ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ନିରବଦ୍ରଷ୍ଟା ସାଜିଛନ୍ତି । ଏହି ସମ୍ପର୍କରେ ପୂର୍ତ୍ତ ବିଭାଗର ଯନ୍ତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଉକ୍ତ ଡ୍ରେନଟି ବହୁ ଆଗରୁ ନିର୍ମାଣ ହୋଇଥିଲା ଏବଂ ଭବିଷ୍ୟତରେ ରାସ୍ତା ସମ୍ପ୍ରସାରଣ ହେଲେ ନୂତନ ଡ୍ରେନ୍ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯିବ । ତୁରନ୍ତ ଏହି ଡ୍ରେନ୍ ମରାମତି କରାଯାଇ ଜଳ ନିଷ୍କାସନର ସୁବ୍ୟବସ୍ଥା ନ କଲେ ଆଗାମୀ ଦିନରେ ସାଧାରଣ ଜନତା ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି । ପ୍ରକାଶ ଥାଉକି ଉକ୍ତ ରାସ୍ତାଟି ଏକ ଜନଗହଳି ପୂର୍ଣ୍ଣ ରାସ୍ତା ଦୈନିକ ଶହ ଶହ ଲୋକଙ୍କ ଯାତାୟାତ ସ୍ଥଳ, ଏବେ ପିର ବାବାଙ୍କ ବାର୍ଷିକ ଉତ୍ସବ ହେବ ପ୍ରାୟ ଲକ୍ଷ ଲକ୍ଷ ଭକ୍ତଙ୍କ ସମାବେଶ ହେବ,ପାଖରେ ମଧ୍ୟ ଦୁର୍ଗା ପୂଜା ଓ ଗଣେଷ ପୂଜା ଏଠି ପ୍ରବଳ ଜନ ସମାଗମ ହେବ । ଏପରି ସ୍ଥଳେ ଉକ୍ତ ସ୍ଥାନରେ ଯଦି ଏମିତି ଅପରିଷ୍କାର ରୁହେ ସାଧାରଣ ଲୋକ କାହାକୁ ଦାୟୀ କରିବେ । ଏ ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ନୟାଗଡ ଜିଲ୍ଲାର ଦ୍ୱିତୀୟ ବରିଷ୍ଠ ତୀର୍ଥଯାତ୍ରୀ ଯୋଜନା ଶୁଭାରମ୍ଭ




ନୟାଗଡ଼,(ନିପ୍ର): ଜିଲ୍ଲା ପର୍ଯ୍ୟଟନ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଦ୍ୱିତୀୟ ତୀର୍ଥ ଯାତ୍ରୀ ଯୋଜନାର ଶୁଭାରମ୍ଭ କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ସତ୍ୟଭାମା ବେହେରାଙ୍କ ପୌରହିତ୍ୟରେ ମାନ୍ୟବର ସାଂସଦ ପୁରୀ, ଡା. ସମ୍ବିତ୍ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତୀର୍ଥଯାତ୍ରୀ ବସକୁ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ଯୋଜନାରେ ଜିଲ୍ଲାର ସମୁଦାୟ ୧୧୯ ଜଣ ତୀର୍ଥ ଯାତ୍ରୀ ଯାତ୍ରା କରିଛନ୍ତି । ମାନ୍ୟବର ସାଂସଦ ସମସ୍ତ ତୀର୍ଥଯାତ୍ରୀଙ୍କୁ ଅଯୋଧ୍ୟା ଓ ବାରାଣସୀ ଯାତ୍ରା ପାଇଁ ଅଭିନନ୍ଦନ ଜଣାଇଥିଲେ ଏବଂ ରାମ ନାମ ଆଉ ଶିବ ନାମକୁ ତୀର୍ଥଯାତ୍ରୀମାନଙ୍କ ସହିତ ଗାନ କରିଥିଲେ । ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ମାନନୀୟା ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ରଥ ଯାତ୍ରୀ ମାନେ କିଭଳି ଭାବେ ସୁରୁଖୁରୁରେ ଯିବା ଆସିବା କରିବେ ତା ଉପରେ ଆଲୋଚନା କରିଥିଲେ ।

ତିଥି :(ପ୍ରତିପଦ): (ଉତ୍ତରଫା. କନ୍ୟା)

ଅମୃତ ବେଳା: ପ୍ରାତଃ ୫ ।୩୬ରୁ ଘ ୫ ।୪୯ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେହେତୁ ମୁଁ କ୍ଷରରୁ ଅତୀତ ଓ ଅକ୍ଷରରୁ ମଧ୍ୟ ଉତ୍ତମ, ତେଣୁ ଜଗତରେ ଓ ବେଦରେ ମୁଁ ପୁରୁଷୋତ୍ତମ ନାମରେ ପ୍ରସିଦ୍ଧ ।।

- ଶ୍ରୀମଦ୍ ଭଗବଦ୍ ଗୀତା

# ତିକ୍ତତା ଦୂର କରୁ ବ୍ରିକ୍ସ

ଯଦି ଦୁଇଟି ରାଷ୍ଟ୍ର ପରସ୍ପରର ସହଯୋଗୀ ହେବେ,ସେତେବେଳେ ପ୍ରତିଯୋଗିତା ଶବ୍ଦ ସ୍ୱତଃ ଅପସରି ଯିବ। ପରେ ପରସ୍ପରର ବିକାଶ ପାଇଁ ସୁଯୋଗ ପ୍ରାପ୍ତ ହେବେ। ଏପରି ଆଭିମୁଖ୍ୟର ଗୁରୁତ୍ୱ ପାରସ୍ପରିକ ବୁଝାମଣା ଓ ବିଶ୍ୱାସ ଉପରେ ନିର୍ଭରଶୀଳ। ଅନ୍ୟଥା ଏପରି ଆଭିମୁଖ୍ୟ କୁ ଆଦୌ ପୋଷଣ ମିଳିବ ନାହିଁ,ପୋଷଣ ନ ମିଳିଲେ ସବୁ ବ୍ୟର୍ଥ ହେବ। ମୋଟ ଉପରେ ସଦାକାଳେ ସହଯୋଗ ଭାବାପନ୍ନ ଦ୍ୱାରା ବିକାଶ ଗତିପ୍ରାପ୍ତ ହେବା ଅବଧାରିତ। ଏପରି ମର୍ମରେ କିର୍ଗିଜସ୍ତାନଠାରେ ଆୟୋଜିତ ଏକ ସମ୍ମେଳନ ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଓ ଚୀନ ରାଷ୍ଟ୍ରପତି ସି.ଜିନପିଙ୍ଗଙ୍କ ମଧ୍ୟରେ ବିଚାର ପୁଷ୍ଟ ହୋଇଥିବା ଆଶ୍ୱସ୍ତିର ବିଷୟ।

ଉଲ୍ଲେଖ କରାଯାଇପାରେ ଯେ ଗଲୱାନ ଘାଟି ସୀମାରେ ସଂଘର୍ଷ କାରଣରୁ ଭାରତର ୨୦ ଯବାନ ସହିଦ ହୋଇଥିଲେ ଓ ଚୀନ ପକ୍ଷରୁ ୪ ଜଣ,ଏ ଘଟଣା ପରଠାରୁ ଦୁଇଦେଶ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ତେବେ ନୂଆଦିଲ୍ଲୀଠାରେ ସେପ୍ଟେମ୍ବର ୧୨ ଓ ୧୩ ଅଷ୍ଟାଦଶତମ ବ୍ରିକ୍ସ ସମ୍ମେଳନ ଅବସରରେ ଜିନପିଙ୍ଗ ଭାରତ ଗସ୍ତ କରୁଥିବା ତଥା କିରଗିଜସ୍ତାନଠାରେ ଜିନପିଙ୍ଗଙ୍କ ସହ ମୋଦିଙ୍କ ଭେଟ ପରିପ୍ରେକ୍ଷୀରେ ଦୁଇଦେଶ ମଧ୍ୟରେ ଜଟିଳତା ତଥା ତିକ୍ତତାରେ ସୁଧାର ଯେ ଆସିଛି ନିଶ୍ଚିତ ଭାବରେ, ଏପରି କୁହାଯିବା ଅସଙ୍ଗତ ହେବ ନାହିଁ। ଜିନପିଙ୍ଗଙ୍କ ଗସ୍ତ ବେଳେ ଦ୍ୱିପାକ୍ଷିକ ବୈଠକ ବସିବ, କ'ଣ ନିଷ୍କର୍ଷ ଆସୁଛି ତାହା ଉପରେ ସାରା ବିଶ୍ୱର ରହିଛି ଦୃଷ୍ଟି। ଏବଂ ଏହାରି ଭିତରେ ଭାରତ ଗସ୍ତ କରିଛନ୍ତି ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ। ରୁଷ-ଭାରତ ବାଣିଜ୍ୟିକ ସଂପର୍କରେ ସୁଧାର ଆସିବା ଆଶା ଅଧିକ ଉଜ୍ଜ୍ୱଳ ହୋଇଛି।

ଭାରତ ଆଲୋଚ୍ୟ ବ୍ରିକ୍ସ ସମ୍ମିଳନୀର ଅଧ୍ୟକ୍ଷତା କରୁଛି। ବିଶେଷକରି ସମ୍ମେଳନରେ ମୁଖ୍ୟତଃ ଚାରିଟି ଦିଗ ଯଥା: ସହନଶୀଳତା ବା ସ୍ଥିତିସ୍ଥାପକତା, ନବସୃଜନ, ସହଯୋଗ ଓ ସ୍ଥାୟିତ୍ୱ ଉପରେ ଦୃଷ୍ଟି ନିବେଶ କରାଯାଉଛି। ଏପରି ସ୍ଥଳେ ବିଭିନ୍ନ ଶିଖର ସମ୍ମେଳନରେ ଭାରତକୁ ପ୍ରତ୍ୟକ୍ଷ ଫାଇଦା ମିଳି ନ ଥିବା ଓ ତଥା ଏପରି ସମ୍ମେଳନ ନେଇ ଭାରତକୁ ମିଳୁଥିବା ଫାଇଦା ଅସ୍ପଷ୍ଟ ରଖାଯାଉଥିବା କହି ଜଣେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିଜେପିକୁ ସମାଲୋଚନା କରିଛନ୍ତି। ମାତ୍ର ଏହି ନେତା ଜଣକ ଲକ୍ଷ୍ୟ କରିପାରୁନାହାନ୍ତି ଯେ କୂଟନୀତିକୁ ତାତ୍କାଳୀନ ବ୍ୟାବସାୟିକ ଫାଇଦା ଦୃଷ୍ଟିରୁ ବିଚାରିବା କେତେ ଦୂର ଠିକ୍ ?

ଏହା ନିଶ୍ଚିତ ସୂଚିତ କରେ ଯେ ବ୍ରିକ୍ସ(ବ୍ରାଜିଲ,ରୁଷିଆ, ଭାରତ ଓ ଚୀନ) ସମେତ ୧୧ଟି ସହଯୋଗୀ ରାଷ୍ଟ୍ରର ପ୍ରତିନିଧି ଆଲୋଚ୍ୟ ସମ୍ମେଳନରେ ଯୋଗ ଦେଉଥିବା ପରିପ୍ରେକ୍ଷୀରେ ସମ୍ମେଳନ ପାଇଁ ଦୁଇ ଆହ୍ୱାନ ମୁଖ୍ୟତଃ ଗୁରୁତ୍ୱ ରଖେ। ଗୋଟିଏ ହେଉଛି ଯୁଦ୍ଧ ଓ ଅନ୍ୟଟି ହେଉଛି ବୈଶ୍ୱିକ ନାନା ସଂକଟ। ଚାଲିଥିବା ଯୁଦ୍ଧର ଅନ୍ତ ଘଟିବା ପ୍ରଥମ ଆବଶ୍ୟକତା।ନାନା ବୈଶ୍ୱିକ ତିକ୍ତତାର ଅବସାନ, ଆତଙ୍କବାଦ, ଜଳବାୟୁ ସଂକଟ, ପାରସ୍ପରିକ ବାଣିଜ୍ୟ ସଂକଟ ପ୍ରସଙ୍ଗ ବହୁ ସମସ୍ୟାର ସୂତ୍ରପାତ କରୁଥିବା ଦୃଷ୍ଟିରୁ ଏସବୁ ଆହ୍ୱାନର ସଫଳ ମୁକାବିଲା କରିବା ବିଶ୍ୱ ପାଇଁ ଜରୁରୀ। ମୋଟ ଉପରେ ଅନ୍ତର୍ଜାତୀୟ ସଂପର୍କଗୁଡ଼ିକରେ ପୁନଃଗଠନ, ସଂପର୍କ ରକ୍ଷାରେ ନିରନ୍ତରତା, ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ଅର୍ଥନୀତିକୁ ଆଗକୁ ବଢ଼ିବାକୁ ଦେବା, ଅନ୍ତର୍ଜାତୀୟ ପ୍ରତିଷ୍ଠାନଗୁଡ଼ିକରେ ବିଦ୍ୟମାନ ଥିବା ବ୍ୟବସ୍ଥାରେ ସଂସ୍କାର ଆଣିବା ଲୋଡ଼ା କି ନୁହେଁ ତାହା ସମସ୍ତେ ବିଚାରିବାକୁ ହେବ। କେତେଦୂର ଏସବୁରେ ସଫଳତା ହାସଲର ବାର୍ତ୍ତା ମିଳୁଛି, ତାହା ଉପରେ ସାରା ବିଶ୍ୱର ରହିଛି ନଜର, ସମ୍ମେଳନ ପରେ ଯାଇ ଏହା ସ୍ପଷ୍ଟ ହେବ।

# ବ୍ରିକ୍ସକୁ ନୂତନ ଦିଗ ଦେଉଛି ଭାରତ

## ଉମା ଶଙ୍କର ପ୍ରସାଦ

ବ୍ରିକ୍ସ ସଂଗଠନ ଆଜି ବିଶ୍ୱ ଭୂ-ରାଜନୀତି ଏବଂ ଅର୍ଥନୀତିରେ ଏକ ପ୍ରମୁଖ ଶକ୍ତି ଭାବେ ଉଭା ହୋଇଛି। ଗତ କିଛି ବର୍ଷ ଭାବରେ ଏହି ମଞ୍ଚ କେବଳ କେତେକ ଦେଶର ବୈଠକରେ ସୀମିତ ନ ରହି ବିଶ୍ୱର ବିକାଶଶୀଳ ତଥା ଉଦୀୟମାନ ଅର୍ଥବ୍ୟବସ୍ଥାଗୁଡ଼ିକର ସାମୂହିକ ସ୍ୱର ଏବଂ ଆଶା-ଆକାଂକ୍ଷାର ପ୍ରତିଫଳନ ପାଲଟିଛି। ଏହି ପରିପ୍ରେକ୍ଷୀରେ ଭାରତର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଦୂରଦୃଷ୍ଟିସମ୍ପନ୍ନ ରହିଛି। ଭାରତ ବ୍ରିକ୍ସ ମଞ୍ଚକୁ ଏକ ନୂତନ ଦିଗ, ନୂତନ ଗତି ଏବଂ ବ୍ୟାପକ ଆୟାମ ପ୍ରଦାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ବ୍ରିକ୍ସର ଯାତ୍ରା ଏବଂ ଭାରତର ଅବଦାନକୁ ବିଚାରକୁ ନେଲେ ଓ ବ୍ରିକ୍ସର ପ୍ରାରମ୍ଭିକ ପର୍ଯ୍ୟାୟକୁ ଦୃଷ୍ଟିକୁ ଆଣିଲେ, ଏହାର ସଂକଳ୍ପ ଏକ ସ୍ୱତନ୍ତ୍ର ଅର୍ଥନୈତିକ ପରିଭାଷାଠାରୁ ଆରମ୍ଭ ହୋଇଥିଲା। ସମୟ ସହିତ ଏହା ବିଶ୍ୱର ଏକ ବୃହତ୍ତମ




ସହଯୋଗୀ ମଞ୍ଚରେ ପରିଣତ ହୋଇଛି। ଭାରତ ସର୍ବଦା ଏହି କଥା ଉପରେ ଗୁରୁତ୍ୱ ଦେଇଆସିଛି ଯେ ବ୍ରିକ୍ସ କେବଳ କିଛି ନିର୍ଦ୍ଦିଷ୍ଟ ଦେଶର ସ୍ୱାର୍ଥରକ୍ଷା ନକରି ସମଗ୍ର ବିଶ୍ୱର ଦକ୍ଷିଣ ଗୋଲାର୍ଦ୍ଧର ଦେଶମାନଙ୍କର ସମସ୍ୟା ଓ ସମାଧାନ ପାଇଁ କାମ କରୁ। ଭାରତର ପ୍ରୟାସ ଯୋଗୁଁ ଆଜି ବ୍ରିକ୍ସ ମଧ୍ୟରେ ପାର୍ଶ୍ୱଗତ ଆଲୋଚନା, ବାଣିଜ୍ୟିକ ସମ୍ପର୍କ ଏବଂ ଟେକ୍ନୋଲୋଜିର ଆଦାନପ୍ରଦାନ ଅଧିକ ସୁଦୃଢ଼ ହୋଇପାରିଛି। ଅର୍ଥନୈତିକ ସ୍ୱାଧୀନତା ଏବଂ ସ୍ଥାନୀୟ ମୁଦ୍ରାର ବ୍ୟବହାର ଆଜିର ବିଶ୍ୱ ବ୍ୟବସ୍ଥାରେ ଆର୍ଥିକ ସନ୍ତୁଳନ ରକ୍ଷା କରିବା ଏବଂ କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ମୁଦ୍ରା ବା ପାଶ୍ଚାତ୍ୟ ଅର୍ଥନୈତିକ ପ୍ରଣାଳୀ ଉପରେ ଅଧିକ ନିର୍ଭରଶୀଳତା କମାଇବା ବ୍ରିକ୍ସର ଏକ ପ୍ରମୁଖ ଏଜେଣ୍ଡା ପାଲଟିଛି। ଏହି ଦିଗରେ ଭାରତ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ସ୍ଥାନୀୟ ମୁଦ୍ରାରେ କାରବାର ଏବଂ ପେମେଣ୍ଟ ସିଷ୍ଟମର ବିକାଶ ପାଇଁ ଭାରତ ନିରନ୍ତର ପ୍ରୟାସ ଜାରି ରଖିଛି। ଆନ୍ତର୍ଜାତୀୟ ବଜାରରେ ଡଲାର ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ପରସ୍ପର ମଧ୍ୟରେ ସ୍ଥାନୀୟ ମୁଦ୍ରାରେ ବ୍ୟବସାୟ କରିବା ଦ୍ୱାରା ବିକାଶଶୀଳ ଦେଶଗୁଡ଼ିକର ଆର୍ଥିକ ସ୍ଥିରତା ବୃଦ୍ଧି ପାଇବ ବୋଲି ଆଶା ରହିଛି। ବିଶ୍ୱସ୍ତରୀୟ ଆହ୍ୱାନ ଏବଂ ସହଯୋଗ କୁ ବିଚାର କୁ ନେଲେ ବିଶ୍ୱ ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ, ଆତଙ୍କବାଦ, ଖାଦ୍ୟ ସୁରକ୍ଷା ଏବଂ ଶକ୍ତି ସଙ୍କଟ ଭଳି ଗମ୍ଭୀର ସମସ୍ୟା ଦେଇ ଗତି କରୁଛି। ଏହି ସବୁ ଆହ୍ୱାନର ମୁକାବିଲା କରିବାରେ ବ୍ରିକ୍ସ ଦେଶଗୁଡ଼ିକର ମିଳିତ ପ୍ରୟାସ ଅପରିହାର୍ଯ୍ୟ ଅଟେ। ଭାରତ ଏହି କ୍ଷେତ୍ରଗୁଡ଼ିକରେ ସର୍ବଦା ନେତୃତ୍ୱ ନେଇଛି। ଡିଜିଟାଲ୍ ପବ୍ଲିକ ଇନଫ୍ରାଷ୍ଟ୍ରକ୍ଚର , ନବୀକରଣ ଯୋଗ୍ୟ ଶକ୍ତି ଏବଂ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭାରତର ଅଭିଜ୍ଞତାକୁ ବ୍ରିକ୍ସର ଅନ୍ୟ ସଦସ୍ୟମାନେ ମଧ୍ୟ ଗ୍ରହଣ କରୁଛନ୍ତି। ସାମଗ୍ରିକ ବିକାଶ ଏବଂ ଭବିଷ୍ୟତର ରୂପରେଖ ଭାରତର ଅଧ୍ୟକ୍ଷତା ଏବଂ ସକ୍ରିୟ ଅଂଶଗ୍ରହଣ ଯୋଗୁଁ ବ୍ରିକ୍ସ ଆଜି ଏକ ନୂତନ ପରିଚୟ ସୃଷ୍ଟି କରିପାରିଛି। ବିଶ୍ୱର ବିକାଶ ପାଇଁ ଏହି ମଞ୍ଚ ସବୁବେଳେ ସକରାତ୍ମକ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଉଛି। ଭାରତର ସାମଗ୍ରିକ ବିକାଶର ମଡେଲ୍ ଏବଂ ଅନ୍ତର୍ଭୁକ୍ତୀକରଣ ର ନୀତି ବ୍ରିକ୍ସକୁ ଆଗାମୀ ଦିନରେ ଅଧିକ ପ୍ରଭାବଶାଳୀ ଏବଂ ଉପଯୋଗୀ କରିବାରେ ସହାୟକ ହେବ। ଏହି ସଂଗଠନ ମାଧ୍ୟମରେ ବିଶ୍ୱ ଅର୍ଥନୀତିକୁ ଏକ ନୂତନ ଦିଶା ଦେବା ଏବଂ ସମସ୍ତଙ୍କ ପାଇଁ ଏକ ସମାନ ସୁଯୋଗ ସୃଷ୍ଟି କରିବା ଦିଗରେ ଭାରତର ନିରନ୍ତର ପ୍ରୟାସ ପ୍ରଶଂସନୀୟ।

ବରିଷ୍ଠ ସାମ୍ବାଦିକ, ଖୋର୍ଦ୍ଧା (୬୩୭୦୬୭୫୫୬୨)

# ସାମୂହିକ ବିକାଶ - ଓଡ଼ିଶାର ନୂଆ ଦିଗ

## ସୌଭାଗ୍ୟ ରଂଜନ ମହାନ୍ତି

**"ଗ୍ରାମୀଣ ଅର୍ଥନୀତିକୁ କେବଳ କୃଷିରେ ସୀମିତ ରଖିଲେ ଚଳିବ ନାହିଁ। ଗ୍ରାମରେ ହସ୍ତଶିଳ୍ପ, ହସ୍ତତନ୍ତ, ଖାଦ୍ୟ ପ୍ରସ୍ତୁତି, ପଶୁପାଳନ, ମତ୍ସ୍ୟଚାଷ, ବନଜାତ ଦ୍ରବ୍ୟ, ମହୁଚାଷ ଓ ଅନ୍ୟାନ୍ୟ ଜୀବିକାର ସୁଯୋଗ ବଢ଼ାଇବା ଦରକାର। ଗ୍ରାମର ଯୁବକ ଯଦି ନିଜ ଗାଁରେ ରୋଜଗାର ପାଇପାରନ୍ତି, ତେବେ ଅନିଚ୍ଛିତ ପ୍ରବାସ କମିବ। ଗ୍ରାମର ଧନ ଗ୍ରାମରେ ରହିବ ଏବଂ ସେଠାରେ ନୂଆ ଅର୍ଥନୈତିକ ଚକ୍ର ସୃଷ୍ଟି ହେବ। ଯୁବପିଢି ହେଉଛି ରାଜ୍ୟର ସବୁଠାରୁ ବଡ ଜୀବନ୍ତ ସମ୍ପଦ। ଯୁବକଙ୍କ ହାତରେ ଶିକ୍ଷା ଅଛି, ସ୍ୱପ୍ନ ଅଛି, ଆବଶ୍ୟକ କେବଳ ସଠିକ୍ ଦିଗ ଓ ସୁଯୋଗ।"**

ବିକାଶ କେବଳ କିଛି ରାସ୍ତା ତିଆରି, କିଛି ସେତୁ ନିର୍ମାଣ, କିଛି ବଡ ଅଟ୍ଟାଳିକା ଉଠିବା କିମ୍ବା କିଛି ବଡ ପ୍ରକଳ୍ପ ଆସିବାର ନାମ ନୁହେଁ। ବିକାଶ ହେଉଛି ମଣିଷର ଜୀବନରେ ଆଶାର ବୃଦ୍ଧି, ସୁଯୋଗର ବିସ୍ତାର, ସମ୍ମାନର ସୁରକ୍ଷା ଓ ଭବିଷ୍ୟତ ପ୍ରତି ଆତ୍ମବିଶ୍ୱାସର ଜନ୍ମ। ଯେଉଁ ବିକାଶରେ ସହର ଆଗକୁ ବଢେ କିନ୍ତୁ ଗାଁ ପଛରେ ପଡି ରହେ, ଯେଉଁ ବିକାଶରେ ଧନୀ ଆହୁରି ସମୃଦ୍ଧ ହୁଅନ୍ତି କିନ୍ତୁ ଗରିବଙ୍କ ଜୀବନରେ ପରିବର୍ତ୍ତନ ଆସେ ନାହିଁ, ଯେଉଁ ବିକାଶରେ ଶିଳ୍ପ ବଢେ କିନ୍ତୁ ପ୍ରକୃତି ନଷ୍ଟ ହୁଏ, ସେହି ବିକାଶ ଅସମ୍ପୂର୍ଣ୍ଣ। ପ୍ରକୃତ ବିକାଶ ସେତେବେଳେ ହିଁ ସମ୍ଭବ, ଯେତେବେଳେ ସମାଜର ପ୍ରତ୍ୟେକ ଶ୍ରେଣୀ, ପ୍ରତ୍ୟେକ ଅଂଚଳ ଓ ପ୍ରତ୍ୟେକ ମଣିଷ ନିଜକୁ ସେହି ବିକାଶର ଅଂଶୀଦାର ବୋଲି ଅନୁଭବ କରିବେ। ସେଥିପାଇଁ ଆଜିର ସମୟର ସବୁଠାରୁ ବଡ ଆହ୍ୱାନ ହେଉଛି-ସାମୂହିକ ବିକାଶ। ସାମୂହିକ ବିକାଶର ପ୍ରଥମ ଭିତି ହେଉଛି ସମାନ ସୁଯୋଗ। ଜନ୍ମସ୍ଥାନ , ଆର୍ଥିକ ସ୍ଥିତି, ଜାତି, ଲିଙ୍ଗ କିମ୍ବା ଅଂଚଳ ଆଧାରରେ କାହାର ସୁଯୋଗ ସୀମିତ ହେବା ଉଚିତ ନୁହେଁ। ଜଣେ ଗ୍ରାମର ଶିଶୁ ଓ ଜଣେ ସହରର ଶିଶୁଙ୍କ ସ୍ୱପ୍ନ ମଧ୍ୟରେ ତଫାତ ରହିବାର କାରଣ ସୁଯୋଗର ଅଭାବ ହେବା ଉଚିତ ନୁହେଁ। ଶିକ୍ଷା, ଚିକିତ୍ସା, ପାନୀୟ ଜଳ, ବିଦ୍ୟୁତ, ଯୋଗାଯୋଗ, ନିଯୁକ୍ତି ଓ ସାମାଜିକ ସୁରକ୍ଷା ଭଳି ମୌଳିକ ସୁବିଧା ପ୍ରତ୍ୟେକ ନାଗରିକଙ୍କ ଅଧିକାର ଭାବେ ପହଂଚିବା ଦରକାର। ଯେଉଁଠାରେ ସୁଯୋଗ ସମାନ, ସେଠାରେ ପ୍ରତିଭା ନିଜ ପଥ ନିଜେ ଖୋଜିନିଏ। କୃଷି ହେଉଛି ଓଡିଶାର ଜୀବନରେଖା। ଚାଷୀ ମଜଭୁତ ହେଲେ ଗାଁ ମଜଭୁତ ହେବ, ଗାଁ ମଜଭୁତ ହେଲେ ରାଜ୍ୟ ଅର୍ଥନୀତି ମଜଭୁତ ହେବ। ତେଣୁ ଚାଷୀଙ୍କୁ କେବଳ ଉତ୍ପାଦନକାରୀ ଭାବେ ନୁହେଁ, ଅର୍ଥନୈତିକ ଶକ୍ତିର ମୁଖ୍ୟ ଅଂଶୀଦାର ଭାବେ ଦେଖିବା ଆବଶ୍ୟକ। ଉନ୍ନତ ବିହନ, ଜଳସେଚନ, କୃଷି ଜ୍ଞାନ, ଯନ୍ତ୍ରପାତି, ଫସଲ ସଂରକ୍ଷଣ, ପ୍ରକ୍ରିୟାକରଣ, ବଜାର ସୁବିଧା ଓ ଉଚିତ ମୂଲ୍ୟ - ଏସବୁକୁ ଏକାଠି କରିପାରିଲେ ହିଁ ଚାଷୀଙ୍କ ଆୟ ବଢ଼ିବ। ଚାଷୀଙ୍କ ଘରେ ସମୃଦ୍ଧି ଆସିଲେ ଗ୍ରାମର ଦୋକାନୀଠାରୁ କାରିଗର, ପରିବହନକାରୀଠାରୁ କ୍ଷୁଦ୍ର ଉଦ୍ୟୋଗୀ ପର୍ଯ୍ୟନ୍ତ ସମସ୍ତେ ଲାଭବାନ ହେବେ। ଗ୍ରାମୀଣ ଅର୍ଥନୀତିକୁ କେବଳ କୃଷିରେ ସୀମିତ ରଖିଲେ ଚଳିବ ନାହିଁ। ଗ୍ରାମରେ ହସ୍ତଶିଳ୍ପ, ହସ୍ତତନ୍ତ, ଖାଦ୍ୟ ପ୍ରସ୍ତୁତି, ପଶୁପାଳନ, ମତ୍ସ୍ୟଚାଷ, ବନଜାତ ଦ୍ରବ୍ୟ, ମହୁଚାଷ ଓ ଅନ୍ୟାନ୍ୟ ଜୀବିକାର ସୁଯୋଗ ବଢାଇବା ଦରକାର। ଗ୍ରାମର ଯୁବକ ଯଦି ନିଜ ଗାଁରେ ରୋଜଗାର ପାଇପାରନ୍ତି, ତେବେ ଅନିଚ୍ଛିତ ପ୍ରବାସ କମିବ। ଗ୍ରାମର ଧନ ଗ୍ରାମରେ ରହିବ ଏବଂ ସେଠାରେ ନୂଆ ଅର୍ଥନୈତିକ ଚକ୍ର ସୃଷ୍ଟି ହେବ। ଯୁବପିଢି ହେଉଛି ରାଜ୍ୟର ସବୁଠାରୁ ବଡ ଜୀବନ୍ତ ସମ୍ପଦ। ଯୁବକଙ୍କ ହାତରେ ଶିକ୍ଷା ଅଛି, ସ୍ୱପ୍ନ ଅଛି, ଆବଶ୍ୟକ କେବଳ ସଠିକ୍ ଦିଗ ଓ ସୁଯୋଗ। ପ୍ରତ୍ୟେକ ଯୁବକଙ୍କ ଲକ୍ଷ୍ୟ କେବଳ ଚାକିରି ପାଇବା ନୁହେଁ, ନୂଆ କାମ ସୃଷ୍ଟି କରିବା ମଧ୍ୟ ହେବା ଦରକାର। କ୍ଷୁଦ୍ର ଉଦ୍ୟୋଗ, ନୂଆ ଉଦ୍ୟୋଗ, କାରିଗରୀ କାମ, ପ୍ରଯୁକ୍ତିଭିତ୍ତିକ ସେବା ଓ ସ୍ୱାବଲମ୍ବୀ ଜୀବିକାର ପଥ ଯୁବପିଢି ପାଇଁ ଖୋଲିବାକୁ ହେବ। ଯୁବକଙ୍କ ମନରୁ 'ଚାକିରି କେଉଁଠାରେ ମିଳିବ' ପ୍ରଶ୍ନକୁ ବଦଳାଇ 'ମୁଁ କେଉଁ କାମ ସୃଷ୍ଟି କରିପାରିବି' ପ୍ରଶ୍ନ ଜନ୍ମ ନେଲେ ରାଜ୍ୟର ଅର୍ଥନୈତିକ ଚିତ୍ର ବଦଳିଯିବ। ଶିକ୍ଷା ବିନା ସାମୂହିକ ବିକାଶର କଳ୍ପନା ଅସମ୍ଭବ। ଶିକ୍ଷା କେବଳ ପରୀକ୍ଷାରେ ଭଲ ନମ୍ବର ପାଇବାର ମାଧ୍ୟମ ନୁହେଁ, ଏହା ମଣିଷକୁ ଚିନ୍ତା କରିବା, ପ୍ରଶ୍ନ କରିବା, ସତ୍ୟକୁ ବୁଝିବା ଓ ନିଜ ଭବିଷ୍ୟତ ଗଢିବାର ଶକ୍ତି ଦିଏ। ଗ୍ରାମ ଓ ସହରର ଶିକ୍ଷାଗତ ଦୂରତା କମାଇବା ଦରକାର। ଭଲ ବିଦ୍ୟାଳୟ, ଯୋଗ୍ୟ ଶିକ୍ଷକ, ପାଠାଗାର, ପ୍ରୟୋଗଶାଳା, ଖେଳ ପଡିଆ ଓ ସୃଜନଶୀଳ ଶିକ୍ଷା ପ୍ରତ୍ୟେକ ଶିଶୁର ଅଧିକାର। ଜଣେ ଗରିବ ଘରର ଶିଶୁର ପ୍ରତିଭା କେବଳ ତାଙ୍କ ପରିବାରର ଆର୍ଥିକ ଦୁର୍ବଳତା ପାଇଁ ଅବହେଳିତ ହେବା ଉଚିତ ନୁହେଁ। ସ୍ୱାସ୍ଥ୍ୟ ହେଉଛି ସୁଖୀ ସମାଜର ପ୍ରଥମ ସର୍ତ୍ତ। ଗରିବ ଲୋକ ଅସୁସ୍ଥ ହେଲେ ତାଙ୍କ ସଂଚିତ ଧନ ଚିକିତ୍ସାରେ ଶେଷ ହୋଇଯାଏ, ଅନେକ ସମୟରେ ପରିବାର



ଋଣର ଭାରରେ ପଡିଯାଏ। ତେଣୁ ଗୁଣାତ୍ମକ ଚିକିତ୍ସାକୁ ସମସ୍ତଙ୍କ ନିକଟରେ ସୁଲଭ କରିବା ସାମୂହିକ ବିକାଶର ଅବିଚ୍ଛିନ୍ନ ଅଂଶ। ଦୁର୍ଗମ ଅଂଚଳରେ ଚିକିତ୍ସାଳୟ, ଆବଶ୍ୟକ ଔଷଧ, ମାତୃ ଓ ଶିଶୁ ସେବା, ଜରୁରୀ ଚିକିତ୍ସା ଏବଂ ରୋଗ ନିରାକରଣ ବ୍ୟବସ୍ଥା ମଜବୁତ କରିବା ଦରକାର ସ୍ୱାସ୍ଥ୍ୟସେବା ସହରର ସୁବିଧା ହୋଇ ରହିଲେ ଚଳିବ ନାହିଁ, ଏହାଗାଁର ଅଧିକାର ହେବା ଦରକାର। ମହିଳାଙ୍କ ଅଂଶଗ୍ରହଣ ବିନା ସମାଜର ବିକାଶ ଅଧାରେ ରହିଯାଏ। ଜଣେ ମହିଳା ଶିକ୍ଷିତ ହେଲେ ଏକ ପରିବାର ଶିକ୍ଷିତ ହୁଏ, ଜଣେ ମହିଳା ଆର୍ଥିକ ଭାବେ ସ୍ୱାବଲମ୍ବୀ ହେଲେ ଏକ ପରିବାରର ଆତ୍ମବିଶ୍ୱାସ ବଢେ। ମହିଳାଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ନିରାପତ୍ତା, ସମ୍ପତ୍ତିର ଅଧିକାର, ଜୀବିକା ଓ ନେତୃତ୍ୱର ସୁଯୋଗ ଦେବା ଆବଶ୍ୟକ। ମହିଳାଙ୍କ ସ୍ୱୟଂ ସହାୟକ ଗୋଷ୍ଠୀ, ଗ୍ରାମୀଣ ଉଦ୍ୟମ ଓ ହସ୍ତଶିଳ୍ପର ବଜାର ସହ ଯୋଡିପାରିଲେ ଘରର ଆୟ ବଢିବା ସହ ସ୍ଥାନୀୟ ଅର୍ଥନୀତି ମଧ୍ୟ ଶକ୍ତିଶାଳୀ ହେବ। ଶିଶୁ, ବୃଦ୍ଧ ଓ ଦିବ୍ୟାଙ୍ଗଙ୍କୁ ନେଇ ସମାଜର ଦାୟିତ୍ୱ ମଧ୍ୟ ସମାନ। ଯେଉଁ ସମାଜ ନିଜର ଦୁର୍ବଳ ଲୋକଙ୍କୁ ସୁରକ୍ଷା ଦିଏ, ସେହି ସମାଜକୁ ସଭ୍ୟ ସମାଜ କୁହାଯାଏ। ଶିଶୁଙ୍କ ପୋଷଣ ବୃଦ୍ଧଙ୍କ ସମ୍ମାନ, ଦିବ୍ୟାଙ୍ଗଙ୍କ ପାଇଁ ସୁଲଭ ପରିବେଶ ଓ ଆବଶ୍ୟକ ସହାୟତା-ଏସବୁ ଦୟା ନୁହେଁ, ସାମାଜିକ ନ୍ୟାୟର ଅଂଶ। ଆଦିବାସୀ ସମାଜର ବିକାଶକୁ ମଧ୍ୟ ମୁଖ୍ୟ ବିକାଶ ଧାରା ସହ ଯୋଡିବା ଦରକାର। ଜଙ୍ଗଲ ଓ ପାହାଡରେ ରହୁଥିବା ଲୋକଙ୍କ ଜୀବନ, ପରମ୍ପରା, ଭାଷା ଓ ସଂସ୍କୃତି ଓଡିଶାର ପରିଚୟର ଅଂଶ। ସେମାନଙ୍କ ବିକାଶ ନାମରେ ସେମାନଙ୍କ ପରିଚୟ ଓ ଜୀବନପଦ୍ଧତିକୁ ଦୁର୍ବଳ କରାଯିବା ଉଚିତ ନୁହେଁ। ସେମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା ଓ ମୌଳିକ ସୁବିଧା ଦେବା ସହିତ ସେମାନଙ୍କ ପାରମ୍ପରିକ ଜ୍ଞାନକୁ ସମ୍ମାନ କରିବା ଦରକାର। ଶିଳ୍ପାୟନ ରାଜ୍ୟର ଅର୍ଥନୀତିକୁ ଗତି ଦେଇପାରେ। କିନ୍ତୁ ଶିଳ୍ପ ଆସିବାର ଅର୍ଥ କେବଳ ଜମି ଓ ଯନ୍ତ୍ର ନୁହେଁ, ଏହା ସ୍ଥାନୀୟ ଲୋକଙ୍କ ଜୀବନ ସହ ଜଡିତ। ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି, ସ୍ଥାନୀୟ ବ୍ୟବସାୟୀଙ୍କୁ ସୁଯୋଗ, ପ୍ରଭାବିତ ପରିବାରକୁ ନ୍ୟାୟ ଓ ପରିବେଶକୁ ସୁରକ୍ଷା-ଏସବୁକୁ ସମାନ ଗୁରୁତ୍ୱ ଦେବା ଦରକାର ଶିଳ୍ପ ଓ ସମାଜ ମଧ୍ୟରେ ସମ୍ପର୍କ ଯେତେ ସୁସ୍ଥ ହେବ, ବିକାଶ ସେତେ ସ୍ଥାୟୀ ହେବ। ପରିବେଶ ସୁରକ୍ଷା ବିନା ବିକାଶର ଭବିଷ୍ୟତ ନାହିଁ। ଜଙ୍ଗଲ, ନଦୀ, ପାହାଡ, ଜଳାଶୟ, ସମୁଦ୍ରତଟ ଓ ଜୀବଜଗତ ଆମର ସାମୂହିକ ସମ୍ପଦ। ଆଜିର ସୁବିଧା ପାଇଁ ଆଗାମୀ ପିଢିର ଜୀବନକୁ ବିପଦରେ ପକାଇବାକୁ ବିକାଶ କୁହାଯାଇପାରେ ନାହିଁ। ପ୍ରକୃତି ସହ ସମନ୍ୱୟ ରଖି ଶିଳ୍ପ, ନଗରୀକରଣ ଓ ଅର୍ଥନୈତିକ ବୃଦ୍ଧିର ପଥ ଖୋଜିବାକୁ ହେବ। ଆଜି ଗଛ ବଂଚାଇବା ମାନେ ଆସନ୍ତାକାଲିର ଜୀବନ ବଂଚାଇବା। ସଂସ୍କୃତି ମଧ୍ୟ ବିକାଶର ଅଂଶ। ଓଡିଆ ଭାଷା, ସାହିତ୍ୟ, ନୃତ୍ୟ, ସଙ୍ଗୀତ, ହସ୍ତଶିଳ୍ପ. ହସ୍ତତନ୍ତ, ଲୋକକଳା ଓ ପାରମ୍ପରିକ ଜ୍ଞାନ ଆମର ଅମୂଲ୍ୟ ସମ୍ପଦ। ଅର୍ଥନୈତିକ ବିକାଶ ସହ ସାଂସ୍କୃତିକ ବିକାଶ ମଧ୍ୟ ଆବଶ୍ୟକ। ନିଜ ମୂଳକୁ ଭୁଲି ଯେଉଁ ସମାଜ ଆଗକୁ ବଢେ, ତାହାର ବିକାଶରେ ଆତ୍ମା ରହେ ନାହିଁ। ସାମୂହିକ ବିକାଶର ଆଉ ଏକ ବଡ ଆଧାର ହେଉଛି ସୁଶାସନ। ଯୋଜନା କରିବା ଯେତେ ଜରୁରୀ, ତାହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ତାହାଠାରୁ ଅଧିକ ଜରୁରୀ। ସରକାରୀ ସୁବିଧା ପାଇବା ପାଇଁ ସାଧାରଣ ଲୋକଙ୍କୁ ଅନାବଶ୍ୟକ ଦୌଡିବାକୁ ନ ପଡିବା, ଅଭିଯୋଗର ଶୀଘ୍ର ସମାଧାନ ହେବା, ଦୁର୍ନୀତିକୁ ରୋକିବା ଓ ପ୍ରଶାସନକୁ ଲୋକଙ୍କ ନିକଟତର କରିବା ଦରକାର। ସରକାର ଓ ଲୋକଙ୍କ ମଧ୍ୟରେ ଆସ୍ଥାର ସେତୁ ମଜଭୁତ ହେଲେ ବିକାଶର ଗତି ମଧ୍ୟ ବଢିବ। ସାମୂହିକ ବିକାଶର ଅର୍ଥ ସରକାର ସବୁକିଛି କରିବେ ବୋଲି ଅପେକ୍ଷା କରିବା ନୁହେଁ। ନାଗରିକଙ୍କର ମଧ୍ୟ ନିଜସ୍ୱ ଦାୟିତ୍ୱ ରହିଛି। ଆମେ ରାସ୍ତାରେ ଆବର୍ଜନା ନ ପକାଇଲେ, ପାଣି ଅପଚୟ ନକଲେ, ଗଛ ଲଗାଇଲେ, ସର୍ବସାଧାରଣ ସମ୍ପତ୍ତିକୁ ନିଜ ସମ୍ପତି ଭଳି ସୁରକ୍ଷା କଲେ ଓ ଆଇନକୁ ସମ୍ମାନ କଲେ ସମାଜ ଆପେ ଆପେ ବଦଳିବ। ରାଜ୍ୟ ଗଢିବା କେବଳ ଶାସକଙ୍କ କାମ ନୁହେଁ, ରାଜ୍ୟ ଗଢିବା ପ୍ରତ୍ୟେକ ନାଗରିକଙ୍କ ଦାୟିତ୍ୱ। ଓଡିଶାର ଆଗାମୀ ଦିନ କେବଳ ଅର୍ଥନୈତିକ ଆକାରରେ ବଡ ହେବା ନୁହେଁ, ମାନବିକତାରେ ମଧ୍ୟ ବଡ ହେବା ଦରକାର। ଆମେ ଏମିତି ଏକ ରାଜ୍ୟ ଚାହିଁବା, ଯେଉଁଠାରେ ଚାଷୀ ନିଜ ପରିଶ୍ରମ ପାଇଁ ଗର୍ବ କରିବେ, ଯୁବକ ନିଜ ଭବିଷ୍ୟତ ପାଇଁ ଆଶାବାଦୀ ହେବେ, ମହିଳା ନିଜ ସାମର୍ଥ୍ୟ ପାଇଁ ସମ୍ମାନ ପାଇବେ, ଶିଶୁ ନିଜ ସ୍ୱପ୍ନ ପାଇଁ ସୁଯୋଗ ପାଇବ, ବୃଦ୍ଧ ନିଜ ଜୀବନ ପାଇଁ ସୁରକ୍ଷା ପାଇବେ ଏବଂ ଦୁର୍ବଳ ମଣିଷ ନିଜକୁ ଏକ ମନେ କରିବ ନାହିଁ । ଶେଷରେ ବିକାଶର ପ୍ରଶ୍ନ ଅଟ୍ଟାଳିକା କେତେ ଉଚ୍ଚ ହେଲା ତାହା ନୁହେଁ, ମଣିଷର ଜୀବନ କେତେ ଉଚ୍ଚ ହେଲା ତାହା। ରାସ୍ତା କେତେ ଚଉଡା ହେଲା ତାହା ନୁହେଁ, ସୁଯୋଗର ପଥ କେତେ ଚଉଡା ହେଲା ତାହା। ଧନ କେତେ ବଢିଲା ତାହା ନୁହେଁ ଧନ ନୁହେଁ, ଧନର ସୁଯୋଗ କେତେ ଲୋକଙ୍କ ପାଖରେ ପହଂଚିଲା ତାହା। ବିକାଶର ପ୍ରକୃତ ଅର୍ଥ ହେଉଛି-କେହି ପଛରେ ନ ରହିବେ, କେହି ଅବହେଳିତ ହେବେ ନାହିଁ, କେହି ସୁଯୋଗରୁ ବଂଚିତ ହେବେ ନାହିଁ। ସମସ୍ତଙ୍କ ହାତରେ ସୁଯୋଗ, ସମସ୍ତଙ୍କ ଜୀବନରେ ସମ୍ମାନ, ସମସ୍ତଙ୍କ ମନରେ ଆଶା ଓ ସମସ୍ତଙ୍କ ଭବିଷ୍ୟତରେ ଆଲୋକ-ଏହି ହେଉଛି ସାମୂହିକ ବିକାଶର ସ୍ୱପ୍ନ। ଏହି ସ୍ୱପ୍ନ ଯେତେବେଳେ ଓଡିଶାର ପ୍ରତ୍ୟେକ ଘରର ସ୍ୱପ୍ନ ହେବ, ସେତେବେଳେ ଆମେ କେବଳ ବିକଶିତ ଓଡିଶା ନୁହେଁ, ଏକ ସମୃଦ୍ଧ, ସମାନ, ସମ୍ବେଦନଶୀଳ ଓ ସ୍ୱାଭିମାନୀ ଓଡିଶା ଗଢିପାରିବା। ବିକାଶର ଶେଷ ଲକ୍ଷ୍ୟ ହେଉ-ରାଜ୍ୟ ବଡ ହେବା ସହିତ ମଣିଷ ଜୀବନ ମଧ୍ୟ ବଡ ହେଉ।

ମୋ-୯୪୩୭୯୯୪୩୭୯

# ଏମ୍ଏମ୍ଡିଆର୍ ସଂଶୋଧନ ଆଇନ-୨୦୨୬ : ଏକ ମାଇଲ ଖୁଣ୍ଟ

## ବିରଞ୍ଚି ନାରାୟଣ ତ୍ରିପାଠୀ

**"ବିରୋଧୀ ଦଳମାନେ ଏହା ଜାଣିଥିଲେ ବି ରଣନୀତି ଓ ଦଳୀୟ ସ୍ୱାର୍ଥ ପାଇଁ ଲୋକଙ୍କୁ ଭୁଲ୍ ତଥ୍ୟ ଦେବା ଦେଖାଯାଉଛି । ଆଇନର ସଂଶୋଧନ କାହିଁକି ହେଉଛି ତାହା ବିଲ୍‌ରେ ସ୍ପଷ୍ଟ ଭାବେ ଉଲ୍ଲେଖ ଅଛି। ଏଥିରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ ଆଜି ବିଶ୍ୱ, ପୁଞ୍ଜି କିମ୍ବା ପ୍ରଯୁକ୍ତିବିଦ୍ୟା ପରି ଖଣିଜ ପଦାର୍ଥ ପାଇଁ ପ୍ରତିଯୋଗିତା କରୁଛି । ଇସ୍ପାତ, ସିମେଣ୍ଟ୍, ବିଦ୍ୟୁତ୍, ଇଲେକ୍ଟ୍ରୋନିକ୍ସ, ପରିବହନ ଏବଂ ପ୍ରତିରକ୍ଷା ସବୁକିଛି ଖଣିଜ ସମ୍ପଦରୁ ଆରମ୍ଭ ହୁଏ । ତେଣୁ ଏହି ସମ୍ପଦର ଏକ ସ୍ଥିର ଏବଂ ସୁସଙ୍ଗତ ବଣ୍ଟନ, ଜାତୀୟ ସୁରକ୍ଷା ଏବଂ ଦୈନନ୍ଦିନ ଜୀବିକା ଉଭୟକୁ ଆକାର ଦିଏ ।"**

ଓଡ଼ିଶାକୁ ପ୍ରକୃତିର ଏକ ଅମୂଲ୍ୟ ଉପହାର ଏହାର ଖଣିଜ ସମ୍ପଦ। ଅନେକ ରାଜ୍ୟରେ ଖଣିଜ ସମ୍ପଦ ନଥିବାବେଳେ ଓଡ଼ିଶାରେ ଉଭୟ ଗୁରୁ ଓ ଲଘୁ ଖଣିଜ ସମ୍ପଦର ଭଣ୍ଡାର ଅଛି । ସାରା ଦେଶ ପରି ଓଡ଼ିଶାର ଗୁରୁ ଖଣିଜ ସମ୍ପଦ, କେନ୍ଦ୍ର ସରକାରଙ୍କର ଅଧୀନରେ ଥିବାବେଳେ ଲଘୁ ଖଣିଜ ସମ୍ପଦ, ରାଜ୍ୟ ସରକାରଙ୍କର ଅଧୀନରେ ଅଛି । ଗୁରୁ ଖଣିଜ ସମ୍ପଦ, ଲୁହାପଥର, କ୍ରୋମାଇଟ୍, ବକ୍ସାଇଟ୍, ମାଙ୍ଗାନିଜ୍, କୋଇଲା ଆଦି ଖଣିଜ ସମ୍ପଦ ରାଜ୍ୟକୁ ଦେଶର ଖଣିଜ ମାନଚିତ୍ରରେ ଏକ ବିଶିଷ୍ଟ ସ୍ଥାନ ଦେଇଛି। ଏହି ସମ୍ପଦକୁ ନେଇ ଇସ୍ପାତ, ଆଲୁମିନିୟମ୍, ବିଦ୍ୟୁତ, ନିର୍ମାଣ ଓ ଅନେକ ଶିଳ୍ପ ରାଜ୍ୟରେ ଗଢ଼ିଉଠିଛି । ଏହା ସହିତ ରାଷ୍ଟ୍ର ନିର୍ମାଣରେ ଓଡ଼ିଶା ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଆସୁଛି। କିନ୍ତୁ ଏତେ ସବୁ ଥାଇ ବି ବିକାଶରେ ବାଧକର କାରଣ ହେଲା, ପୂର୍ବର କେନ୍ଦ୍ର ଓ ରାଜ୍ୟର କଂଗ୍ରେସ ତଥା ବିଜେଡି ସରକାର, ଖଣିଜ ସମ୍ପଦର ଉତ୍ପାଦନ ଓ ଏହାର ସୁରକ୍ଷା ଠିକ ଢଙ୍ଗରେ କରିପାରିନଥିଲେ । ପୂର୍ବରୁ କେନ୍ଦ୍ରରେ କଂଗ୍ରେସ ଓ ରାଜ୍ୟରେ ବିଜେଡି ସରକାର ଥିବାବେଳେ ଓଡ଼ିଶାରେ ପ୍ରଚୁର ଗୁରୁ ଖଣିଜ ସମ୍ପଦ ଚୋରି ହୋଇଥିଲା ଯାହାକୁ ଜଷ୍ଟିସ ଶାହା କମିଶନ ଆନୁମାନିକ ୬୦,୦୦୦ କୋଟି ବୋଲି ଆକଳନ କରିଥିଲେ । ଏହା ସେ କେବଳ ଲୁହାପଥର ଓ ମାଙ୍ଗାନିଜ ଖଣିକୁ ନେଇ କେତେକ ଜିଲ୍ଲାରେ ଅନୁଧ୍ୟାନ କରି ଆକଳନ କରିଥିଲେ । ଯଦି ସେ ସମସ୍ତ ଖଣିଜ ସମ୍ପଦ ଚୋରିର ଯାଂଚ କରିଥାନ୍ତେ ଓ ସବୁ ଜିଲ୍ଲା ବୁଲିଥାନ୍ତେ ତେବେ ଚୋରି ମୂଲ୍ୟ



୧ ଲକ୍ଷ କୋଟି ଛୁଇଁଥାନ୍ତା । କିନ୍ତୁ କଂଗ୍ରେସ ସରକାର କମିଶନଙ୍କ କାର୍ଯ୍ୟକାଳ ବୃଦ୍ଧି କରିନଥିଲେ । ଏହା ସହିତ ତତ୍କାଳୀନ ରାଜ୍ୟ ସରକାର ଯଦି ଲଘୁ ଖଣିଜ ସମ୍ପଦର ଭିଜିଲାନ୍ସ ଯାଂଚ କରିଥାନ୍ତେ ତେବେ ସେଥିରୁ ଚୋରି ଯୋଗୁ ଆଉ ୫୦,୦୦୦ କୋଟି ରାଜ୍ୟ ରାଜକୋଷରୁ କ୍ଷତି ହୋଇଥିବା ଜଣାପଡିଥାନ୍ତା। ଏହା ବ୍ୟତୀତ ଏମ୍ଏମ୍ଡ଼ିଆର୍ ଆକ୍ଟ (ମାଇନ୍ସ ମିନେରାଲ ଡେଭଲେପମେଣ୍ଟ ଆଣ୍ଡ ରେଗ୍ୟୁଲେସନ ଆକ୍ଟ ବା ଖଣି ଏବଂ ଖଣିଜ ପଦାର୍ଥ ବିକାଶ ଏବଂ ନିୟନ୍ତ୍ରଣ ଆଇନ), ୧୯୫୭କୁ ତତ୍କାଳୀନ କଂଗ୍ରେସ ସରକାର ଏପରି ବ୍ୟବହାର କରିଥିଲେ ଯେ ଖଣି ଲିଜ୍‌ରେ କୌଣସି ସ୍ୱଚ୍ଛତା ନଥିଲା ଓ ଯିଏ ଆଗରୁ ଆବେଦନ କଲା ସିଏ ଶାଗ ମାଛ ଦରରେ ଖଣି ଲିଜ୍ ନେଇ ଯାଉଥିଲା । ୨୦୧୪ରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ଏନଡ଼ିଏ ସରକାର ଆସିବା ପରେ ଏମ୍ଏମ୍ଡ଼ିଆର୍ ଆକ୍ଟର ୨୦୧୫ ରେ ସଂଶୋଧନ ଅଣାଯାଇ ଏହାକୁ ଅଧିକ ସ୍ୱଚ୍ଛ କରାଗଲା ଓ ଖଣିଜ ସମ୍ପଦ ଥିବା ରାଜ୍ୟମାନେ କିପରି ଅଧିକ ରାଜସ୍ୱ ପାଇବେ ସେଥିପାଇଁ ବ୍ୟବସ୍ଥା କରାଗଲା । ଏହା ସହିତ ଦେଶର ମାଇନିଂ ସେକ୍ଟର ବିଶ୍ୱ ମାଇନିଂ ବଜାରରେ ଅଧିକ ପ୍ରତିଦ୍ୱନ୍ଦ୍ୱିତାମୁଖୀ ହୋଇପାରିଲା ଓ କଂଚାମାଲର ଦରଦାମ୍, କେନ୍ଦ୍ର ସରକାର ସ୍ଥିର ରଖି ଦେଶରେ ଖଣିଜଭିତ୍ତିକ ଶିଳ୍ପର ବିକାଶକୁ ବଳ ଦେଲେ। ଏଥିଯୋଗୁ ଷ୍ଟିଲ, ସିମେଣ୍ଟ, ବିଦ୍ୟୁତ ଆଦି ଉତ୍ପାଦନର ବଜାର ଦର ନିୟନ୍ତ୍ରଣରେ ରହିବା ସହିତ ଦେଶ ବିଦେଶରେ ଅନେକ କମ୍ପାନୀ ଭାରତରେ ଖଣିଜଭିତ୍ତିକ ଶିଳ୍ପରେ ଭାଗନେବାକୁ ଅଗ୍ରସର ହେଲେ । ଏବେ ଦେଶରେ ଖଣି ଶିଳ୍ପର ନିରନ୍ତର ବିକାଶ ଓ ଏହାର ଭାଲ୍ୟୁ-ଆଡିସନକୁ ବିଶ୍ୱ ବଜାରରେ ପ୍ରତିଯୋଗୀ କରିବା ପାଇଁ ଓ ବିକଶିତ ଭାରତ-୨୦୪୭ ଭିଜନରେ ଖଣିଜ ଶିଳ୍ପ ଭାଗୀଦାରୀକୁ ବଢାଇବା ପାଇଁ କେନ୍ଦ୍ର ସରକାର ଏମ୍ଏମ୍ଡ଼ିଆର୍ ଆକ୍ଟ - ୧୯୫୭ରେ ସଂଶୋଧନ ଆଣିଛନ୍ତି ଯାହା ଦେଶର ଖଣିଜ ଶିଳ୍ପକୁ ଆଗକୁ ବଢାଇବା ସହିତ ରାଜ୍ୟମାନଙ୍କର ଆର୍ଥିକ ଲାଭକୁ ସୁରକ୍ଷିତ ରଖିବ । କିନ୍ତୁ ବିଜେଡି ଓ କଂଗ୍ରେସ ଏହି ସଂଶୋଧନକୁ ଲୋକଙ୍କ ପାଖରେ ଭୁଲ ଭାବେ ଉପସ୍ଥାପନ କରି ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି । ଅଗଷ୍ଟ ୨୦୨୬ରେ ସଂସଦର ଉଭୟ ସଦନରେ ପାରିତ ହୋଇଥିବା ଏମ୍ଏମ୍ଡ଼ିଆର୍ ସଂଶୋଧିତ ଆଇନର ମୂଳ ଲକ୍ଷ୍ୟ ହେଉଛି ଗୁରୁ ଖଣିଜ କ୍ଷେତ୍ରରେ ଦୀର୍ଘମିଆଦୀ ସ୍ଥିରତା ଓ ନୀତିଗତ ନିଶ୍ଚିତତା ବ୍ୟବସ୍ଥା ସୃଷ୍ଟି କରି ନିବେଶ ଓ ଉତ୍ପାଦନକୁ ଗତି ଦେବା । ଏମ୍ଏମ୍ଡ଼ିଆର୍ ଆଇନର ସଂଶୋଧନ କାହିଁକି ହେଲା ତାହା ଲୋକେ ଜାଣିବା ଦରକାର । ବିରୋଧୀ ଦଳମାନେ ଏହା ଜାଣିଥିଲେ ବି ରଣନୀତି ଓ ଦଳୀୟ ସ୍ୱାର୍ଥ ପାଇଁ ଲୋକଙ୍କୁ ଭୁଲ୍ ତଥ୍ୟ ଦେବା ଦେଖାଯାଉଛି । ଆଇନର ସଂଶୋଧନ କାହିଁକି ହେଉଛି ତାହା ବିଲ୍‌ରେ ସ୍ପଷ୍ଟ ଭାବେ ଉଲ୍ଲେଖ ଅଛି । ଏଥିରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ ଆଜି ବିଶ୍ୱ, ପୁଞ୍ଜି କିମ୍ବା ପ୍ରଯୁକ୍ତିବିଦ୍ୟା ପରି ଖଣିଜ ପଦାର୍ଥ ପାଇଁ ପ୍ରତିଯୋଗିତା କରୁଛି । ଇସ୍ପାତ, ସିମେଂଟ୍, ବିଦ୍ୟୁତ୍, ଇଲେକ୍ଟ୍ରୋନିକ୍ସ, ପରିବହନ ଏବଂ ପ୍ରତିରକ୍ଷା ସବୁକିଛି ଖଣିଜ ସମ୍ପଦରୁ ଆରମ୍ଭ ହୁଏ । ତେଣୁ ଏହି ସମ୍ପଦର ଏକ ସ୍ଥିର ଏବଂ ସୁସଙ୍ଗତ ବଂଟନ, ଜାତୀୟ ସୁରକ୍ଷା ଏବଂ ଦୈନନ୍ଦିନ ଜୀବିକା ଉଭୟକୁ ଆକାର ଦିଏ । ଭାରତରେ ଖଣି ଏବଂ ଖଣିଜ ପଦାର୍ଥ ଏମ୍ଏମ୍ଡ଼ିଆର୍ ଆଇନ, ୧୯୫୭ ଅଧୀନରେ ନିୟନ୍ତ୍ରିତ । ସଂଶୋଧନ ଆଇନ, ୨୦୨୬, ଏହି କ୍ଷେତ୍ର ପାଇଁ ଏକ ସମାନ ଏବଂ ସନ୍ତୁଳିତ ଆର୍ଥିକ ଢାଂଚା ସ୍ଥାପନ କରିବା ପାଇଁ ଲକ୍ଷ୍ୟ ରଖୁଛି । ଖଣିଜ ସମ୍ପଦ କିଛି ରାଜ୍ୟରେ ରହିଛି କିନ୍ତୁ ଏହା ସମଗ୍ର ଜାତୀୟ ଅର୍ଥନୀତିକୁ ସାହାଯ୍ୟ କରେ, ଯାହା ଏହାର 'କର'କୁ ଜାତୀୟ ଗୁରୁତ୍ୱ ଦେଇଥାଏ । ଅନିୟନ୍ତ୍ରିତ ବ୍ୟବସ୍ଥା ଏବଂ ଭିନ୍ନ ରାଜ୍ୟର ଟିକସ ଢାଂଚା, ଖଣିର କାର୍ଯ୍ୟ କ୍ଷମତାକୁ କ୍ରମାଗତ ଭାବରେ ନଷ୍ଟ କରେ ଓ ଶିଳ୍ପ ଏବଂ ପରିବାରରେ ଉତ୍ପାଦିତ ଦ୍ରବ୍ୟର ଖର୍ଚ୍ଚ ବୃଦ୍ଧି କରେ । କିନ୍ତୁ ସଂଶୋଧିତ ଆଇନ, ୨୦୨୬ ଖଣିଜ ଦ୍ରବ୍ୟର 'କର' ରେ ସମାନତା ଏବଂ ଯୁକ୍ତିଯୁକ୍ତତା ଆଣିବାକୁ ଚେଷ୍ଟା କରୁଛି । ରାଜ୍ୟଗୁଡ଼ିକ ବର୍ତ୍ତମାନ ଖଣି ଉପରେ ପ୍ରାୟ ୧୪ ପ୍ରକାର କର, ଶୁଳ୍କ ଆଦି ଲାଗୁ କରନ୍ତି । ଏଥିରେ ରୟାଲିଟି, ନିଲାମ ପ୍ରିମିୟମ୍, ଡ଼ିଏମ୍ଏଫ୍ ଦେୟ, ଜିଏସଟି ଏବଂ ପରିବହନ ଶୁଳ୍କ ଆଦି ଅନ୍ତର୍ଭୁକ୍ତ । କିଛି ରାଜ୍ୟ ଖଣିଜ ପଦାର୍ଥ ଥିବା ଜମି ଉପରେ ଅତିରିକ୍ତ ଭାବରେ କର ଲଗାଇବା ଆରମ୍ଭ କରିଛନ୍ତି, ଯାହା ୨୦ ପ୍ରତିଶତ ପରି ଉଚ୍ଚ ହାରକୁ ଛୁଇଁଛି । ଏହା ଏକ କ୍ରମାଗତ ଏବଂ ଖୋଲା ଓ ଅନିଶ୍ଚିତ ଟିକସ ବୋଝ ସୃଷ୍ଟି କରେ । ଗ୍ରାଫାଇଟ୍ ପରି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଏବଂ ୟୁରାନିୟମ୍ ପରି ପରମାଣୁ ଖଣିଜ ପଦାର୍ଥ ଉପରେ ମଧ୍ୟ ଏହି କର ବୋଝ ସୃଷ୍ଟି କରେ ଯାହା ଏହି ରଣନୈତିକ ଖଣିଜ ପଦାର୍ଥର ନିଷ୍କାସନକୁ ଅବ୍ୟବସ୍ଥିତ କରେ । ରାଜ୍ୟ ରାଜ୍ୟ ମଧ୍ୟରେ ଭିନ୍ନ 'କର' ହାର ଉତ୍ପାଦନରେ ଅସମାନତା ସୃଷ୍ଟି କରେ । ରଣନୈତିକ ଖଣିଜ ପ୍ରକଳ୍ପଗୁଡ଼ିକୁ ବାଣିଜ୍ୟିକ ଭାବରେ କାର୍ଯ୍ୟକ୍ଷମ ରଖିବା ପାଇଁ ଟିକସର ଯୁକ୍ତିଯୁକ୍ତକରଣ ଆବଶ୍ୟକ । ଯେତେବେଳେ ଅଧିକ ଟିକସ ବୋଝ ହୁଏ , ସେତେବେଳେ ଭାରତୀୟ ଖଣିଜ ପଦାର୍ଥ ଅପେକ୍ଷା ବିଦେଶରୁ କଂଚାମାଲ ଆମଦାନୀ କରିବା ଅଧିକ ଲାଭବାନ ହୁଏ । ଏଥିଯୋଗୁ ଦେଶର ଖଣି ଶିଳ୍ପ କ୍ଷତିଗ୍ରସ୍ତ ହୁଏ ଓ କମ୍ପାନୀମାନେ ବିଦେଶରୁ କଂଚାମାଲ ଆମଦାନୀ କରନ୍ତି । ଏଥିଯୋଗୁଁ ଆମର ଖଣିଜ ସମ୍ପଦ ଥାଇବି ୨୦୨୫ -୨୬ ଆର୍ଥିକ ବର୍ଷରେ ୧୦,୧୨,୫୨୯ କୋଟି ଟଙ୍କାର ଖଣିଜ ପଦାର୍ଥ ବିଦେଶରୁ ଆମଦାନୀ ହୋଇଥିଲା। ଖଣିଜ କ୍ଷେତ୍ରରେ "ଆତ୍ମନିର୍ଭରତା" ଲକ୍ଷ୍ୟ ପାଇଁ ଏହି ଖର୍ଚ୍ଚ ବୃଦ୍ଧିକୁ ରୋକିବା ଅତ୍ୟନ୍ତ ଜରୁରି । ସେହିପରି, ଖଣିଜ ଉପରେ ଟିକସ ସିଧାସଳଖ ଖଣିଜ ମୂଲ୍ୟରେ ଯୋଡାଯାଏ । ଏଥିଯୋଗୁଁ ଇସ୍ପାତ, ସିମେଣ୍ଟ, ବିଦ୍ୟୁତ୍ ଏବଂ ନିର୍ମାଣରେ ଦରଦାମ୍ ବଢେ । ସାଧାରଣ ପରିବାର, ଗୃହ, ବିଦ୍ୟୁତ୍ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ପାଇଁ ଅଧିକ ଦେୟ ଦିଅନ୍ତି । ଯଦି ଖଣି ଶିଳ୍ପ କ୍ଷତିଗ୍ରସ୍ତ ହୁଏ ତେବେ ଖଣି ବନ୍ଦ ହୁଏ ଓ କୋଟି କୋଟି ଶ୍ରମିକ ନିଯୁକ୍ତି ହରାନ୍ତି । ଅନ୍ୟପଟେ ନିବେଶକମାନେ କେବଳ ସେହି ସ୍ଥାନରେ ଖଣି ପାଇଁ ପୁଞ୍ଜି ଲଗାନ୍ତି ଯେଉଁଠାରେ 'ଟିକସ' ସ୍ଥିର ଥାଏ । ହଠାତ୍ ଟିକସରେ ପରିବର୍ତ୍ତନ ସାଧାରଣ ଜନତାଙ୍କୁ ନିରୁତ୍ସାହିତ କରେ ।

(ପ୍ରଥମ ଭାଗ)

ଫୋନ୍ ନଂ - ୯୪୩୭୦୮୮୨୦୯

# ନାଁ ହୋଟେଲ, କାମ ବିଷ ବେପାର !

## ହୋଟେଲ ଓ ଢାବାରେ ଖାଉଟି ବିଭାଗର ଚଢ଼ାଉ, ୨୮,୬୦୦ ଜରିମାନା

ରେଢ଼ାଖୋଲ,୧୧।୯ (ନିପ୍ର); ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ବିଭିନ୍ନ ହୋଟେଲ ଓ ଢାବାରେ ମିଳିତ ଚଢ଼ାଉ ପରେ ୫୫ କେଜି ବାସି ଖାଦ୍ୟ ନଷ୍ଟ, ୨୮,୬୦୦ ଟଙ୍କା ଫାଇନ୍ ଆଦାୟ କରାଯାଇଛି। ରେଢ଼ାଖୋଲ ସହରର ବିଭିନ୍ନ ହୋଟେଲ ଏବଂ ଢାବାରେ ଗ୍ରାହକଙ୍କ ସ୍ୱାସ୍ଥ୍ୟ ସହ ଖେଳୁଥିବା ଅସାଧୁ ବ୍ୟବସାୟୀଙ୍କ ବିରୋଧରେ ପ୍ରଶାସନ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଖାଉଟି ବିଭାଗ, ଏନଏସି ଏବଂ ପୋଲିସ ପ୍ରଶାସନର ମିଳିତ ସହଯୋଗରେ ଏହି ଚଢ଼ାଉ କରାଯିବା ପରେ ପଦାରେ ପଡିଛି ହୋଟେଲ ଗୁଡିକର ଅସଲ ଚେହେରା । ପ୍ରାୟତଃ ରେଢ଼ାଖୋଲରେ ବିଭିନ୍ନ ହୋଟେଲ ଗୁଡିକରେ ଖାଦ୍ୟ ଜାଗାରେ ଲୋକଙ୍କୁ ବିଷ ଦିଆଯାଉଥିଲା ଯାହା ଲୋକେ ଜାଣିପାରୁନଥିଲେ ବୋଲି





କୁହାଯାଉଛି। ସୂଚନା ଅନୁସାରେ, ମିଳିତ ଟିମ୍ ସହରର ୧୧ଟି ହୋଟେଲରେ ଚଢ଼ାଉ କରି ବିଭିନ୍ନ ଦିଗରୁ ଯାଞ୍ଚ କରିଥିଲେ । ଏହି ସମୟରେ ହୋଟେଲ ଗୁଡ଼ିକରେ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହେବା ସହ ବାସି ଓ ପଚାସଢ଼ା ଖାଦ୍ୟ ଗ୍ରାହକଙ୍କୁ ପରିବେଷଣ କରାଯାଉଥିବା ଜଣାପଡ଼ିଥିଲା। ତେଣୁ ଘଟଣାସ୍ଥଳରେ ୫୫ କେଜି ପଚା ପରିବା ଓ ବାସି ଖାଦ୍ୟକୁ ଜବତ କରାଯାଇ ନଷ୍ଟ କରାଯାଇଛି। ଏହା ସହିତ ସରକାରୀ ନିୟମ ଉଲ୍ଲଂଘନ କରି ବ୍ୟବହାର ହେଉଥିବା ୩ କେଜି ନିଷିଦ୍ଧ ପଲିଥିନ ମଧ୍ୟ ଜବତ ହୋଇଛି। ନିୟମ ଭଙ୍ଗ ଅଭିଯୋଗରେ ହୋଟେଲ ଓ ଦୋକାନୀମାନଙ୍କଠାରୁ ମୋଟ ୨୮,୬୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ସେଥିମଧ୍ୟରେ ପଲିଥିନ ବ୍ୟବହାର ପାଇଁ ୧,୬୦୦ ଟଙ୍କା ଏବଂ ଅନ୍ୟାନ୍ୟ ଖାଦ୍ୟ ନିରାପତ୍ତା ତ୍ରୁଟି ପାଇଁ ୨୭,୦୦୦ ଟଙ୍କା ଆଦାୟ ହୋଇଛି। ପ୍ରଶାସନର ଏହି କଡ଼ା ପଦକ୍ଷେପ ସହରର ଅନ୍ୟ ବ୍ୟବସାୟୀମାନଙ୍କ ମଧ୍ୟରେ ଚହଳ ସୃଷ୍ଟି କରିଥିବା ବେଳେ, ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ାଉ ଜାରି ରହିବ ବୋଲି ଖାଉଟି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ନୀଳମାଧବ ମହାବିଦ୍ୟାଳୟରେ ସଚେତନା କାର୍ଯ୍ୟକ୍ରମ

କଣ୍ଟିଲୋ,୧୧।୯(ନିପ୍ର): ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ନୀଳମାଧବ ମହାବିଦ୍ୟାଳୟ ସଭାଗୃହରେ ଏକ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ମେଡିକାଲର ଆୟୁଷ ଡାକ୍ତର ଆଦିରଶ୍ମି ସ୍ୱାଇଁ ଉପସ୍ଥିତ ଛାତ୍ରୀମାନଙ୍କୁ ନିରୋଗ ସହ ଉତ୍ତମ ସ୍ୱାସ୍ଥ୍ୟ ସମ୍ପର୍କରେ ଆଲୋକପାତ କରିଥିଲା ବେଳେ ଉପଯୁକ୍ତ ଖାଦ୍ୟ ବ୍ୟବହାର କରି ଦକ୍ଷତା ପ୍ରତିପାଦନ କରିବାକୁ ପରାମର୍ଶ ଦେଇଥିଲେ । ବିଶିଷ୍ଟ ଅତିଥି ଭାବରେ ମହାବିଦ୍ୟାଳୟ ଅଧ୍ୟକ୍ଷା ଡ଼ଃ ନନ୍ଦିତା ବାରିକ ଯୋଗ ଦେଇଥିଲା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଭାକର ଶିରୋମଣି, ରାଜନୀତି ବିଭାଗ ଅଧ୍ୟାପକ ଡ଼ଃ ଅଶୋକ କୁମାର ପାତ୍ର ଅର୍ଥନୀତି ବିଭାଗ ଅଧ୍ୟାପକ ସୁମନ୍ତ କୁମାର ଜେନା, ଇଂରାଜୀ ବିଭାଗ ପ୍ରାଧ୍ୟାପକ ଓମ ପ୍ରକାଶ ସାହୁ ଯୋଗ ଦେଇ ଛାତ୍ରୀମାନଙ୍କ ପାଇଁ ଏହି କାର୍ଯ୍ୟକ୍ରମ ଭବିଷ୍ୟତରେ ଉତ୍ତମ ସ୍ୱାସ୍ଥ୍ୟ ଗଠନରେ ସହାୟକ ହୋଇପାରିବା ସଙ୍ଗେ ସଙ୍ଗେ ଦୈନିକ ଜୀବନ ଚର୍ଯ୍ୟା ସୁଗମ ହୋଇ ପାରିବ ବୋଲି ମତ ବ୍ୟକ୍ତ କରିଥିଲେ ।

## ଧାନବିଲରେ ଦଳି ଦେଲା ହାତୀ, ଜଣେ ମୃତ

ଚମ୍ପୁଆ,୧୧।୯ (ନିପ୍ର): ଧାନ ବିଲରେ ଚାଷୀକୁ ଦଳିଦେଲା ହାତୀ। ଧାନ ବିଲରେ ହାତୀ ପଲ ଧାନ ଖାଉଥିବା ବେଳେ ହାତୀ ଘଉଡେଇବାକୁ ଚେଷ୍ଟା କରି ହାତୀ ଆକ୍ରମଣରେ ମୃତ୍ୟୁ ବରଣ କରିଛନ୍ତି ଚାଷୀ । ଚମ୍ପୁଆ ବ୍ଲକ ବସିରା ଗାଁ ଚତୁରି ସାହିର ବିଶ୍ୱନାଥ ମହାନ୍ତ (୪୮) ହାତୀ ନିଜ ବିଲରେ ଆକ୍ରମଣରେ ମୃତ୍ୟୁବରଣ କରିଛନ୍ତି। ୨୫ ଟିକିଆ ହାତୀପଲ ଦୁଇ ଦିନ ହେବ କାଳିକାପ୍ରସାଦ ସଂରକ୍ଷିତ ଜଙ୍ଗଲରେ ରହି ଆଖପାଖ ଅଞ୍ଚଳରେ ବ୍ୟାପକ ଧାନ ଫସଲ ନଷ୍ଟ କରୁଛନ୍ତି । ବସିରା ଚତୁରି ସାହିରେ ବିଶ୍ୱନାଥଙ୍କ ବିଲରେ ଧାନ ଖାଉଥିବା ବେଳେ ସେ ହାତୀକୁ ଘଉଡେଇବାକୁ ଚେଷ୍ଟା କରିଥିଲେ। ମାତ୍ର ହାତୀ ତାକୁ ଆକ୍ରମଣ କରିଥିଲା। ସେ ବିଲରୁ ଦୌଡି ପଳାଇବାକୁ ଚେଷ୍ଟା କରିଥିଲେ ମାତ୍ର ହାତୀ ଧାନ ବିଲରେ ବିଶ୍ୱନାଥକୁ ଦଳି ପକାଇ ବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଛି।

## ସୁବର୍ଣ୍ଣପୁରରେ ମହାବଳୀ ଯାତ୍ରା ପ୍ରସ୍ତୁତି

ସୋନପୁର,୧୧।୯(ନିପ୍ର):ଆସନ୍ତା ଅକ୍ଟୋବର ମାସ ପ୍ରଥମ ସପ୍ତାହରୁ ଆରମ୍ଭ ହେବାକୁ ଥିବା ପବିତ୍ର ନବରାତ୍ରି ଓ ଦଶହରା ଉପଲକ୍ଷେ ସୁବର୍ଣ୍ଣପୁରର ପ୍ରସିଦ୍ଧ ମହାବଳୀ ଯାତ୍ରା ପାଳନ ନିମନ୍ତେ ଏକ ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ଡ. ସୋମ୍ୟା ରୂପା ରଥଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିଥିଲା। ଏଥିରେ ଅଷ୍ଟଚଣ୍ଡୀଙ୍କ ପୂଜକ, ସେବାୟତ ତଥା ପ୍ରଶାସନର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଯାତ୍ରାର ସୁପରିଚାଳନା ନେଇ ବିସ୍ତୃତ ଆଲୋଚନା କରିଥିଲେ। ବୈଠକର ନିଷ୍ପତ୍ତି ଅନୁଯାୟୀ, ଚଳିତ ବର୍ଷ ଅକ୍ଟୋବର ପ୍ରଥମ ସପ୍ତାହରୁ ଆରମ୍ଭ କରି ଦଶହରା ପର୍ବର ସମାପ୍ତି ପର୍ଯ୍ୟନ୍ତ ଏହି ଯାତ୍ରା ପାଳିତ ହେବ। ଏହି ପାରମ୍ପରିକ ଯାତ୍ରାକୁ ଅଧିକ ଶୃଙ୍ଖଳିତ, ସୁରକ୍ଷିତ ତଥା ସୁଚାରୁ ରୂପେ ସମ୍ପନ୍ନ କରିବା ନିମନ୍ତେ ପ୍ରଶାସନର ସମସ୍ତ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରହିବା ଜରୁରୀ ବୋଲି ଉପଜିଲ୍ଲାପାଳ ଡ. ରଥ ମତବ୍ୟକ୍ତ କରିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## ୧୦୮ କିଲୋଗ୍ରାମ ଗଞ୍ଜେଇ ଜବତ, ୩ ଗିରଫ

ବୌଦ୍ଧ,୧୧।୯ (ନିପ୍ର): ବୌଦ୍ଧ ଅବକାରୀ ବିଭାଗ ପକ୍ଷରୁ ଗଞ୍ଜେଇ ଚୋରାଚାଲାଣ ବିରୋଧରେ ଚାଲିଥିବା ଅଭିଯାନରେ ଏକ ବଡ଼ ସଫଳତା ମିଳିଛି। ବୌଦ୍ଧ ଅବକାରୀ ରେଞ୍ଜର ଇନ୍ସପେକ୍ଟରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଉଁଶୁଣୀ ଥାନା ଅଧୀନ ଟିକିରାପଡ଼ା ଗ୍ରାମ ନିକଟସ୍ଥ ପୋଖରୀ କୂଳରେ ଚଢ଼ଉ କରାଯାଇ ୧୦୮ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହି ଘଟଣାରେ ଟିକିରାପଡ଼ା ଗ୍ରାମର ସୁରମଣି ତାଣ୍ଡିଆଙ୍କ ପୁଅ କାଶ୍ୟପ ତାଣ୍ଡିଆ (୨୫), ମନମୁଣ୍ଡା ଥାନା ଅଧୀନ ଗୋପୀଗାଁର ଶିଶୁ ମାହାରଙ୍କ ପୁଅ ପ୍ରଦୀପ ମାହାର (୨୧) ଏବଂ କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା ଅଧୀନ ନେଡିପଦର ଗ୍ରାମର ଅବଖିତା ଦିଗାଲଙ୍କ ପୁଅ ରାଜେଶ ଦିଗାଲ (୧୯)ଙ୍କୁ ଗିରଫ କରାଯାଇଛି। ଏହି ସମ୍ପର୍କରେ ପି.ଆର ନଂ. ୬୮/୨୦୨୬-୨୭, ତା. ୦୯/୦୯/୨୦୨୬ ରେ ଏନ୍‌ଡିପିଏସ୍ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତମାନଙ୍କୁ ଆଇନନୁସାରେ ଜିଲ୍ଲା ଓ ଦୌରା ଜଜ୍, ବୌଦ୍ଧଙ୍କ ଅଦାଲତରେ ହାଜର କରାଯିବ। ଏହି ଚଢ଼ଉ ଓ ମାମଲା ରୁଜୁ ପ୍ରକ୍ରିୟା ବୌଦ୍ଧ ଅବକାରୀ ଷ୍ଟେସନର ଓଆଇସି ସତ୍ୟନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ସମ୍ପନ୍ନ ହୋଇଥିବା ଜଣାପଡ଼ିଛି।

## ୫୩ ମାମଲା: ଜବତ ୧୩.୩୪ ଟନ୍ ଗଞ୍ଜେଇ ନଷ୍ଟ

ପାରଳାଖେମୁଣ୍ଡି,୧୧।୯ (ନିପ୍ର); ଗଜପତି ଜିଲ୍ଲାରେ ବିଭିନ୍ନ ମାମଲାରେ ଜବତ ହୋଇଥିବା ପ୍ରାୟ ୧୩.୩୪ ମେଟ୍ରିକ୍ ଟନ୍ ଗଞ୍ଜେଇ ଆଜି ନଷ୍ଟ କରାଯାଇଛି। ଗଞ୍ଜାମ ଜିଲ୍ଲାର ଶେରଗଡ଼ସ୍ଥିତ ଇନ୍‌ସିନେରେଟରେ ଏହି ଗଞ୍ଜେଇକୁ ନିୟମାନୁଯାୟୀ ନଷ୍ଟ କରାଯାଇଛି। ପୁଲିସ ଓ ଅବକାରୀ ବିଭାଗର ମୋଟ ୫୩ଟି ମାମଲାରେ ଜବତ ହୋଇଥିବା ୧୩,୩୪୬.୧୭୯ କିଲୋଗ୍ରାମ ଗଞ୍ଜେଇ ଏହି ପ୍ରକ୍ରିୟାରେ ନଷ୍ଟ ହୋଇଛି। ସେଥିମଧ୍ୟରୁ ପୁଲିସ ବିଭାଗର ୨୩ଟି ମାମଲାରେ ଜବତ ୧୧,୫୪୧.୪୨୯ କିଲୋଗ୍ରାମ ଏବଂ ଅବକାରୀ ବିଭାଗର ୩୦ଟି ମାମଲାରେ ଜବତ ୧,୮୦୪.୭୫୦ କିଲୋଗ୍ରାମ ଗଞ୍ଜେଇ ରହିଥିଲା। ଗଞ୍ଜେଇ ନଷ୍ଟ ପ୍ରକ୍ରିୟା ସମୟରେ ଦକ୍ଷିଣାଞ୍ଚଳ ଆଇଜି ଜୟ ନାରାୟଣ ପଙ୍କଜ, ଗଜପତି ଏସ୍‌ପି, ଓଡ଼ିଶା ଏସ୍‌ଟିଏଫ୍ ଏସ୍‌ପି, ଅବକାରୀ ଅଧୀକ୍ଷକ, କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍, ଡିଏସ୍‌ପିଙ୍କ ସମେତ ବରିଷ୍ଠ ଅଧିକାରୀ ଓ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

## ୧୩ ସାଇକେଲ ଜବତ , ଅଭିଯୁକ୍ତ ଗିରଫ

ପାରଳାଖେମୁଣ୍ଡି,୧୧।୯ (ନିପ୍ର): ପାରଳାଖେମୁଣ୍ଡି ସହରରେ ସିରିଜ୍ ସାଇକେଲ ଚୋରି ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ଏହି ଘଟଣାରେ ଗୁରାଣ୍ଡି ଥାନା ରଣଦେବୀ ଗ୍ରାମର ଭବାନୀ ପ୍ରସାଦ ଦାଶ (୫୨)ଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୧୩ଟି ଚୋରି ସାଇକେଲ ଉଦ୍ଧାର ହୋଇଛି। ପୁଲିସ ବିଭିନ୍ନ ସ୍ଥାନର ସିସିଟିଭି ଫୁଟେଜ୍ ? ଯାଞ୍ଚ କରି ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ପଚରାଉଚରାରୁ ଗତ ପ୍ରାୟ ୩ ମାସରେ ସେ ସହରରୁ ପ୍ରାୟ ୫୦ଟି ସାଇକେଲ ଚୋରି କରିଥିବା ଜଣାପଡ଼ିଛି। ଏଥିରୁ ଅନେକ ସାଇକେଲ ବିକ୍ରି କରିଦେଇଥିବା ଜଣାପଡ଼ିଛି। ଅବଶିଷ୍ଟ ସାଇକେଲ ଉଦ୍ଧାର ପାଇଁ ତଦନ୍ତ ଜାରି ରହିଛି। ଏନେଇ ପାରଳାଖେମୁଣ୍ଡି ଥାନାରେ କେସ୍ ନଂ ୩୭୦, ତା. ୭.୯.୨୦୨୬ରେ ବିଏନ୍‌ଏସ୍ ଦଫା ୩୦୩(୨)ରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଚାଷୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବି

ରମ୍ଭା,୧୧।୯ (ନିପ୍ର): ଋଷିକୁଲ୍ୟା ରୟତ ମହାସଂଘ ସମ୍ପାଦକ ସୀମାଞ୍ଚଳ ନାହାକଙ୍କ ଆବାହକତ୍ୱରେ ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ହରିପୁର ବୁରୁଡି ଗ୍ରାମ ସ୍ଥିତ ଶୀତଳ ଭଣ୍ଡାର ଠାରେ ଚାଷୀମାନଙ୍କର ବିଭିନ୍ନ ସମସ୍ୟାକୁ ନେଇ ଏକ ସମାବେଶ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ସମାବେଶରେ ସାନ ରାମଚନ୍ଦ୍ରପୁର, ଝାରେଡି ରାଧା ଗୋବିନ୍ଦପୁର,ସୁବଳୟା ,ରାମଗଡ଼,, ହୁମ୍ମା,ପାଳିବନ୍ଧ ଗ୍ରାମ ପଞ୍ଚାୟତ ତଥା ରମ୍ଭା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳର ଅଗ୍ରଣୀ ଚାଷୀମାନେ ଯୋଗଦେଇ ଚାଷୀ ଓ ଚାଷ ଜନିତ ବିଭିନ୍ନ ସମସ୍ୟା ଉପସ୍ଥାପିତ କରିଥିଲେ । ଉକ୍ତ ସମାବେଶରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଛତ୍ରପୁର ଉପଜିଲ୍ଲାପାଳ ଡ଼ ଶିବାଶିଷ ବରାଡ଼ ,ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ପଣ୍ଡା, ଗଞ୍ଜାମ ବ୍ଲକ୍ ଗୋଷ୍ଠୀ କୃଷି ଉନ୍ନୟନ ଅଧିକାରୀ ସଂଗ୍ରାମ ସେନାପତି, ହିଞ୍ଜିଳି କାଟୁ ଆର୍ ଏମ୍ ସି ସମ୍ପାଦକ ବିନାୟକ ବିଶ୍ୱାଳ ପ୍ରମୁଖ ଯୋଗ ଦେଇ ଚାଷୀ ମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ୨୦୧୦ ମସିହାରେ ଉକ୍ତ ଶୀତଳ ଭଣ୍ଡାରଟି ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ



ଦ୍ୱାରା ଉଦ୍ଘାଟିତ ହୋଇ ୨୦୨୩ ମସିହାରେ ଏହାକୁ ଶୀତଳ ଭଣ୍ଡାର ବଦଳରେ ଏକ କ୍ଷୁଦ୍ର କୁଲ୍ ଚାମ୍ବର ଭାବେ କାର୍ଯ୍ୟକ୍ଷମ କରା ଯାଇଥିବାରୁ ଚାଷୀ ମାନେ ଘୋର ଅସନ୍ତୋଷ ପ୍ରକାଶ କରିଥିଲେ । ଏହି ଅଞ୍ଚଳ ପରିବା ଚାଷ ବିଶେଷତଃ ଟମାଟ ଉତ୍ପାଦନରେ ସମଗ୍ର ରାଜ୍ୟରେ ଏକ ପ୍ରମୁଖ ଭୂମିକା ନିର୍ବାହ କରିଥାଏ । ପରିତାପର ବିଷୟ ଉକ୍ତ ପନିପରିବା ଉତ୍ପାଦନର ଅଭାବୀ ବିକ୍ରି ଯୋଗୁଁ ଚାଷୀ ମାନେ ଘୋର କ୍ଷତିର ସମ୍ମୁଖୀନ ହୋଇଥାନ୍ତି । ଏତଦ୍ ବ୍ୟତୀତ ଋଷିକୁଲ୍ୟା ନଦୀରେ ମେଗା ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରି ଉପର ମୁଣ୍ଡରେ ଅବସ୍ଥିତ ଶତ୍ରୁଶୋଳ ସ୍ଥିତ ବ୍ରାହ୍ମଣୀ ଦେଇ ଘାଇକୁ ସଂଯୋଗ କରାଗଲେ ଅଞ୍ଚଳର ଅଧିକାଂଶ ଜମି ଜଳସେଚିତ ହୋଇ ପାରିଥାନ୍ତା ବୋଲି ମତ ପ୍ରକାଶ ପାଇଥିଲା । ମଣ୍ଡିରେ କଟଣୀ ଛଟଣି ନାଁରେ ମିଲ୍ ମାଲିକ ତଥା କୋଅପରେଟିଭ ସୋସାଇଟି ମାନେ ଧାନ କିଣା ସମୟରେ ଅଧିକ ପାଞ୍ଚ ଛଅ କେଜି ଧାନ ଠକି ନେଉଥିବା ବିଷୟ ବିଧାୟକ ତଥା ଉପ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଚଳିତ ଖରିଫ ଋତୁରେ ସାର ବିକ୍ରେତାମାନେ ଚଢ଼ା ଦରରେ ସାର ବିକ୍ରି କରିବା ଓ କ୍ଲଷ୍ଟର ମାଧ୍ୟମରେ ସ୍ଥାପିତ ହୋଇଥିବା ଜଳ ସେଚ ପଏଣ୍ଟ୍ ଗୁଡିକୁ ଦୀର୍ଘ ଦିନ ଧରି ବିଦ୍ୟୁତ୍ ସଂଯୋଗ କରା ଯାଇ ନଥିବାରୁ ଚାଷୀ ମାନେ ଘୋର ଉଦବେଗ ପ୍ରକାଶ କରିଥିଲେ । ଏ ଦିଗରେ ଜିଲ୍ଲାପାଳ ଓ ରାଜ୍ୟ ସରକାରଙ୍କ ସହ ଯୋଗାଯୋଗ କରି ସମସ୍ୟା ଗୁଡିକ ଦୂର କରିବା ପାଇଁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ । ବୈଠକ ପ୍ରାରମ୍ଭରେ ବିଜୟ କୁମାର ବିଶ୍ୱାଳ ଚାଷୀମାନଙ୍କର ବିଭିନ୍ନ ସମସ୍ୟାକୁ ଉପସ୍ଥାପିତ କରିଥିବା ବେଳେ ପରିଶେଷରେ ଆଡଭୋକେଟ୍ କୈଳାସ ପଲେଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରାକୃତିକ ସାମଗ୍ରୀର ବ୍ୟବହାର ଉପରେ ଗୁରୁତ୍ୱ

ଅନୁଗୋଳ,୧୧।୯ (ନିପ୍ର); ଅନୁଗୋଳ ସହରରେ ପରିବେଶର ସୁରକ୍ଷା ନେଇ ଏକ ଅଭିନବ ଉପାୟରେ ସଚେତନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଅଛି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଏହି କାର୍ଯ୍ୟକ୍ରମ ବାଜିରାଉତ ଛାତ୍ରାବାସରେ ଅନ୍ତେବାସୀ ଛାତ୍ରଛାତ୍ରୀ ମାନଙ୍କୁ ସଚେତନତା କରାଯାଇଥିଲା । ପଲିଥିନର ରହିଥିବା ଭୟାବହତା ଏବଂ ମଣିଷ ସ୍ୱାସ୍ଥ୍ୟ ପ୍ରତି ଥିବା ବିପଦ ଉପରେ ପରାମର୍ଶ ଦିଆଯାଇଥିଲା । ଖାଦ୍ୟ ଭକ୍ଷଣ ଏବଂ ପାନୀୟଜଳରେ ପଲିଥିନ୍ ବ୍ୟବହାର ଏକ ଭୟାନକ ପରିସ୍ଥିତି ସୃଷ୍ଟି ହେଉଥିବାର ଜ୍ୱଳନ୍ତ ଉଦାହରଣ ଦିଆଯାଇଥିଲା । ପଲିଥିନ୍ ବିକଳ୍ପ ଭାବେ ପ୍ରକୃତିରୁ ଉତ୍ପନ୍ନ ହେଉଥିବା ବିଭିନ୍ନ ପ୍ରକାର ପତ୍ରର ପାତ୍ର ଖଲି, ଚଉପତି, କଦଳିମଞ୍ଜର ବ୍ୟବହାର ସ୍ୱାସ୍ଥ୍ୟ ପାଇଁ ଉତ୍ତମ ଥିବା ପରାମର୍ଶ ଦିଆଯାଇଥିଲା । କୌଣସି ଭୋଜି ଭାତ, ମେଳା, ଯାତ୍ରା ଆଦି ସ୍ଥାନରେ ବ୍ୟବହାର ଖାଦ୍ୟ ପାନୀୟ ପାଇଁ ଆଦୌ ପଲିଥିନ୍ ବ୍ୟବହାର ନ କରିବାକୁ ଶପଥ କରାଯାଇଥିଲା । ଅନୁରୂପ ଭାବରେ ଦୋକାନ ଗୁଡ଼ିକରେ ପ୍ଲାଷ୍ଟିକ ବ୍ୟବହାରର ପ୍ରତିରୋଧ ଓ ନିୟନ୍ତ୍ରଣ ପାଇଁ ସଚେତନତା ବାର୍ତ୍ତା ଦୋକାନୀ ଓ ଗ୍ରାହକ ମାନଙ୍କୁ ଝୋଟ ଓ କନା ବ୍ୟାଗ୍ ବ୍ୟବହାର ପାଇଁ ପରାମର୍ଶ ଦିଆଯାଇଥିଲା । ସର୍ବୋପରି ଅତ୍ୟାବଶ୍ୟକ କ୍ଷେତ୍ରରେ ୧୨୦ ମାଇକ୍ରନ ଉପର ସ୍ତର ପଲିଥିନ୍ ବ୍ୟବହାର ଉପଯୋଗୀ ବୋଲି ପରାମର୍ଶ ଦିଆଯିବ ସହ ୧୨୦ ମାଇକ୍ରନର ନିମ୍ନ ସ୍ତର ପଲିଥିନ୍ ବ୍ୟବହାର ଓ ଉତ୍ପାଦନ ଏକ ଅପରାଧିକ କାର୍ଯ୍ୟ ବୋଲି କୁହାଯାଇଥିଲା । ଏହି ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ ରମେଶ ଚନ୍ଦ୍ର ଏକା ଯୋଗ ଦେଇଥିଲେ। ବିଶିଷ୍ଟ ସମାଜସେବୀ କୃଷ୍ଣା ମହାନ୍ତି ଛାତ୍ରଛାତ୍ରୀମାନଙ୍କୁ ପଲିଥିନ୍ ବ୍ୟବହାର ନ କରିବାକୁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ ।

## ବହୁ ବାଧାବିଘ୍ନ ପରେ ବିବାହ ବନ୍ଧନରେ ବାନ୍ଧିହେଲେ ପ୍ରେମୀଯୁଗଳ

ସାଲେପୁର,୧୧।୯ (ନିପ୍ର); ପ୍ରେମ ପବିତ୍ର ଓ ନିଷ୍କଳଙ୍କ। ପ୍ରେମରେ ଜାତି ଭେଦ କିଛି ନଥାଏ। ତାହାର ସ୍ପଷ୍ଟ ଚିତ୍ର ଦେଖିବାକୁ ମିଳିଛି ସାଲେପୁର ଅଞ୍ଚଳରେ। ବହୁ ବାଧାବିଘ୍ନ ପରେ ମଧ୍ୟ ଶେଷରେ ପ୍ରେମୀଯୁଗଳ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏହା କୌଣସି ଚଳଚ୍ଚିତ୍ରର କାହାଣୀ ନୁହେଁ ଏହା ଏକ ସତ୍ୟ ଘଟଣା। ଆଜକୁ ଚାରିବର୍ଷ ତଳେ ସାଲେପୁର ବୋଦାମୁଣ୍ଡାଇ ଅଞ୍ଚଳର ଯୁବକ ଦେବାଶିଷ ପାତ୍ର ଦେବଗଡ଼ ଜିଲ୍ଲାର ରିୟାମାଳ ଅଞ୍ଚଳର ଯୁବତୀ ରାନୀ ପ୍ରଧାନଙ୍କ ସହ ଇନ୍‌ଷ୍ଟାଗ୍ରାମରେ ପରିଚୟ ସୃଷ୍ଟି ହୋଇଥିଲା। ଆସ୍ତେ ଆସ୍ତେ ଉଭୟଙ୍କ ପରିଚୟ ଏତେ ନିବିଡ଼ ହେଲା ଯେ ଶେଷରେ ଉଭୟଙ୍କ ମଧ୍ୟରେ ପ୍ରେମ ସଂପର୍କ ସୃଷ୍ଟି ହୋଇଥିଲା। କିନ୍ତୁ ଏଥିରେ ବାଧକ ସାଜିଥିଲେ ଝିଅଘରର ପରିବାର ଲୋକେ ବୋଲି କୁହାଯାଉଛି। ଝିଅ ଉପରେ ଚାପ ପକାଇ ଶେଷରେ ପ୍ରେମିକ ଦେବାଶିଷକୁ ପୁଲିସ ଦ୍ୱାରା ଗିରଫ କରାଯାଇଥିଲା। ଦେବାଶିଷ ୪ମାସ ପରେ ଜେଲ୍‌ରୁ ଫେରିବାପରେ ପ୍ରେମିକା ରାନୀ ନିଜର ଭୂଲ୍ ବୁଝିପାରି ପୁଣି ପ୍ରେମିକ ପାଖକୁ ଫେରିଆସିବା ସହ ଉଭୟ ଅନନ୍ତ ଗୋପାଳ ମନ୍ଦିରରେ ପ୍ରଥମେ ଠାକୁରଙ୍କୁ ସାକ୍ଷୀ ରଖି ଉଭୟ ସ୍ୱାମୀ ସ୍ତ୍ରୀ ଭାବେ ଶପଥ ନେବା ସହ ସାଲେପୁର କୋର୍ଟରେ ସେମାନଙ୍କ ବିବାହ କାର୍ଯ୍ୟ ସଂପନ୍ନ ହୋଇଥିଲା। ବିବାହ ପରେ ନବ ଦମ୍ପତି ଖୁସିଥିବାବେଳେ ତାଙ୍କର ଏହି ପ୍ରେମ ବିବାହକୁ ଉଭୟ ଝିଅ ଘର ପରିବାର ଓ ପୁଅ ଘର ପରିବାର ସ୍ୱୀକୃତି ଦେବାକୁ ସେମାନେ ନିବେଦନ କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି।

## ଅବହେଳା ଘେରରେ କୋଠାର-ନସଲାପୁର ବାଇପାସ ରାସ୍ତା

### ଦୀର୍ଘ ଦୁଇ ବର୍ଷର ପ୍ରତିଶ୍ରୁତି ପରେ ବି ପୂରଣ ହେଉନି , ଦୁର୍ଦ୍ଦଶାରେ ୫୦ ହଜାର ବାସିନ୍ଦା

ଧାମନଗର,୧୧।୯ (ନିପ୍ର); ଭଦ୍ରକ ଜିଲ୍ଲା ଧାମନଗର ବ୍ଲକର ଗୁରୁତ୍ୱପୂର୍ଣ୍ଣ କୋଠାର-ନସଲାପୁର ପ୍ରସ୍ତାବିତ ବାଇପାସ ରାସ୍ତା ଦୀର୍ଘ ଦିନ ହେଲା ପ୍ରତିଶ୍ରୁତି ରେ ରହିଛି। କୋଠାର – ଧାମନଗର ଏହି ରାସ୍ତା ଦେଇ ଦୈନନ୍ଦିନ ଯାତାୟାତ କରୁଥିବା ଶହ ଶହ ସ୍ଥାନୀୟ ବାସିନ୍ଦା ଏବଂ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜାତୀୟ ରାଜପଥକୁ ସଂଯୋଗ କରୁଥିବା ଏହି ଗୁରୁତ୍ୱପୂର୍ଣ୍ଣ ପଥରେ ସାମାନ୍ୟ ଚାରିଚକିଆ ଯାନ ଯିବା ମଧ୍ୟ ଏକପ୍ରକାର ଦୁଃସ୍ୱପ୍ନ ପାଲଟିଛି। ଛଅ ଚକିଆ କିମ୍ବା ବଡ଼ ଗାଡ଼ି କଥା ନ କହିବା ଭଲ, କାରଣ ମାତ୍ର ୧୦ ଫୁଟ ଚଉଡ଼ା ବିଶିଷ୍ଟ ଏହି ରାସ୍ତାରେ ଏକ ସାଙ୍ଗେ ଦୁଇଟି ବାଇକ ପାର ହେବା ମଧ୍ୟ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି।ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ପ୍ରଥମରେ ପୂର୍ବତନ ବିଧାୟକ ଉକ୍ତ ରାସ୍ତାକୁ ବାଇପାସ୍ ପାଇ ଏକ ନକ୍ସା ପ୍ରସ୍ତୁତ କରିଥିଲେ । କିନ୍ତୁ ତାଙ୍କର ବିଧାୟକ କାର୍ଯ୍ୟକାଳ ସରିଯାଇଥିଲା,ପରେ ଧାମନଗରର ଯୁବ ବିଧାୟକ ରାଜ୍ୟ ସରକାରଙ୍କ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଏହି ବାବଦରେ ସ୍ଥାନୀୟ ଲୋକ ବାରମ୍ବାର ଅଭିଯୋଗ କରିଥିଲେ। ଲୋକଙ୍କ ଦୁର୍ଦ୍ଦଶାକୁ ଦୃଷ୍ଟିରେ ରଖି ମନ୍ତ୍ରୀ ନୂତନ ବାଇପାସ ରାସ୍ତା ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେବା ସହ ତତ୍ପରତା ପ୍ରକାଶ କରିଥିଲେ ଏବଂ ଭଦ୍ରକ ଜିଲ୍ଲା ପୂର୍ତ୍ତ ବିଭାଗର ମୁଖ୍ୟ ଅଧିକାରୀଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ଆଜିକୁ ଦୁଇ ବର୍ଷ ପୂରି ଥିଲେ ହେଁ କୌଣସି କାର୍ଯ୍ୟକାରି ହୋଇପାରିଲା ନାହିଁ କି ସମସ୍ୟାର ସମାଧାନ ହେଲା ନାହିଁ। ଏହି ରାସ୍ତାର



ଦୁର୍ବଳ ଅବସ୍ଥା ଯୋଗୁଁ କେବଳ ଯାତାୟାତ ପ୍ରଭାବିତ ହେଉନାହିଁ, ବରଂ ରୋଗୀଙ୍କୁ ହସ୍ପିଟାଲ ନେବା ସମୟରେ ଏବଂ ଜରୁରୀକାଳୀନ ପରିସ୍ଥିତିରେ ମଧ୍ୟ ବଡ଼ଧରଣର ବିପଦ ଦେଖାଦେଉଛି। ସୁଚନା ଥାଉକୁ ଉକ୍ତ ରାସ୍ତା ଦେଇ ଦୈନିକ ୬ଟି ବସ୍ କଟକ ଭୁବନେଶ୍ୱର ସହ ଅନ୍ୟ ଜିଲ୍ଲାକୁ ଯାତାୟାତ କରୁଚି, ଦୈନିକ ଶହ ଶହ ବଡ ବଡ ଗାଡି ଯିବା ସହ ଜରୁରୀ କାଳୀନ ଯାନ ଯାତାୟାତ କରୁଚି ମାତ୍ର ଏହାର କୌଣସି ସ୍ଥାୟୀ ସମାଧାନ ହୋଇ ପାରୁନି । ଲୋକ ସଂଖ୍ୟା ବୃଦ୍ଧିକୁ ନେଇ କୋଠାର ଧାମନଗର ରାସ୍ତାର କୋଠାର ନସଲାପୁର ବାଇପାସ ରାସ୍ତା ଆବଶ୍ୟକତା ଜରୁରୀ ହୋଇ ପଡୁଛି। ଏହି ରାସ୍ତା ଉପରେ ପ୍ରାୟ ୫୦ ହଜାରରୁ ଅଧିକ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି, ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ନୂତନ ବାଇପାସ ରାସ୍ତା ନିର୍ମାଣ କାର୍ଯ୍ୟକୁ କରିବା ପାଇଁ ସାଧାରଣରେ ଦୃଢ଼ ଦାବି ହେଉଛି ।ପ୍ରଶାସନିକ ଅନୁମୋଦନ ପରେ ଚଳିତ ଆର୍ଥିକ ବର୍ଷରେ ଧାମନଗର କୋଠାର ରାସ୍ତା ସମେତ ନସଲାପୁର ବାଇପାସ ରାସ୍ତା ନିର୍ମାଣ ଓ ସୁଦୃଢ଼ି କରଣ ପାଇଁ ୧୭ କୋଟି ଟଙ୍କାର ପ୍ଲାନ୍ କରା ଯାଇଛି। ଯାହାକି ୨୦୨୨ ରେ ଏହି ପ୍ଲାନ୍ କରା ଯାଇ ଥିଲା ।ପରେ ଏହା ୨୩ କୋଟି ଟଙ୍କାରେ ପ୍ଲାନ କରା ଯାଇଛି ଖୁବ ଶୀଘ୍ର ପ୍ରଶାସନିକ ନିର୍ଦ୍ଦେଶ ପରେ କାର୍ଯ୍ୟ ହେବ ବୋଲି ଯନ୍ତ୍ରୀ ନବଘନ ମାରାଣ୍ଡି କହିଛନ୍ତି।

## ବିଦ୍ୟୁତ୍ ଆଘାତ: ଜଣେ ମୃତ

ଚମ୍ପୁଆ ,୧୧।୯ (ନିପ୍ର); ଚମ୍ପୁଆ ଅଞ୍ଚଳରୁ ଏକ ଦୁଃଖଦ ଖବର ଆସିଛି। ଚମ୍ପୁଆ ଥାନା ଅନ୍ତର୍ଗତ ରଜିଆ ଗାଁରେ ବିଦ୍ୟୁତ୍ ଆଘାତରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତକ ଜଣକ ହେଉଛନ୍ତି ସେହି ଗାଁର ୫୨ ବର୍ଷୀୟ ତ୍ରୈଲୋକ୍ୟ ପ୍ରଧାନ। ମିଳିଥିବା ସୂଚନା ଅନୁଯାୟୀ, ତ୍ରୈଲୋକ୍ୟ ନିଜ ଘରେ ବିଦ୍ୟୁତ୍ ତାର ମରାମତି କରୁଥିଲେ। ଏହି ସମୟରେ ଅସାବଧାନତା ବଶତଃ ହଠାତ୍ ତାଙ୍କୁ ଇଲେକ୍ଟ୍ରିକ୍ ଶକ୍ ଲାଗିଥିଲା। ପରିବାର ଲୋକେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ତୁରନ୍ତ ଚମ୍ପୁଆ ମେଡିକାଲ ନେଇଥିଲେ। ମାତ୍ର ସେଠାରେ ପରୀକ୍ଷା କରିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏହି ଘଟଣା ପରେ ସମଗ୍ର ରଜିଆ ଗାଁରେ ଏବେ ଶୋକର ଛାୟା ଖେଳିଯାଇଛି।

## ବୌଦ୍ଧ ଜିଲ୍ଲାର ବିକାଶମୂଳକ କାର୍ଯ୍ୟର ସମୀକ୍ଷା

### ଯୁବକଯୁବତୀଙ୍କୁ ଜ୍ଞାନ କୌଶଳ ଆହରଣ ଓ ଆତ୍ମନିର୍ଭରତା ଲାଗି ଆହ୍ୱାନ

ବୌଦ୍ଧ,୧୧।୯ (ନିପ୍ର): ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର-ତଥା-ସଚିବ ଭୁପିନ୍ଦର ସିଂହ ପୁନିଆ, ଆଇଏଏସ୍, ବୌଦ୍ଧ ଜିଲ୍ଲାକୁ ତିନିଦିନିଆ ଗସ୍ତରେ ଆସି ଜିଲ୍ଲାର ବିଭିନ୍ନ ବିକାଶମୂଳକ ଓ ଜନକଲ୍ୟାଣକାରୀ ଯୋଜନାର ସମୀକ୍ଷା କରିଛନ୍ତି। ସ୍ଥାନୀୟ ସଦଭାବନା ସଭାଗୃହରେ ଶ୍ରୀ ପୁନିଆଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀ ମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ସଚିବଙ୍କୁ ସ୍ୱାଗତ କରିବା ପରେ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ଓ ଯୋଜନାର ବିସ୍ତୃତ ସମୀକ୍ଷା ଆରମ୍ଭ ହୋଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ବିନୟ କୁମାର ଭୋଇଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। ସମୀକ୍ଷାରୁ ପ୍ରକାଶ ଯେ, ୨୦୧୬-୧୭ ଠାରୁ ୨୦୨୪-୨୫ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ଜିଲ୍ଲାରେ ୬୭,୨୨୦ଟି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ଆବଣ୍ଟିତ ହୋଇଥିବା ବେଳେ ଏଥିରୁ ୬୧,୪୨୩ଟି ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି। ଅନ୍ତୋଦୟ ଗୃହ ଯୋଜନାରେ ଗତ ବର୍ଷ ୧,୨୦୬ଟି ଗୃହ ନିର୍ମାଣ ଲକ୍ଷ୍ୟ ରହିଥିବା ବେଳେ ୭୫୧ଟି ଗୃହ ସମ୍ପୂର୍ଣ୍ଣ ହୋଇଛି। ଶିକ୍ଷା ବିଭାଗର ବିଭିନ୍ନ ଯୋଜନା ସମୀକ୍ଷା କରିବା ସମୟରେ ଶିକ୍ଷାର ମୌଳିକ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ସହ ପିଏମ୍ ଶ୍ରୀ ସ୍କୁଲ, ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ, ପିଏମ୍, ଏମ୍ ଏମ୍ ପୋଷଣ ଯୋଜନା, ନ୍ୟୁଟ୍ରିସନ୍ ଗାର୍ଡେନ୍ ଆଦି କାର୍ଯ୍ୟକ୍ରମର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସୁଭଦ୍ରା ଯୋଜନାରେ ଜିଲ୍ଲାରେ ୧,୨୨,୫୮୩ ଜଣ ଆବେଦନ କରିଥିବା ବେଳେ ପଞ୍ଚମ କିସ୍ତି ପର୍ଯ୍ୟନ୍ତ ପ୍ରାୟ ୧,୦୮,୦୦୦ ଜଣଙ୍କୁ ସୁଭଦ୍ରା ସହାୟତା ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାର ସୁଚାରୁ ରୂପାୟନ ସହ ଗର୍ଭବତୀ ମା' ଓ ଶିଶୁମାନଙ୍କର ଉପଯୁକ୍ତ ଯତ୍ନ ନିଶ୍ଚିତ କରିବାକୁ ସଚିବ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ସମୟରେ ଜିଲ୍ଲାର ନୂତନ ଡାକ୍ତରଖାନା ଗୃହକୁ ଅତିଶୀଘ୍ର ସ୍ଥାନାନ୍ତର କରିବାକୁ ସଚିବ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ଅନୁମୋଦିତ ୨୩୯ ଜଣ ଡାକ୍ତରଙ୍କ ସ୍ଥାନରେ ୫୯ ଜଣ ଏବଂ ୨୫୮ ଜଣ ଷ୍ଟାଫ୍ ନର୍ସଙ୍କ ସ୍ଥାନରେ ୯୯ ଜଣ କାର୍ଯ୍ୟରତ ଥିବା ଜଣାପଡ଼ିଥିଲା। ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାରେ ଏପର୍ଯ୍ୟନ୍ତ ୨,୦୫,୪୬୬ ଜଣଙ୍କୁ ସ୍ୱାସ୍ଥ୍ୟ କାର୍ଡ ପ୍ରଦାନ କରାଯାଇଛି। ଆଦିବାସୀ ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷା ସହ ଗୁଣାତ୍ମକ ଖାଦ୍ୟପେୟ, ଖେଳକୁଦ ଓ ଅନ୍ୟାନ୍ୟ ଆବଶ୍ୟକ ସୁବିଧା ଯୋଗାଇ ଦେବାକୁ ଶ୍ରୀ ପୁନିଆ ନିର୍ଦ୍ଦେଶ ଦେଇଥିଲେ। କୃଷି, ଉଦ୍ୟାନ କୃଷି, ପ୍ରାଣୀସମ୍ପଦ ଓ ମତ୍ସ୍ୟ ବିଭାଗର କାର୍ଯ୍ୟ ସମୀକ୍ଷା କରି ଜିଲ୍ଲାରେ ଅଧିକ ସଂଖ୍ୟକ କୃଷି ଉଦ୍ୟୋଗୀ ସୃଷ୍ଟି କରିବା ସହ ଚାଷୀମାନଙ୍କୁ ଉଦ୍ୟୋଗ ଓ ଆୟବୃଦ୍ଧି ସହ ଯୋଡ଼ିବାକୁ ସେ ପରାମର୍ଶ ଦେଇଥିଲେ। ଜିଲ୍ଲାର ୧୪୮ଟି ବସ୍ତିକୁ ଏପର୍ଯ୍ୟନ୍ତ ବିଦ୍ୟୁତ ଆଲୋକ ଯୋଗାଣ ହୋଇନଥିବା ନେଇ ଶୀଘ୍ର ବିଦ୍ୟୁତୀକରଣ କରିବାକୁ ସଚିବ ନିର୍ଦ୍ଦେଶ ଦେବା ସହ ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ଯୋଜନାର ବ୍ୟାପକ ପ୍ରଚାର ଓ ରୂପାୟନ ଉପରେ ଗୁରୁତ୍ୱ ଦେଇଥିଲେ। ବୌଦ୍ଧ ଜିଲ୍ଲାରେ ଅତିଶୀଘ୍ର ଏମ୍‌ଏସ୍‌ଏମ୍‌ଇ ପାର୍କ କାର୍ଯ୍ୟକ୍ଷମ କରି ବିଭିନ୍ନ ଉଦ୍ୟୋଗୀଙ୍କୁ ଆକୃଷ୍ଟ କରିବା, ସେମାନଙ୍କୁ ଆବଶ୍ୟକ ସୁବିଧା ଯୋଗାଇ ଦେଇ କାରଖାନା ଓ ଉଦ୍ୟୋଗ ସ୍ଥାପନ ପାଇଁ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହ ଆଇଟିଆଇ ଓ ପଲିଟେକ୍ନିକ୍ ମାଧ୍ୟମରେ ଜିଲ୍ଲାର ଯୁବକ-ଯୁବତୀଙ୍କୁ ଆବଶ୍ୟକ ଦକ୍ଷତା ପ୍ରଦାନ କରି ରୋଜଗାରକ୍ଷମ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଏହାବ୍ୟତୀତ ରାଜସ୍ୱ, ଜଳସେଚନ, ଉଠା ଜଳସେଚନ, ହସ୍ତଶିଳ୍ପ, ଟେକ୍ସଟାଇଲ୍, ଗ୍ରାମ୍ୟ ଉନ୍ନୟନ, ପୂର୍ତ୍ତ, ସମବାୟ ଓ ଓରମାସ୍ ସମେତ ବିଭିନ୍ନ ବିଭାଗର କାର୍ଯ୍ୟାବଳୀର ମଧ୍ୟ ସମୀକ୍ଷା କରାଯାଇଥିଲା। କୃଷି , ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ଚାଷ ଉନ୍ନତି ଦ୍ୱାରା ବ୍ୟାପକ ରୋଜଗାର ସୃଷ୍ଟି ସହିତ ଚାଷୀ ମାନେ ସମୃଦ୍ଧ ହେବେ ବୋଲି ସେ ପରାମର୍ଶ ଦେଇଥିଲେ। ଜିଲ୍ଲାର ସର୍ବାଙ୍ଗୀନ ବିକାଶ ପାଇଁ ପାରମ୍ପରିକ ଧାରାରେ ସୀମିତ ନରହି ନୂତନ ଓ ଅଭିନବ ଚିନ୍ତାଧାରା ଆପଣାଇ କାର୍ଯ୍ୟ କରିବାକୁ ଶ୍ରୀ ପୁନିଆ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଶ୍ରୀ ପୁନିଆ ତାଙ୍କ ତିନିଦିନିଆ ଗସ୍ତର ଆଗାମୀ ଦୁଇ ଦିନରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଓ ଯୋଜନାସ୍ଥଳ ପରିଦର୍ଶନ କରିବେ।

# ତିନି ଝିଅଙ୍କ ସହ ପତ୍ନୀଙ୍କୁ ହତ୍ୟା

ନୂଆଦିଲ୍ଲୀ,୧୧।୯: ଗୋଟିଏ ପରିବାରର ୪ ଜଣଙ୍କ ମୃତଦେହ ଉଦ୍ଧାର । ତଳ ମହଲାରେ ତିନି ନାବାଳିକା ଝିଅ ଏବଂ ଉପର ମହଲାରୁ ମାଆଙ୍କ ମୃତଦେହ ଉଦ୍ଧାର ହୋଇଛି । ରାଜସ୍ଥାନର ରାଜଧାନୀ ଜୟପୁରର ସାମ୍ନାକୁ ଆସିଛି ଏଭଳି ଛାତିଥରା ଘଟଣା। ପରିବାରର ୪ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ପରିବାରର ମୁଖ୍ୟ ରାହୁଲ ଝା ଫେରାର ରହିଛନ୍ତି। ସେ ନିଜେ ଏହି ହତ୍ୟାକାଣ୍ଡ ଘଟାଇଥିବା କୁହାଯାଉଛି । ତେବେ ନିଜ ଝିଅ ଏବଂ ପତ୍ନୀଙ୍କ ହତ୍ୟା କାହିଁକି କଲେ ରାହୁଲ । ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗୋବିନ୍ଦପୁରରେ ରହୁଥିବା ରାହୁଲ ଝା ନାମକ ବ୍ୟକ୍ତିଙ୍କ ପରିବାରରେ ଏଭଳି ଅଘଟଣ ଘଟିଛି । ଶୁକ୍ରବାର ସକାଳେ ଯେତେବେଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା, ସେତେବେଳେ ଘର ଭିତରର ଦୃଶ୍ୟ ଦେଖି ସମସ୍ତଙ୍କର ହୋସ୍ ଉଡ଼ିଯାଇଥିଲା । ଘରର ପ୍ରଥମ ମହଲାରେ ରାହୁଲଙ୍କ ପତ୍ନୀ ଗୀତା (୪୦)ଙ୍କ ମୃତଦେହ ପଡ଼ିଥିବାବେଳେ, ଗ୍ରାଉଣ୍ଡ ଫ୍ଲୋରରେ ତାଙ୍କର ତିନି ଝିଅ ନନ୍ଦିନୀ, ଗିରୀଶା ଏବଂ ରାଧିକାଙ୍କ ମୃତଦେହ ମିଳିଥିଲା । ଝିଅମାନଙ୍କ ବୟସ ପ୍ରାୟ ୧୭ ରୁ




୨୩ ବର୍ଷ ମଧ୍ୟରେ ବୋଲି ଜଣାପଡ଼ିଛି। ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି ଯେ, ଅଭିଯୁକ୍ତ ରାହୁଲ ଝା ରାତିରେ ସମସ୍ତେ ଶୋଇଥିବା ସମୟରେ ଘର ନିର୍ମାଣ କାମରେ ବ୍ୟବହୃତ ହେଉଥିବା ଇଟା ସାହାଯ୍ୟରେ ଜଣଙ୍କ ପରେ ଜଣଙ୍କ ମୁଣ୍ଡରେ ଆକ୍ରମଣ କରିଥିଲା । ଆକ୍ରମଣଟି ଏତେ ଭୟଙ୍କର ଥିଲା ଯେ ଚାରି ଜଣଙ୍କର ଘଟଣାସ୍ଥଳରେ ପ୍ରାଣବାୟୁ ଉଡ଼ିଯାଇଥିଲା । ଘଟଣା ସମୟରେ ଘରେ ଅଭିଯୁକ୍ତ ରାହୁଲଙ୍କ ୮୫ ବର୍ଷୀୟ ବୃଦ୍ଧ ପିତା ମଧ୍ୟ ଉପସ୍ଥିତ ଥିଲେ । ଏତେ ବଡ଼ ଘଟଣା ପରେ ବୃଦ୍ଧ ପିତା ଜଣକ ଗଭୀର ମାନସିକ ଆଘାତ ମଧ୍ୟରେ ଅଛନ୍ତି ।

## ଭାରତ ସମେତ ତିବ୍ବତ ଓ ଆଫଗାନିସ୍ତାନରେ ଭୂକମ୍ପ ଝଟକା

ନୂଆଦିଲ୍ଲୀ,୧୧।୯: ମଧ୍ୟରାତ୍ରିରେ ହଠାତ୍ ଭୂକମ୍ପର ଝଟକା। ଭାରତର ବିଭିନ୍ନ ଅଞ୍ଚଳ ସମେତ ପଡ଼ୋଶୀ ଦେଶରେ ମଧ୍ୟ ଏକାଧିକ ଭୂକମ୍ପ ରେକର୍ଡ ହୋଇଛି। ଶୁକ୍ରବାର ରାତିରୁ ଭୋର ପର୍ଯ୍ୟନ୍ତ ଲଦାଖ, ଆସାମ ଓ ପଶ୍ଚିମବଙ୍ଗ ସମେତ ତିବ୍ବତ ଓ ଆଫଗାନିସ୍ତାନରେ ଭୂକମ୍ପ ହୋଇଥିବା ଜଣାପଡ଼ିଛି। ଲଗାତାର ଭୂକମ୍ପ ଯୋଗୁଁ ଲୋକଙ୍କ ମଧ୍ୟରେ ଭୟ ଓ ଆଶଙ୍କା ସୃଷ୍ଟି ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ବଡ଼ କ୍ଷୟକ୍ଷତି କିମ୍ବା ଜୀବନହାନିର ଖବର ମିଳିନାହିଁ। ସୂଚନା ଅନୁଯାୟୀ, ରାତି ପ୍ରାୟ ୧୨ଟା ୨୭ ମିନିଟରେ ଲେହ-ଲଦାଖରେ ୩.୭ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା। ଭୂକମ୍ପର କେନ୍ଦ୍ର ଭୂପୃଷ୍ଠଠାରୁ ପ୍ରାୟ ୧୨ କିଲୋମିଟର ଗଭୀରରେ ଥିବା ଜଣାପଡ଼ିଛି। ହଠାତ୍ ଭୂଇଁ ଥରିବାରୁ ଅନେକ ଲୋକଙ୍କ ନିଦ ଭାଙ୍ଗିଯାଇଥିଲା। ଭୟଭୀତ ହୋଇ କେତେକ ଲୋକ ଘରୁ ବାହାରକୁ ଚାଲିଆସିଥିଲେ। ଏହାର କିଛି ସମୟ ପରେ ଭୋର ପ୍ରାୟ ୧ଟା ୨୦ ମିନିଟରେ ଆସାମରେ ୩.୧ ତୀବ୍ରତାର ଭୂକମ୍ପ ରେକର୍ଡ ହୋଇଥିଲା। ଏହାର ଗଭୀରତା ପ୍ରାୟ ୩୯ କିଲୋମିଟର ଥିଲା। ସେହିପରି ପଶ୍ଚିମବଙ୍ଗର ଆଲିପୁରଦ୍ୱାରରେ ମଧ୍ୟ ୩.୦ ତୀବ୍ରତାର କମ୍ପନ ଅନୁଭୂତ ହୋଇଥିଲା।

## ଗଙ୍ଗା ଗର୍ଭରେ ଲୀନ ହେଲା ୧୫୦ ବର୍ଷର ପୁରୁଣା ଶିବ ମନ୍ଦିର

କୋଲକାତା,୧୧।୯: ପଶ୍ଚିମବଙ୍ଗର ମାଲଦାରେ ବନ୍ୟା ଏବଂ ଗଙ୍ଗା ନଦୀ କୂଳ ଖାଇବା କାରଣରୁ ରତୁଆଠାରେ ଥିବା ୧୫୦ ବର୍ଷର ପୁରୁଣା ଶିବ ମନ୍ଦିର ଭାସିଯାଇଛି। ଆଖି ସାମ୍ନାରେ ନଦୀ ଗର୍ଭରେ ମନ୍ଦିର ଲୀନ ହେବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ସେହି ଦୃଶ୍ୟ ଦେଖି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ଅନେକ ଲୋକ ବିଶ୍ୱାସ କରନ୍ତି ଯେ ଏହି ଘଟଣା ଭବିଷ୍ୟତରେ ଏକ ବଡ଼ ବିପଦର ସଙ୍କେତ। ଭାଇରାଲ୍ ଭିଡିଓରେ ଦେଖିବାକୁ ମିଳୁଛି ଯେ ଗଙ୍ଗାର ପ୍ରବଳ ସ୍ରୋତ ଆଗରେ ମନ୍ଦିରଟି ଅସହାୟ ଥିଲା। ମୁହୂର୍ତ୍ତକ ମଧ୍ୟରେ ନଦୀରେ ଏହା ଅଦୃଶ୍ୟ ହୋଇଯିବା ଦୃଶ୍ୟ ଅନେକଙ୍କୁ ଭୟଭୀତ କରିଥିଲା । ଲୋକମାନେ ଜୟ ଭୋଲେନାଥ, ଜୟ ଭୋଲେନାଥ ବୋଲି ପାଟି କରୁଥିଲେ, କିନ୍ତୁ ନିରୁପାୟ ଥିଲେ। ସ୍ଥାନୀୟ ଲୋକଙ୍କର ଏକ ଅଂଶ ଆଶଙ୍କା କରୁଛନ୍ତି ଯେ ଆଗାମୀ ଦିନରେ ନଦୀଟି ଅଧିକ ଉଗ୍ର ରୂପ ନେଲେ ଆଖପାଖର ଜନବସତି ମଧ୍ୟ ବିପଦରେ ପଡ଼ିପାରେ। ରତୁଆର ମୁନିରାମଟୋଲାରେ ଥିବା ଏହି ମନ୍ଦିର ପ୍ରତି ଗତବର୍ଷଠାରୁ ନଦୀ କୂଳ ଖାଇବାର ବିପଦ ଥିଲା। କିନ୍ତୁ ଅସ୍ଥାୟୀ ସୁରକ୍ଷା କାର୍ଯ୍ୟ ଯୋଗୁଁ ଏହା ଛିଡ଼ା ହୋଇ ରହିଥିଲା ।

## ୟୁକ୍ରେନର ଶପିଂ ମଲ୍ ଉପରେ ଡ୍ରୋନ ମାଡ଼ କଲା ରୁଷ: ୫ ମୃତ

ନୂଆଦିଲ୍ଲୀ,୧୧।୯: ବ୍ରିକ୍ସ ଶିଖର ସମ୍ମିଳନୀ ପାଇଁ ନୂଆଦିଲ୍ଲୀ ଗସ୍ତରେ ଅଛନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ। ସେପଟେ ପୁଟିନ୍ ସେନା ୟୁକ୍ରେନ ଉପରେ ଭୟଙ୍କର ଆକ୍ରମଣ କରିଛି। ୟୁକ୍ରେନ୍‌ର ଡିନିପ୍ରୋପେଟ୍ରୋଭସ୍କ ଅଞ୍ଚଳସ୍ଥିତ ପାଭଲୋହ୍ରାଡ୍ ସହରର ଏକ ବ୍ୟସ୍ତବହୁଳ ଶପିଂ ମଲ୍ ଉପରେ ରୁଷ ଡ୍ରୋନ୍ ମାଡ଼ କରିଛି। ଦିନ ବେଳା ହୋଇଥିବା ଏହି ଆକ୍ରମଣରେ ୫ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬୭ ଜଣ ଗୁରୁତର ଆହତ ହୋଇଛନ୍ତି। ୟୁକ୍ରେନର ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ଇଭାନ୍ ଭାଇହିଭସ୍କିଙ୍କ ଅନୁସାରେ, ସାଧାରଣ ଲୋକଙ୍କ ଗହଳି ଥିବା ସମୟରେ ହିଁ ଏହି ଡ୍ରୋନ୍ ମାଡ଼ କରାଯାଇଥିଲା। ଡିନିପ୍ରୋପେଟ୍ରୋଭସ୍କ ଅଞ୍ଚଳର ରାଜ୍ୟପାଳ ଓଲେକ୍ସାଣ୍ଡର୍ ହାଞ୍ଜାଙ୍କ ସୂଚନାନୁସାରେ, ଆହତ ୬୭ ଜଣଙ୍କ ମଧ୍ୟରେ ୮ ଜଣ ଶିଶୁ ଅଛନ୍ତି। ଆକ୍ରମଣ ଯୋଗୁଁ ଶପିଂ ମଲ୍, ଆଖପାଖର ଦୋକାନ ଏବଂ ସଡ଼କରେ ଥିବା ଗାଡ଼ିଗୁଡ଼ିକରେ ନିଆଁ ଲାଗିଯାଇ ବହୁ କ୍ଷୟକ୍ଷତି ଘଟିଛି। ଜରୁରୀକାଳୀନ ସେବା ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ରୁଷ ସାଧାରଣ ନାଗରିକଙ୍କୁ ଲକ୍ଷ୍ୟ କରି ଏପରି ନୃଶଂସ ଆକ୍ରମଣ କରୁଛି ବୋଲି ନିନ୍ଦା କରିଛନ୍ତି ଭୋଲୋଡିମିର ଜେଲେନ୍‌ସ୍କି । ୟୁକ୍ରେନ୍ ବୈଦେଶିକ ମନ୍ତ୍ରୀ ଆନ୍ଦ୍ରି ସିବିହା ଏହାକୁ ରୁଷର 'ଚାପ ପକାଇବା ନୀତି' ବୋଲି କହିଛନ୍ତି। ସାଧାରଣ ନାଗରିକଙ୍କ ଉପରେ ଆକ୍ରମଣ କରି ୟୁକ୍ରେନ ଉପରେ ଚାପ ପକାଇବାକୁ ରୁଷ ଚେଷ୍ଟା କରୁଛି ବୋଲି ସେ ଅଭିଯୋଗ କରିଛନ୍ତି।ଗତ କିଛି ଦିନ ହେବ ୟୁକ୍ରେନର ବିଭିନ୍ନ ସହରର ଶପିଂ ମଲଗୁଡ଼ିକୁ ରୁଷ ଟାର୍ଗେଟ କରୁଛି ।

# ଇରାନ ରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କଲେ ମୋଦି

## ଉଠାଇଲେ ଭାରତୀୟ ନାବିକଙ୍କ ସୁରକ୍ଷା ପ୍ରସଙ୍ଗ




ନୂଆଦିଲ୍ଲୀ,୧୧।୯: ବ୍ରିକ୍ସ ସମ୍ମିଳନୀରେ ଯୋଗଦେବାକୁ ଭାରତ ଆସିଥିବା ଇରାନ ରାଷ୍ଟ୍ରପତି ମସୁଦ ପେଜେଶକିଆନଙ୍କ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ଶୁକ୍ରବାର ଦ୍ୱିପାକ୍ଷିକ ବୈଠକ ହୋଇଛି। ଏହି ଆଲୋଚନାରେ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ସମ୍ପର୍କ ସହ ସାମଗ୍ରିକ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ମଜବୁତ କରିବା ନେଇ ଚର୍ଚ୍ଚା ହୋଇଛି। ଇରାନ ରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ ବୈଠକ ସମୟରେ ପ୍ରଧାନମନ୍ତ୍ରୀ ମୋଦି ଚାଲିଥିବା ମଧ୍ୟପ୍ରାଚ୍ୟ ସଙ୍କଟ ମଧ୍ୟରେ ଆଞ୍ଚଳିକ ସ୍ଥିରତା ପ୍ରସଙ୍ଗ ଉଠାଇଥିଲେ। ସୂଚନା ଅନୁସାରେ, ମୋଦି କହିଥିଲେ ଯେ ସମୁଦ୍ରପଥରେ ଯାତାୟାତ କରୁଥିବା ନାବିକମାନଙ୍କ ସୁରକ୍ଷା ଓ ନିରାପତ୍ତା ଭାରତର ସର୍ବୋଚ୍ଚ ପ୍ରାଥମିକତା ରହିବ। ମଧ୍ୟପ୍ରାଚ୍ୟ ସଙ୍କଟର ଏକ ସ୍ଥାୟୀ ସମାଧାନ ପାଇଁ ଭାରତ ଆଲୋଚନା ଓ କୂଟନୀତିକୁ ଆଗକୁ ବଢ଼ିବାର ସବୁଠାରୁ ପ୍ରଭାବଶାଳୀ ମାର୍ଗ ଭାବେ ଗୁରୁତ୍ୱ ଦେଇଛି। ଏଥିସହ ଭାରତ ନିଜର ଶକ୍ତି ଓ ଇନ୍ଧନ ସୁରକ୍ଷାକୁ ମଧ୍ୟ ଏକ ପ୍ରମୁଖ ଚିନ୍ତା ଭାବେ ଦର୍ଶାଇଛି। ଯୋଗାଣ ସାମଗ୍ରୀ ବହନ କରୁଥିବା ଜାହାଜଗୁଡ଼ିକ ପାଇଁ ନିରାପଦ ସମୁଦ୍ରପଥ ନିଶ୍ଚିତ କରିବା ଉପରେ ମଧ୍ୟ ଭାରତ ଜୋର ଦେଇଛି। ରାଷ୍ଟ୍ରପତି ହେବା ପରେ ପେଜେଶକିଆନଙ୍କର ଏହା ପ୍ରଥମ ଭାରତ ଗସ୍ତ। ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବଢ଼ିଥିବା ସମୟରେ ତାଙ୍କର ଏହି ଗସ୍ତ ହେଉଛି। ଆମେରିକା ପକ୍ଷରୁ ଇରାନ ଉପରେ ସର୍ବାଧିକ ଚାପ ସୃଷ୍ଟି କରିବା ଲକ୍ଷ୍ୟରେ 'ଅପରେସନ୍ ଇକୋନୋମିକ୍ ଆଉଟକାଷ୍ଟ' ଆରମ୍ଭ କରାଯାଇଥିବା ପରିପ୍ରେକ୍ଷୀରେ ଏହି ଗସ୍ତ ହେଉଛି। ପେଜେଶକିଆନ୍ ବ୍ରିକ୍ସର ଆର୍ଥିକ ସ୍ଥିରତା ବଢ଼ାଇବା ଉପରେ ଗୁରୁତ୍ୱ ଦେଇଛନ୍ତି। ତାଙ୍କ ମତରେ, ବ୍ରିକ୍ସ ବ୍ୟାଙ୍କର ଉଦ୍ଦେଶ୍ୟ ହେଉଛି ଦେଶଗୁଡ଼ିକୁ ଆମେରିକୀୟ ଡଲାର ଉପରେ ନିର୍ଭରଶୀଳତାରୁ ମୁକ୍ତ କରିବା ଏବଂ ଆମେରିକାର ଆର୍ଥିକ ପ୍ରଭାବକୁ ପ୍ରତିହତ କରିବା। ବ୍ରିକ୍ସ ଦେଶ ମଧ୍ୟରେ ଜାତୀୟ ମୁଦ୍ରାରେ ବାଣିଜ୍ୟ ଉପରେ ଜୋର ଶୁକ୍ରବାର ବ୍ରିକ୍ସ ବିଜନେସ୍ ଫୋରମରେ ଉଦ୍‌ବୋଧନ ଦେଇ ପେଜେଶକିଆନ୍ କହିଥିଲେ ଯେ ବିଶ୍ୱ ଏକ ଜଟିଳ ସମୟ ଦେଇ ଗତି କରୁଛି। ଭୂ-ରାଜନୈତିକ ଅନିଶ୍ଚିତତା ମଧ୍ୟରେ ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକ ପରସ୍ପର ମଧ୍ୟରେ ବାଣିଜ୍ୟ କରିବା ସମୟରେ ନିଜ ନିଜ ଜାତୀୟ ମୁଦ୍ରା ବ୍ୟବହାର କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଆମେରିକାର ସାମରିକ କାର୍ଯ୍ୟାନୁଷ୍ଠାନ ଓ ଆର୍ଥିକ କଟକଣାକୁ ମଧ୍ୟ ପେଜେଶକିଆନ୍ ସମାଲୋଚନା କରିଛନ୍ତି। ତାଙ୍କ କହିବା ଅନୁସାରେ, କୌଣସି ଦେଶ ଯେପରି ଆର୍ଥିକ ଉପକରଣ ଉପରେ ଏକଚାଟିଆ ନିୟନ୍ତ୍ରଣ ରଖି ଅନ୍ୟ ଦେଶର ବୈଧ ବାଣିଜ୍ୟକୁ ବାଧା ଦେଇପାରିବ ନାହିଁ, ସେଥିପାଇଁ ବ୍ରିକ୍ସକୁ ଏକ ଉପଯୁକ୍ତ ପରିବେଶ ସୃଷ୍ଟି କରିବାକୁ ହେବ। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ୍ ସୋସିଆଲ ମିଡିଆରେ ପେଜେଶକିଆନଙ୍କୁ ଭାରତରେ ସ୍ୱାଗତ କରିଛନ୍ତି। ସେ କହିଛନ୍ତି ଯେ, ଭାରତ ଓ ଇରାନ ମଧ୍ୟରେ ସଭ୍ୟତାଗତ ସମ୍ପର୍କ ରହିଛି, ଯାହା ଦୃଢ଼ ସାଂସ୍କୃତିକ ଓ ଲୋକ-ଲୋକ ସମ୍ପର୍କରେ ପ୍ରତିଫଳିତ ହୋଇଥାଏ। ବ୍ରିକ୍ସର ଅଂଶୀଦାର ଭାବେ ଉଭୟ ଦେଶ ସାଧାରଣ ପ୍ରଗତି ଓ ସମୃଦ୍ଧିରେ ଯୋଗଦାନ କରୁଛନ୍ତି।

## ଆଇଟିସି ମୌର୍ଯ୍ୟରେ ପୁଟିନଙ୍କ ରହଣି

ନୂଆଦିଲ୍ଲୀ,୧୧।୯: ଦିଲ୍ଲୀରେ ୧୨ ଏବଂ ୧୩ ତାରିଖରେ ହେବାକୁ ଥିବା ବ୍ରିକ୍ସ ସମ୍ମିଳନୀ ପାଇଁ ରାଜଧାନୀର ଅନେକ ଅଞ୍ଚଳ ଛାଉଣୀରେ ପରିଣତ ହୋଇଛି। ହୋଟେଲ ତାଜ ପ୍ୟାଲେସରୁ ଆରମ୍ଭ କରି ଆଇଟିସି ମୌର୍ଯ୍ୟ ପର୍ଯ୍ୟନ୍ତ, ଦିଲ୍ଲୀର ବିଳାସପୂର୍ଣ୍ଣ ହୋଟେଲଗୁଡ଼ିକ ହାଇ-ସିକ୍ୟୁରିଟି କୂଟନୈତିକ ଜୋନରେ ପରିଣତ ହୋଇସାରିଛି। କେତେକ ହୋଟେଲରେ ଗୋଟିଏ ରାତିର ଭଡ଼ା ୨ ଲକ୍ଷ ଟଙ୍କା ଟପିଯାଇଥିବା ବେଳେ ଅନେକ ହୋଟେଲରେ ବୁକିଂ ସମ୍ପୂର୍ଣ୍ଣ ଫୁଲ ହୋଇଯାଇଛି। ବ୍ରିକ୍ସ ଦେଶଗୁଡ଼ିକର କେବଳ ରାଷ୍ଟ୍ରମୁଖ୍ୟ ନୁହଁନ୍ତି, ବରଂ ସେମାନଙ୍କ ପ୍ରୋଟୋକଲ ଟିମ, ଅଂଶୀଦାର ଦେଶର ଅନ୍ୟ ପ୍ରତିନିଧି ଏବଂ ବରିଷ୍ଠ ଅଧିକାରୀଙ୍କ ପାଇଁ ରାଜଧାନୀର ହୋଟେଲଗୁଡ଼ିକରେ ୩,୦୦୦ରୁ ଅଧିକ ରୁମ ବୁକ କରାଯାଇଛି। ବ୍ରିକ୍ସ ସମ୍ମିଳନୀ ଯୋଗୁଁ ହିଁ କିଛି ବିଳାସପୂର୍ଣ୍ଣ ହୋଟେଲରେ ଗୋଟିଏ ରାତିର ଭଡ଼ା ୨ ଲକ୍ଷ ଟଙ୍କାରୁ ଅଧିକ ହୋଇଛି। ଯେଉଁ ହୋଟେଲଗୁଡ଼ିକରେ ବ୍ରିକ୍ସ ଦେଶର ନେତାମାନେ ରହୁଛନ୍ତି, ସେଠାରେ ଚାହିଦା ଯଥେଷ୍ଟ ବୃଦ୍ଧି ପାଇଛି। ଏପରିକି କିଛି ହୋଟେଲରେ ଏବେ ରୁମ ମଧ୍ୟ ଉପଲବ୍ଧ ନାହିଁ। ସୂଚନାନୁଯାୟୀ, ଋଷର ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଆଇଟିସି ମୌର୍ଯ୍ୟରେ ରହୁଛନ୍ତି। ସମ୍ମିଳନୀ ପୂର୍ବରୁ ଏହି ହୋଟେଲର ଚାହିଦା ଦ୍ରୁତ ଗତିରେ ବୃଦ୍ଧି ପାଇଛି ଏବଂ ଗୋଟିଏ ରାତି ପାଇଁ ରୁମ ଭଡ଼ା ଏବେ ୨ ଲକ୍ଷ ଟଙ୍କାରୁ ଅଧିକ ହୋଇଛି। ବ୍ରିକ୍ସ ସମ୍ମିଳନୀରେ ଚାଇନା ରାଷ୍ଟ୍ରପତି ସି ଜିନପିଙ୍ଗ ମଧ୍ୟ ପହଞ୍ଚୁଛନ୍ତି। ସୂଚନା ମୁତାବକ, ସେ ନୂଆଦିଲ୍ଲୀର ତାଜ ପ୍ୟାଲେସରେ ରହିବେ। ବର୍ତ୍ତମାନ ଏହି ହୋଟେଲର ସମସ୍ତ ରୁମ ବୁକିଂ ଫୁଲ ଦେଖାଉଛି। ରାଜଧାନୀର ଡକ୍ଟର ଜାକିର ହୁସେନ ମାର୍ଗରେ ଅବସ୍ଥିତ 'ଦି ଓବେରୟ'ରେ ଚାରୋଟି ବ୍ରିକ୍ସ ସଦସ୍ୟ ଦେଶବ୍ରାଜିଲ, କାଜାଖସ୍ତାନ, ଇଥିଓପିଆ ଏବଂ ଇଣ୍ଡୋନେସିଆର ପ୍ରତିନିଧିମଣ୍ଡଳୀ ରହୁଛନ୍ତି। ଏହି ହୋଟେଲରେ ଇରାନର ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ମଧ୍ୟ ରହିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଓବେରୟ ହୋଟେଲର ଅଫିସିଆଲ ୱେବସାଇଟରେ ମଧ୍ୟ ସମସ୍ତ ରୁମ ଫୁଲ ଥିବା ଦେଖାଯାଉଛି।

## ରୁଷ୍ ଭାଷାରେ ଅନୁବାଦିତ ପୁସ୍ତକ 'ତିରୁକ୍କୁରାଲ' ପୁଟିନ୍‌ଙ୍କୁ ଉପହାର ଦେଲେ ମୋଦି

ନୂଆଦିଲ୍ଲୀ,୧୧।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ କବି ତଥା ଦାର୍ଶନିକ ତିରୁଭଲ୍ଲୁରଙ୍କ ଦ୍ୱାରା ଲିଖିତ ପ୍ରସିଦ୍ଧ ତାମିଲ ଶାସ୍ତ୍ରୀୟ ପୁସ୍ତକ 'ତିରୁକ୍କୁରାଲ'ର ଏକ ରୁଷୀୟ ଅନୁବାଦ ଉପହାର ଦେଇଛନ୍ତି। ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ନୂଆଦିଲ୍ଲୀରେ ଦ୍ୱିପାକ୍ଷିକ ଆଲୋଚନା ପାଇଁ ମୋଦି ଓ ପୁଟିନଙ୍କ ସାକ୍ଷାତ ସମୟରେ ଏହି ସାହିତ୍ୟିକ ଉପହାର ପ୍ରଦାନ କରାଯାଇଥିଲା। ସେପ୍ଟେମ୍ବର ୧୨ ଓ ୧୩ ତାରିଖରେ ଭାରତ ଦ୍ୱାରା ଆୟୋଜିତ ବ୍ରିକ୍ସ ଶିଖର



ସମ୍ମିଳନୀ ପାଇଁ ପୁଟିନ ଶୁକ୍ରବାର ଭାରତରେ ପହଞ୍ଚିଥିଲେ। ଏହି ଉପହାର ଏପରି ଏକ ସମୟରେ ମଧ୍ୟ ଆସିଛି ଯେତେବେଳେ ନୂଆଦିଲ୍ଲୀ ଓ ମସ୍କୋ ପାରମ୍ପରିକ ସହଯୋଗ କ୍ଷେତ୍ର ବାହାରେ ସେମାନଙ୍କର ଦୀର୍ଘକାଳୀନ ରଣନୈତିକ ସହଭାଗୀତାକୁ ବିସ୍ତାର କରିବାକୁ ଚାହୁଁଛନ୍ତି। ତାମିଲ ସାହିତ୍ୟର ସବୁଠାରୁ ସମ୍ମାନିତ କୃତି ମଧ୍ୟରୁ ଗୋଟିଏ, 'ତିରୁକ୍କୁରାଲ' ନୀତିଶାସ୍ତ୍ର, ସଦ୍ଗୁଣ, ଶାସନ, ପ୍ରେମ ଓ ଜୀବନ ଆଚରଣ ସହିତ ଜଡିତ ୧୩୩୦ଟି ଦୁଇ-ଧାଡ଼ି କାବ୍ୟକୁ ନେଇ ଗଠିତ।

## ବ୍ରିକ୍ସ ବ୍ୟବସାୟ ମଞ୍ଚରୁ ପିୟୂଷ ଗୋୟଲଙ୍କ ଆହ୍ୱାନ

# ସ୍ଥାନୀୟ ମୁଦ୍ରାରେ କାରବାର ଲାଗି ପ୍ରସ୍ତାବ

ନୂଆଦିଲ୍ଲୀ,୧୧।୯: ଶନିବାର ଠାରୁ ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଯାଉଛି ବ୍ରିକ୍ସି ଶିଖର ସମ୍ମିଳନୀ। ହେଲେ ତା ପୂର୍ବରୁ ଶୁକ୍ରବାର ବ୍ରିକ୍ସ ବିଜନେଶ ଫୋରୋମରେ ଯୋଗ ଦେଇ ସଦସ୍ୟ ଦେଶଗୁଡ଼ିକୁ ବଡ଼ ଆହ୍ୱାନ ଦେଇଛନ୍ତି କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପିୟୂଷ ଗୋୟଲ। ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ସ୍ଥାନୀୟ ମୁଦ୍ରାରେ ବାଣିଜ୍ୟ କାରବାର ବଢ଼ାଇବା ସହ ପରସ୍ପରର ତତ୍କାଳ ପେମେଣ୍ଟ ସିଷ୍ଟମକୁ ଯୋଡ଼ିବାକୁ ଆହ୍ୱାନ କରିଛନ୍ତି ଭାରତର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ।



ଶୁକ୍ରବାର ନୂଆଦିଲ୍ଲୀରେ ବ୍ରିକ୍ସ ବିଜନେସ୍ ଫୋରମରେ ଉଦ୍‌ବୋଧନ ଦେଇ ସେ ଏହି ଆହ୍ୱାନ କରିଛନ୍ତି। ଏହା ସହିତ ସ୍ଥାନୀୟ ମୁଦ୍ରାରେ ବାଣିଜ୍ୟ, ଡିଜିଟାଲ୍ ବାଣିଜ୍ୟକୁ ବିଶ୍ୱସ୍ତରରେ ବିସ୍ତାର ଏବଂ ଉଦୀୟମାନ ଟେକ୍ନୋଲୋଜୀ କ୍ଷେତ୍ରରେ ମିଳିତ ଭାବେ କାମ କରିବା ଉପରେ ସେ ଜୋର ଦେଇଛନ୍ତି। ଭାରତ ଏପର୍ଯ୍ୟନ୍ତ ବିଶ୍ୱର ୧୧ଟି ଦେଶ ସହ ନିଜର ତତ୍କାଳ ପେମେଣ୍ଟ ବ୍ୟବସ୍ଥା ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ (UPI)କୁ ସଂଯୋଗ କରିସାରିଛି। ଆଗକୁ ଏହାକୁ ଆହୁରି ବିସ୍ତାର କରିବା ଭାରତର ଲକ୍ଷ୍ୟ ରହିଛି। ବ୍ରିକ୍ସ ସଦସ୍ୟ ଦେଶମାନଙ୍କ ମଧ୍ୟରେ ଭାରତ, ୟୁଏଇର ତତ୍କାଳ ପେମେଣ୍ଟ ସିଷ୍ଟମ୍ 'ଆନି' (Aani) ସହ ୟୁପିଆଇକୁ ସଂଯୋଗ କରିଛି। ଏହା ସହିତ ରୁଷିଆ ସହ ସ୍ଥାନୀୟ ମୁଦ୍ରାରେ ବାଣିଜ୍ୟ କାରବାର କରିବା ନେଇ ମଧ୍ୟ ଭାରତ ଆଲୋଚନା କରିଛି।ତିନି ବର୍ଷ ପୂର୍ବେ ବ୍ରିକ୍ସ ଦେଶଗୁଡ଼ିକ ବାଣିଜ୍ୟ ନିଷ୍ପତ୍ତି ପାଇଁ ଏକ ସାଧାରଣ ମୁଦ୍ରା ଆଣିବାର ଯୋଜନା ଉପରେ ଚିନ୍ତା କରିଥିଲେ। ତେବେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧ ଏବଂ ଶୁଳ୍କ ଲଗାଇବା ନେଇ ଧମକ ପରେ ଏହି ପ୍ରସ୍ତାବ ପଛକୁ ଚାଲିଯାଇଛି। ତଥାପି ଡଲାର ସହିତ ବିକଳ୍ପ ଭାବେ ସ୍ଥାନୀୟ ମୁଦ୍ରାରେ ବାଣିଜ୍ୟ ନିଷ୍ପତ୍ତି କରିବା ବ୍ରିକ୍ସ ଦେଶଗୁଡ଼ିକର ଏକ ପ୍ରମୁଖ ଏଜେଣ୍ଡା ହୋଇ ରହିଛି ।ବିଶେଷକରି ରୁଷିଆ ଓ ଇରାନ ଭଳି ଦେଶ ଆର୍ଥିକ କଟକଣାର ସମ୍ମୁଖୀନ ହେଉଥିବାରୁ ବିକଳ୍ପ ବାଣିଜ୍ୟ ନିଷ୍ପତ୍ତି ବ୍ୟବସ୍ଥା ବ୍ରିକ୍ସ ପାଇଁ ଗୁରୁତ୍ୱପୂର୍ଣ୍ଣ। ରୁଷିଆ-ୟୁକ୍ରେନ୍ ଯୁଦ୍ଧ ପରେ ପଶ୍ଚିମ ଦେଶଗୁଡ଼ିକ ରୁଷିଆର ପ୍ରମୁଖ ବ୍ୟାଙ୍କଗୁଡ଼ିକୁ SWIFTରୁ ବାଦ ଦେବା ପରେ ଭାରତ ରୁଷିଆ ସହ ସ୍ଥାନୀୟ ମୁଦ୍ରାରେ ବାଣିଜ୍ୟ ନିଷ୍ପତ୍ତି ନେଇ ଅନୁସନ୍ଧାନ କରିଥିଲା।

## ବ୍ରିକ୍ସ ସମ୍ମିଳନୀସ୍ଥଳ ନିକଟରେ ତିବ୍ବତୀୟଙ୍କ ଆନ୍ଦୋଳନ, ୫ ଅଟକ

ନୂଆଦିଲ୍ଲୀ,୧୧।୯: ବ୍ରିକ୍ସ ସମ୍ମିଳନୀସ୍ଥଳ ଭାରତ ମଣ୍ଡପମ୍ ନିକଟରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ଭାରତ ଗସ୍ତକୁ ବିରୋଧ କରି ଆନ୍ଦୋଳନ କରିବା ଅଭିଯୋଗରେ ଶୁକ୍ରବାର ଅତି କମରେ ୫ ଜଣ ତିବ୍ବତୀୟ ନାଗରିକଙ୍କୁ ଦିଲ୍ଲୀ ପୁଲିସ ଅଟକ ରଖିଛି। ପ୍ରଗତି ମୈଦାନ ନିକଟ ଟନେଲ୍ ଅଞ୍ଚଳରେ ସେମାନେ ଚୀନ୍ ବିରୋଧୀ ପ୍ରତିବାଦ କରୁଥିଲେ।

## ୟୁପିରେ ଗ୍ରାମୀଣ ମହିଳା ଚଳାଉଛନ୍ତି କୃଷି ଡ୍ରୋନ୍

ଲକ୍ଷ୍ନୌ,୧୧।୯: ଉତ୍ତରପ୍ରଦେଶର ଗ୍ରାମାଞ୍ଚଳ ମହିଳାମାନେ ଏବେ କୃଷି ଡ୍ରୋନ୍ ଚଳାଇ ନୂଆ ରୋଜଗାରର ସୁଯୋଗ ସୃଷ୍ଟି କରୁଛନ୍ତି। ନମୋ ଡ୍ରୋନ୍ ଦିଦି ଯୋଜନା ଅଧୀନରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଡ୍ରୋନ୍ ଯୋଗାଇବା ସହ ଏହାର ପରିଚାଳନା ପାଇଁ ପ୍ରଶିକ୍ଷଣ ଦିଆଯାଉଛି। ଡ୍ରୋନ୍ ମାଧ୍ୟମରେ ଚାଷଜମିରେ ସାର ଓ କୀଟନାଶକ ସିଞ୍ଚନ କରାଯାଇପାରୁଛି। ଏହି କେନ୍ଦ୍ରୀୟ କ୍ଷେତ୍ର ଯୋଜନା ଅଧୀନରେ ୨୦୨୩-୨୪ରୁ ୨୦୨୫-୨୬ ପର୍ଯ୍ୟନ୍ତ ୧,୨୬୧ କୋଟି ଟଙ୍କା ବ୍ୟୟରେ ୧୫,୦୦୦ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ କୃଷି ଡ୍ରୋନ୍ ଯୋଗାଇବାର ବ୍ୟବସ୍ଥା କରାଯାଇଛି। ଡ୍ରୋନ୍ ଓ ଏହାର ସହାୟକ ଉପକରଣ ମୂଲ୍ୟର ୮୦% ପର୍ଯ୍ୟନ୍ତ ତଥା ସର୍ବାଧିକ ୮ ଲକ୍ଷ ଟଙ୍କା କେନ୍ଦ୍ରୀୟ ସହାୟତା ମିଳୁଛି।

## ବିହାର ବନ୍ୟା: ୧୫ ଜିଲ୍ଲାରେ ୪୬ ଲକ୍ଷ ଲୋକ ପ୍ରଭାବିତ

ପାଟନା,୧୧।୯: ବିହାରରେ ବନ୍ୟା ସ୍ଥିତି ସଙ୍ଗୀନ ରହିଛି। ୧୫ ଜିଲ୍ଲାରେ ୪୬ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଶୁକ୍ରବାର ସୁଦ୍ଧା ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ସ୍ଥାନରେ ଗଙ୍ଗା, ଗଣ୍ଡକ, ବୁଢ଼ୀ ଗଣ୍ଡକ, କୋଶୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବିହାର ବିପର୍ଯ୍ୟୟ ପରିଚାଳନା ବିଭାଗ ସଦ୍ୟ ବୁଲେଟିନ୍ ଅନୁଯାୟୀ, ୧୫ ଜିଲ୍ଲାର ୮୮ ବ୍ଲକ, ୫୬୧ ଗ୍ରାମ ପଞ୍ଚାୟତରେ ୪୬.୮୮ ଲକ୍ଷ ଲୋକ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛନ୍ତି। ପ୍ରଭାବିତ ଜିଲ୍ଲା ମଧ୍ୟରେ ପାଟନା,



ଭୋଜପୁର, ସରଣ, ବୈଶାଳୀ, ଭାଗଲପୁର, ବେଗୁସରାଇ ବକ୍ସର, ସମସ୍ତିପୁର, ମୁଙ୍ଗେର କଟିହାର, ଲଖିସରାଇ, ଖଗରିଆ, ପୂର୍ଣ୍ଣିଆ, ମଧେପୁରା, ଅରରିଆ ରହିଛି। ସବୁଠାରୁ ଅଧିକ ପ୍ରଭାବିତ ଜିଲ୍ଲାମାନଙ୍କ ମଧ୍ୟରେ ଭାଗଲପୁର, ପାଟନା, ସରଣ, ବୈଶାଳୀ, ବେଗୁସରାଇ, କଟିହାର, ପୂର୍ଣ୍ଣିଆ ଓ ବକ୍ସର ରହିଛି।

## ବମ୍ବେ ହାଇକୋର୍ଟଙ୍କ କଡ଼ା ସମାଲୋଚନା

# ଗଣେଶ ପୂଜା ସମୟରେ ୧୦ ଦିନିଆ ମଦ ନିଷିଦ୍ଧ ନିଷ୍ପତ୍ତି ପ୍ରତ୍ୟାହାର




ମୁମ୍ବାଇ,୧୧।୯: ଗଣେଶ ପୂଜା ସମୟରେ ପୁଣେରେ ୧୦ ଦିନ ପାଇଁ ମଦ ବିକ୍ରି ଓ ବ୍ୟବହାର ଉପରେ ନିଷେଧାଦେଶ ଜାରି କରିବା ନିଷ୍ପତ୍ତିକୁ କଡ଼ା ସମାଲୋଚନା କରିଛନ୍ତି ବମ୍ବେ ହାଇକୋର୍ଟ। ମୁମ୍ବାଇ ସମେତ ଅନ୍ୟ ଅଞ୍ଚଳକୁ ଛାଡ଼ି କେବଳ ପୁଣେକୁ କାହିଁକି ଟାର୍ଗେଟ୍ କରାଗଲା ବୋଲି କୋର୍ଟ ପୁଣେ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି। ତ' ସହିତ କଟକଣାକୁ ଦୁଇଦିନ ଭିତରେ ସୀମିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଏମ୍.ସି. ତ୍ରିପାଠୀ ଓ ବିଚାରପତି ଅଦ୍ୱୈତ ସେଠନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ଏହି ମାମଲାରେ ଶୁଣାଣି କରିଥିଲେ। ଯଦି ଏହି ନିଷେଧାଦେଶ ପ୍ରତ୍ୟାହାର କରାନଯାଏ, ତେବେ କୋର୍ଟ ଏଥିରେ ହସ୍ତକ୍ଷେପ କରିବ ବୋଲି ଖଣ୍ଡପୀଠ କହିଥିଲେ। ଏଭଳି ମନମୁଖୀ ଭାବେ ନିଷେଧାଦେଶ ଲଗାଇବା ଦ୍ୱାରା ପୁଣେ ଓ ପୁଣେବାସୀଙ୍କୁ ଅଯଥାରେ ବଦନାମ କରାଯାଉଛି ବୋଲି କୋର୍ଟ କହିଛନ୍ତି। ପରବର୍ତ୍ତୀ ଶୁଣାଣିରେ ଅତିରିକ୍ତ ସରକାରୀ ଓକିଲ କେଦାର ଦିଘେ କୋର୍ଟଙ୍କୁ ମଦ ବ୍ୟାନ ନିଷ୍ପତ୍ତି ବିଷୟରେ ଜଣାଇଥିଲେ। ଏଣିକି ମଦ ବିକ୍ରି ଓ ବ୍ୟବହାର ଉପରେ କଟକଣା କେବଳ ସେପ୍ଟେମ୍ବର ୧୪ ଗଣେଶ ପୂଜାର ପ୍ରଥମ ଦିନ ଅପରାହ୍ନ ୪ଟା ପର୍ଯ୍ୟନ୍ତ ରହିବ। ଏହା ସହ ଗଣେଶ ପୂଜାର ଶେଷ ଦିନ ସେପ୍ଟେମ୍ବର ୨୫ରେ ମଧ୍ୟ ନିଷେଧ ରହିବ ବୋଲି ଶ୍ରୀ ଦିଘେ କୋର୍ଟଙ୍କୁ ଜଣାଇଥିଲେ। ଉଲ୍ଲେଖଯୋଗ୍ୟ, ସେପ୍ଟେମ୍ବର ୨୫କୁ ପୂର୍ବରୁ ହିଁ ଡ୍ରାଏ ଡେ ଭାବେ ନିର୍ଦ୍ଧାରିତ କରାଯାଇଛି। ସରକାରଙ୍କ ଏହି ବୟାନକୁ କୋର୍ଟ ଗ୍ରହଣ କରିବା ସହ ପୁଣେ ଜିଲ୍ଲାପାଳଙ୍କୁ ଏନେଇ ନୂଆ ଆଦେଶ ଜାରି କରିବାକୁ କହିଛନ୍ତି। ଗଣେଶ ପୂଜାର ୧୦ ଦିନ ଯାଏଁ ମଦ ବିକ୍ରି ଉପରେ ନିଷେଧ ଲଗାଇଥିବା ପୁଣେ ଜିଲ୍ଲାପାଳଙ୍କ ଆଦେଶକୁ ଚ୍ୟାଲେଞ୍ଜ କରି ହୋଟେଲ୍ ମାଲିକ ଓ ମଦ ଦୋକାନ ମାଲିକଙ୍କ ସଂଘ ବମ୍ବେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ।

## ମୋବାଇଲ ଟାୱାର ନାଁରେ ଠକେଇ, ଜଣେ ଗିରଫ

ଭୁବନେଶ୍ୱର(ନିପ୍ର): ମୋବାଇଲ ଟାୱାର ନାଁରେ ଲକ୍ଷାଧିକ ଟଙ୍କା ଠକେଇ କରିବା ଅଭିଯୋଗରେ ସାଇବର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ବୈଭବ ଘୋଷ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ପୁଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୋଗକାରୀ ଦିଗନ୍ତ କେଶରୀ ପଟ୍ଟନାୟକ ବିଜେବି ନଗର ଅଞ୍ଚଳରେ ରୁହନ୍ତି। ଗତ ୨୦୨୨ ମସିହା ଜୁଲାଇ ମାସରେ ଅଭିଯୋଗକାରୀଙ୍କ ଗାଁରେ ଥିବା ତାଙ୍କ ଜମିରେ ଦୁଇଜଣ ଅଜଣା ବ୍ୟକ୍ତି ଜମିର ମାପଚୁପ କରୁଥିବା ଦେଖାଯାଇଥିଲା। ସ୍ଥାନୀୟ ବାସିନ୍ଦା ଅଶୋକ କୁମାର ଦାସ ତାଙ୍କୁ ଜଣାଇଥିଲେ ଯେ, ସେମାନେ ଜିଓ ମୋବାଇଲ ଟାୱାର ସ୍ଥାପନ ପାଇଁ ଜମି ମାପଚୁପ କରୁଛନ୍ତି। ପରେ ଜଣେ ବ୍ୟକ୍ତି ନିଜକୁ ଜିଓ କମ୍ପାନୀର ଏଜେଣ୍ଟ ବୋଲି ପରିଚୟ ଦେଇ ଅଭିଯୋଗକାରୀଙ୍କ ସହ ଯୋଗାଯୋଗ କରିଥିଲେ। ସେ ଜଣାଇଥିଲେ ଯେ, ମୋବାଇଲ ଟାୱାର ସ୍ଥାପନ ପାଇଁ କିଛି ସରକାରୀ ଲାଇସେନ୍ସ ଓ ଅନୁମତି ଆବଶ୍ୟକ ଏବଂ ଏଥିପାଇଁ କିଛି ଟଙ୍କା ଦେବାକୁ ପଡ଼ିବ। ତାଙ୍କ କଥାକୁ ସତ ବୋଲି ବିଶ୍ୱାସ କରି ଅଭିଯୋଗକାରୀ ତାଙ୍କ ବ୍ୟାଙ୍କ ଖାତାରୁ ୨୦୨୨ ମସିହାରୁ ୧୪.୧୦.୨୦୨୪ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ମୋଟ ୫୮,୩୫,୦୫୦ ଟଙ୍କା ବିଭିନ୍ନ ବ୍ୟକ୍ତିଙ୍କ ବ୍ୟାଙ୍କ ଖାତାକୁ ପଠାଇଥିଲେ। ଏହି ସମୟରେ ଅଭିଯୁକ୍ତମାନେ ହ୍ୱାଟ୍ସଆପ ଓ ଫୋନ୍ ଯୋଗେ ଅଭିଯୋଗକାରୀଙ୍କ ସହ ଯୋଗାଯୋଗରେ ରହି ଟାୱାର କାମ ଶୀଘ୍ର ଆରମ୍ଭ ହେବ ବୋଲି ମିଥ୍ୟା ପ୍ରତିଶୃତି ଦେଉଥିଲେ। ବାରମ୍ବାର ପଚାରିବା ସତ୍ୱେ କୌଣସି ସରକାରୀ ଦଲିଲ, ଅନୁମତିପତ୍ର କିମ୍ବା କାମ ଆରମ୍ଭ ହୋଇଥିବାର ପ୍ରମାଣ ଦିଆଯାଇନଥିଲା । ପରେ ଅଭିଯୋଗକାରୀ ଜାଣିବାକୁ ପାଇଥିଲେ ଯେ, ଟାୱାର ସ୍ଥାପନ ପାଇଁ କୌଣସି ଅନୁମତି ଆବେଦନ କରାଯାଇନାହିଁ ଏବଂ କୌଣସି କାମ ମଧ୍ୟ ଆରମ୍ଭ ହୋଇନାହିଁ । ଏହାପରେ ଅଭିଯୋଗକାରୀ ବୁଝିପାରିଥିଲେ ଯେ, ଅଭିଯୁକ୍ତମାନେ ନିଜକୁ ଜିଓ କମ୍ପାନୀର ଏଜେଣ୍ଟ ବୋଲି ମିଥ୍ୟା ପରିଚୟ ଦେଇ ଏବଂ ମିଥ୍ୟା ପ୍ରତିଶୃତି ଦେଇ ତାଙ୍କୁ ମୋଟ ୫୮,୩୫,୦୫୦ ଟଙ୍କା ଠକେଇ କରିଛନ୍ତି। ଅନ୍ୟ କୌଣସି ଉପାୟ ନପାଇ ଅଭିଯୋଗକାରୀ ଶେଷରେ ଆଇନର ଆଶ୍ରୟ ନେଇଥିଲେ । ଭୁବନେଶ୍ୱର ସାଇବର ପୋଲିସ ଟିମ୍ ମାମଲାର ତଦନ୍ତ କରିବା ସହ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ପଶ୍ଚିମବଙ୍ଗର କଲିକତା ସହରରେ ଚଢଉ କରି ଅଭିଯୁକ୍ତ ବୈଭବ ଘୋଷଙ୍କୁ ଏହି ଠକେଇ ମାମଲାରେ ଗିରଫ କରିଥିଲେ। ପଚରାଉଚରା ସମୟରେ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଥିବା ବେଳେ, ଏଥିରେ ସଂପୃକ୍ତ ଅନ୍ୟ ଠକମାନଙ୍କୁ ଧରିବା ପାଇଁ ପୋଲିସର ତଦନ୍ତ ଜାରି ରହିଛି ।

## କାର୍ ଭିତରୁ ଯୁବକଙ୍କ ଗୁଳିବିଦ୍ଧ ମୃତଦେହ ଉଦ୍ଧାର

- ଡାକିନେଇ ହତ୍ୟା କରାଯାଇଥିବା ସନ୍ଦେହ
- ତଦନ୍ତ ପାଇଁ ଗଠନ ହେଲା ୩ ସ୍ୱତନ୍ତ୍ର ଟିମ୍



ସୋନପୁର(ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ଅଞ୍ଚଳରେ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ଘଟିଛି। ଚିନାଜୁରି ଗ୍ରାମ ନିକଟସ୍ଥ ଏକ କେନାଲ ରାସ୍ତାରେ ଛିଡ଼ା ହୋଇଥିବା ଏକ କାର୍ ଭିତରୁ ଜଣେ ଯୁବକଙ୍କ ଗୁଳିବିଦ୍ଧ ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତ ଯୁବକ ଜଣକ ହେଲେ ବରଗଡ଼ ଜିଲ୍ଲା ବରପାଲି ଥାନା ଅନ୍ତର୍ଗତ କେବାଡ଼ ଗ୍ରାମର ସଭାପତି ନାଏକଙ୍କ ପୁଅ ଅଚ୍ୟୁତାନନ୍ଦ ନାଏକ (୩୬)। ଯୋଜନାବଦ୍ଧ ଭାବେ ତାଙ୍କୁ ସେଠାକୁ ଡାକି ନେଇ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଗୁରୁବାର ରାତିରେ କୌଣସି ଏକ ଅଜ୍ଞାତ ବ୍ୟକ୍ତି ଅଚ୍ୟୁତାନନ୍ଦଙ୍କୁ ଫୋନ୍ କରି ଡୁଙ୍ଗୁରିପାଲି ଥାନା ଅନ୍ତର୍ଗତ ଚିନାଜୁରି ଗ୍ରାମକୁ ଆସିବା ପାଇଁ ଡାକିଥିଲେ। ଏହାପରେ ସନ୍ଧ୍ୟା ସମୟରେ ଅଚ୍ୟୁତାନନ୍ଦ ନିଜର ସ୍ୱିଫ୍ଟ ଡିଜାୟର୍ କାର୍ ନଂ ଓଡି -୧୫-ଏ -୮୧୯୧ ଯୋଗେ ଘରୁ ବାହାରିଥିଲେ। ତେବେ ରାତି ବଢ଼ିବା ପରେ ମଧ୍ୟ ସେ ଘରକୁ ନ ଫେରିବାରୁ ପରିବାର ଲୋକେ ଚିନ୍ତିତ ହୋଇପଡ଼ିଥିଲେ। ଆଜି ସକାଳେ କୌଣସି ସୂତ୍ରରୁ ଖବର ପାଇ ଅଚ୍ୟୁତାନନ୍ଦଙ୍କ ବାପା ସଭାପତି ନାଏକ ଚିନାଜୁରି ଗ୍ରାମର କେନାଲ୍ ରାସ୍ତା ଆଡ଼କୁ ଖୋଜିବାକୁ ଯାଇଥିଲେ। ସେଠାରେ କେବାଡ଼-ଚିନାଜୁରି ରାସ୍ତା ଉପରେ ପୁଅର କାର୍ ଥିବା ସେ ଦେଖିବାକୁ ପାଇଥିଲେ। ପାଖକୁ ଯାଇ ଦେଖିଲା ବେଳକୁ ଗାଡ଼ି ଭିତରେ ଅଚ୍ୟୁତାନନ୍ଦଙ୍କ ରକ୍ତାକ୍ତ ତଥା ଗୁଳିବିଦ୍ଧ ମୃତଦେହ ପଡ଼ିଥିଲା। ଏହି ସମ୍ବେଦନଶୀଳ ହତ୍ୟା ଘଟଣାକୁ ପୋଲିସ ପ୍ରଶାସନ ଅତ୍ୟନ୍ତ ଗୁରୁତର ସହ ନେଇଛି। ଘଟଣାର ତୁରନ୍ତ ପର୍ଦ୍ଦାଫାସ କରିବା ପାଇଁ ପୋଲିସ ପକ୍ଷରୁ ୩ଟି ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଉତ୍ତରାଞ୍ଚଳ ଡିଆଇଜି ଚରଣ ସିଂ ମିନ୍ନା, ସୁବର୍ଣ୍ଣପୁର ଏସପି ନାରାୟଣ ନାୟକ, ବରଗଡ଼ ଏସପି ଆର.ଏନ. ଶତପଥୀ, ସୁବର୍ଣ୍ଣପୁର ଅତିରିକ୍ତ ଏସପି କେ.କେ. ହରିପ୍ରସାଦ, ବରଗଡ଼ ଅତିରିକ୍ତ ଏସପି ପ୍ରିୟବ୍ରତ ବିଶ୍ୱାଳ ଏବଂ ସୋନପୁର ଏସଡିପିଓ କଲ୍ୟାଣୀ ବେହେରା ପ୍ରମୁଖ ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହ ଡୁଙ୍ଗୁରିପାଲି ଓ ବରପାଲି ଥାନାଧିକାରୀଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ସାଇଣ୍ଟିଫିକ୍ ଦଳ ଏବଂ ସନ୍ଧାନୀ କୁକୁର ସାହାଯ୍ୟରେ ଘଟଣାସ୍ଥଳରୁ ତଥ୍ୟ ଓ ପ୍ରମାଣ ସଂଗ୍ରହ ଜାରି ରଖିଛନ୍ତି। ହତ୍ୟାକାରୀମାନଙ୍କୁ ଖୁବ୍ ଶୀଘ୍ର ଚିହ୍ନଟ କରାଯାଇ ଗିରଫ କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଘଟଣା ସମ୍ପର୍କରେ ଡୁଙ୍ଗୁରିପାଲି ଥାନାରେ କେସ୍ ନଂ ୨୨୦/୨୬ ଅନୁଯାୟୀ ଏକ ହତ୍ୟା ମାମଲା ରୁଜୁ କରାଯାଇ ପୋଲିସ ଅଧିକ ତଦନ୍ତ ଚଳାଇଛି। ଅଚ୍ୟୁତାନନ୍ଦଙ୍କୁ କିଏ ଏବଂ କେଉଁ କାରଣରୁ ଗୁଳି କରି ହତ୍ୟା କଲା, ତାହା ବର୍ତ୍ତମାନ ସୁଦ୍ଧା ଅସ୍ପଷ୍ଟ ରହିଛି।

## ଜମି ଠକେଇ, ଠକ ଧରାପଡିଲା

ଭୁବନେଶ୍ୱର(ନିପ୍ର): ଜମି ଠକେଇ ମାମଲାରେ ଭରତପୁର ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ସଞ୍ଜୟ କୁମାର ହାତୀ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରିଣୀ ମମତାରାଣୀ ସାହୁ ପରିବାର ସହ ଭରତପୁର ଥାନା ଅଞ୍ଚଳରେ ରୁହନ୍ତି । ସେ ଭୁବନେଶ୍ୱର ଆଖପାଖ ଅଞ୍ଚଳରେ ଜମି କିଣିବା ଲାଗି ମନ ବଳାଇ ଥିଲେ। ଏହି ସମୟରେ ଅଭିଯୁକ୍ତ ସଞ୍ଜୟ କୁମାର ହାତୀ ଓ ୱାଇ. ରମଣ ରାଓଙ୍କ ସହିତ ତାଙ୍କର ଚିହ୍ନାପରିଚୟ ହୋଇଥିଲା ଏବଂ ଉଭୟ ସାମପୁର ମୌଜାରେ ତାଙ୍କୁ ଏକ ଭଲ ଜମି ଯୋଗାଇ ଦେବେ ବୋଲି ପ୍ରତିଶୃତି ଦେଇଥିଲେ । ଜମି କିଣିବା ଓ ଏ ସମ୍ପର୍କିତ କାଗଜପତ୍ର ବିଷୟରେ ଅଭିଯୋଗକାରିଣୀଙ୍କର ବିଶେଷ ଜ୍ଞାନ ନଥିଲା । ଏହାର ସୁଯୋଗ ନେଇ ଦୁଇ ଅଭିଯୁକ୍ତ ସମ୍ପୃକ୍ତ ପ୍ଲଟ୍ ?ର ଦଖଲରେ ଅଛନ୍ତି ଏବଂ ଆଇନ ଅନୁଯାୟୀ ତାହାକୁ ବିକ୍ରି କରିବାର ଅଧିକାର ରଖନ୍ତି ବୋଲି ଅଭିଯୋଗକାରିଣୀଙ୍କୁ ମିଥ୍ୟା ସୂଚନା ଦେଇଥିଲେ । ସେମାନଙ୍କ କଥାକୁ ବିଶ୍ୱାସ କରି ଅଭିଯୋଗକାରିଣୀ ଉକ୍ତ ଜମି ପାଇଁ ଚୁକ୍ତି କରି ଟଙ୍କା ପ୍ରଦାନ କରିଥିଲେ । ପରେ ବିଡିଏ ପକ୍ଷରୁ ଜମି ଖାଲି କରାଇବା ସମୟରେ ଜଣାପଡ଼ିଲା ଯେ, ଉକ୍ତ ଜମି ଓଡ଼ିଶା ସରକାରଙ୍କର ଏବଂ ଅଭିଯୁକ୍ତ ମାନଙ୍କର ଏହା ଉପରେ କୌଣସି ଆଇନଗତ ମାଲିକାନା କିମ୍ବା ଦଖଲ ନଥିଲା। ଏହାପରେ ଅଭିଯୋଗକାରିଣୀ ନିଜ ଟଙ୍କା ଫେରସ୍ତ ମାଗିବାରୁ, ଅଭିଯୁକ୍ତମାନେ ବିଭିନ୍ନ ବାହାନା କରି ବାରମ୍ବାର ଟଙ୍କା ଫେରାଇବାରୁ ଏଡ଼ାଇ ଯାଇଥିଲେ ଏବଂ ମିଥ୍ୟା ପ୍ରତିଶୃତି ଦେଇ ଦିନପରେ ଦିନ ଗଡାଇ ଚାଲିଥିଲେ। ତଦନ୍ତ ସମୟରେ ଆହୁରି ମଧ୍ୟ ଜଣାପଡ଼ିଲା ଯେ, ଅଭିଯୁକ୍ତମାନେ ଅଭିଯୋଗକାରିଣୀଙ୍କୁ ଠକି ବିଭିନ୍ନ ତାରିଖରେ ଫୋନ-ପେ ମାଧ୍ୟମରେ ମୋଟ ୩,୬୮,୦୦୦ ଟଙ୍କା ଏବଂ ସାକ୍ଷୀମାନଙ୍କ ଉପସ୍ଥିତିରେ ନଗଦ ୨,୩୨,୦୦୦ ଟଙ୍କା, ମୋଟ ୬,୦୦,୦୦୦ ଟଙ୍କା ଠକି ନେଇଯାଇଥିଲେ । ଉପାୟଶୂନ୍ୟ ହୋଇ ଅଭିଯୋଗକାରିଣୀ ଶେଷରେ ଆଇନର ଆଶ୍ରୟ ନେଇଥିଲେ। ପୁଲିସ ଏହି ମାମଲାର ତଦନ୍ତ କାଳରେ ସଞ୍ଜୟ କୁମାର ହାତୀ ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ, ସେ ଏହି ମାମଲାରେ ନିଜକୁ ଦୋଷୀ ସ୍ୱୀକାର କରିଥିଲେ ।

## ସିରିଜ୍ ଦୁର୍ଘଟଣା: ଟ୍ରକ୍ ଧକ୍କାରେ ଜଣେ ମୃତ




ଆସିକା(ନିପ୍ର): ଆସିକା ଥାନା ଅଧୀନ ଖଡଭାଗଠାରେ ସିରିଜ୍ ଦୁର୍ଘଟଣା ଘଟିଛି । ଟ୍ରକ୍ ଧକ୍କାରେ ଜଣେ ମୃତ୍ୟୁବରଣ କରିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି । ମୃତ ମହିଳା ଜଣକ ହେଲେ ୫୫ ବର୍ଷିୟ ଅଲି ଗୌଡ ଏବଂ ଗୁରୁତର ମହିଳା ଜଣକ ହେଲେ ୫୦ ବର୍ଷୀୟ ସୁକାନ୍ତି ସାହୁ । ପ୍ରକାଶ ଥାଉକି ଭୋର ୪ଘଣ୍ଟ ସମୟରେ କନ୍ଧମାଳ ଜିଲ୍ଲା ରାଇକିଆରୁ ବ୍ରହ୍ମପୁର ଅଭିମୁଖେ ଏକ ଓଡ଼ି୦୭ ଏକ୍ୟୁ ୪୩୧୩ ନମ୍ବର ବିଶିଷ୍ଟ ଏକ ଟ୍ରକ ଦ୍ରୁତଗତିରେ ଆସି ଖଡଭାଗ ନିକଟରେ ରାସ୍ତା କଡରେ ଛିଡା ହୋଇଥିବା ଏକ କାରକୁ ଧକ୍କା ଦେଇଥିଲା । ପରେ ଭାରସାମ୍ୟ ହରାଇ ପାଖରେ ଫୁଲ ତୋଳୁଥିବା ଦୁଇ ମହିଳାକୁ ଧକ୍କା ଦେଇ ଗୋଟିଏ ଘର ଭିତରକୁ ମାଡ଼ି ଯାଇଥିଲା। ଫଳରେ ଘଟଣା ସ୍ଥଳରେ ୫୫ ବର୍ଷିୟ ଅଲି ଗୌଡଙ୍କ ମୃତ୍ୟୁ ହୋଇଥିବା ବେଳେ ୫୦ ବର୍ଷିୟ ସୁକାନ୍ତି ସାହୁ ଗୁରୁତର ହୋଇଥିଲେ । ଗୁରୁତର ମହିଳାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ଆସିକା ମେଡିକାଲରେ ଭର୍ତ୍ତି କରିଥିବା ବେଳେ ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ଅପର ପକ୍ଷରେ ମୃତ ମହିଳାଙ୍କ ଶବ ଆସିକା ମେଡିକାଲରେ ରହିଥିବା ବେଳେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରୁଛି । ଏ ନେଇ ପରିବାର ପକ୍ଷରୁ ଆସିକା ଥାନାରେ ଲିଖିତ ଅଭିଯୋଗ ପରେ ଆସିକା ଥାନା ପକ୍ଷରୁ ଥାନା କେସ ନମ୍ବର ୫୧୨/୨୬ରେ ପୋଲିସ ମାମଲା ରୁଜୁକରି ଗାଡି ଡ୍ରାଇଭରକୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଥାଉକି ଟ୍ରକ୍‌ରୁ ମାଦକ ଦ୍ରବ୍ୟ ମିଳିଥିବାରୁ ଡ୍ରାଇଭର ଜଣକ ନିଶା ସେବନ କରି ଗାଡି ଚଳାଉଥିବା ଅନୁମାନ କରାଯାଇଛି ।

## ହୃଦ୍‌ଘାତରେ କୃଷକ ମୃତ

ଭାପୁର(ନିପ୍ର): କ୍ଷେତରେ କାମ କରୁକରୁ କୃଷକଙ୍କ ଛାତି ଯନ୍ତ୍ରଣା ଏବଂ ମେଡିକାଲ ଯିବା ବାଟରେ ମୃତ୍ୟୁ ଭଳି ଘଟଣା ଫତେଗଡ଼ ଥାନା ବିଜିପୁର ପଞ୍ଚାୟତରେ ଦେଖିବାକୁ ମିଳିଛି। ଘଟଣାରୁ ପ୍ରକାଶ, ବିଜିପୁର ପଞ୍ଚାୟତ ଲହଙ୍ଗାପଲ୍ଲୀ ଗ୍ରାମର ପ୍ରଫୁଲ୍ଲ ପ୍ରଧାନ (୭୧) ଏବଂ ତାଙ୍କ ସ୍ତ୍ରୀ ଶୁକ୍ରବାର ଦିନ ଧାନକ୍ଷେତକୁ ଯାଇଥିଲେ। ସ୍ତ୍ରୀ କ୍ଷେତର ହୁଡ଼ାରୁ ଘାସ କାଟୁଥିବା ବେଳେ ପ୍ରଫୁଲ୍ଲ ହୁଡ଼ାରେ ମାଟି ଦେଉଥିଲେ। ଏହି ସମୟରେ ପ୍ରଫୁଲ୍ଲଙ୍କ ଛାତି ଯନ୍ତ୍ରଣା ହେବାରୁ ସ୍ତ୍ରୀଙ୍କୁ କହି ଘରକୁ ଚାଲି ଆସି ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ପାଇଁ ଆସିଥିଲେ। କିନ୍ତୁ ଅବସ୍ଥା ଗୁରୁତର ହେବାରୁ ଖୋର୍ଦ୍ଧା ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିବା ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଗରିବ କୃଷକ ପରିବାର ହୋଇଥିବାରୁ ସରକାରୀ ସହାୟତା ପାଇଁ ଦାବି ହୋଇଛି।

## ନାବାଳିକା ଅପହରଣ ଅଭିଯୋଗ

ଭାପୁର(ନିପ୍ର): ଫତେଗଡ଼ ଥାନା ବିଜିପୁର ପଞ୍ଚାୟତ ସୁନାଖଳା ଗ୍ରାମର ଶଙ୍କର୍ଷଣ ମଲ୍ଲିକ (୪୫) ପୂର୍ବରୁ ବିବାହ କରି ଦୁଇଟି ସନ୍ତାନର ଜନକ ଅଟନ୍ତି। ସେ ଫତେଗଡ଼ ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀର ଛାତ୍ରୀଙ୍କୁ ପ୍ରେମ ଜାଲରେ ଫସେଇ ଅପହରଣ କରିଥିବା ନେଇ ଝିଅର ମାମୁଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗ କ୍ରମେ ପୋଲିସ ୩୧୧/୨୬ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଥାନା ସୂତ୍ରରୁ ପ୍ରକାଶ।

## ମୋବାଇଲ ଚୋରକୁ ସଜା

ଭୁବନେଶ୍ୱର(ନିପ୍ର)): ମାନ୍ୟବର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ-୩ ର ବିଚାରପତି ସୁଶ୍ରୀ କାରୋଣିକା ଘୋଷ, ଗତ ୨୦୨୫ ମସିହା ଡିସେମ୍ବର ମାସରେ ନୟାପଲ୍ଲୀ ଥାନାରେ ଅଭିଯୋଗ ହୋଇଥିବା ଏକ ମୋବାଇଲ ଚୋରି ମାମଲାର ବିଚାର କରି ଅଭିଯୁକ୍ତ ଆଶିଷ ପ୍ରଧାନକୁ ସଜା ଶୁଣାଇଛନ୍ତି । ପ୍ରକାଶଯୋଗ୍ୟ ଯେ, ପୂର୍ବରୁ ମଧ୍ୟ ଗତ ଅଗଷ୍ଟ ମାସରେ ମୋବାଇଲ ଓ ବ୍ରେସଲେଟ ଚୋରୀ ମାମଲାରେ ସମ୍ପୃକ୍ତି ଅଭିଯୋଗରେ ଅଭିଯୁକ୍ତ ଆଶିଷ ପ୍ରଧାନକୁ ସଜା ଶୁଣାଣି ହୋଇଥିଲା। ଆଜିର ଏହି ସଜା ଶୁଣାଣିକୁ ମିଶାଇ ମୋଟ ୩ୟ ଥର ଲାଗି ଅଭିଯୁକ୍ତ ଆଶିଷ ପ୍ରଧାନକୁ ସଜା ଶୁଣାଣି ହୋଇଛି।

## ଭିଜିଲାନ୍ସ ଜାଲରେ ଏସଟି-ଏସସି ବିଭାଗର ଦୁଇ ଅଡିଟର

### ୧୪ ଲକ୍ଷରୁ ଅଧିକ ଟଙ୍କା ଜବତ: ଚଢ଼ାଉ ଜାରି





କଟକ(ନିପ୍ର): ରାଜ୍ୟ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ଦୁଇ ଜଣ ଅଡିଟର ବାଲେଶ୍ୱର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଅଟକ ଦୁଇ ଅଧିକାରୀ ହେଉଛନ୍ତି ଭୁବନେଶ୍ୱର ଏସଟି/ଏସସି ଉନ୍ନୟନ ବିଭାଗରେ କାର୍ଯ୍ୟରତ ପୁରୀର ପ୍ରଜ୍ଞା ପ୍ରକାଶ ପାତ୍ର ଏବଂ ଭୁବନେଶ୍ୱରର ପ୍ରଶାନ୍ତ ପ୍ରଧାନ। ସେମାନଙ୍କ ନିକଟରୁ ଲାଞ୍ଚ ଟଙ୍କା ବାବଦକୁ ମୋଟ ୧୪ ଲକ୍ଷ ୩୮ ହଜାର ୩୪୦ ଟଙ୍କା ଜବତ କରାଯାଇଛି। ଗୁଇନ୍ଦା ସୂଚନା ଆଧାରରେ ଭିଜିଲାନ୍ସ ଟିମ୍ ଗୁରୁବାର ବିଳମ୍ବିତ ରାତିରେ ଏହି ଚଢ଼ାଉ କରିଥିଲା। ଦୁଇ ଅଡିଟର ଜିଲ୍ଲା ମଙ୍ଗଳ ଅଧିକାରୀ (ଡିଡବ୍ଲ୍ୟୁଓ)ଙ୍କ କାର୍ଯ୍ୟାଳୟରେ କାମ ସାରି ସରକାରୀ ସ୍କର୍ପିଓ ଯୋଗେ ବାରିପଦା ରକ୍ସି ଲେନ୍‌ସ୍ଥିତ ମହାପାତ୍ର ହୋଟେଲକୁ ଫେରୁଥିଲେ। ଭିଜିଲାନ୍ସ ଅଧିକାରୀମାନେ ଅଧା ବାଟରେ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲେ। ସେମାନଙ୍କ କବଜାରୁ ୫୨ଟି ଲଫାପା ତଥା ୨୦ଟି ଖୋଲା ବିଡ଼ାରେ ରଖାଯାଇଥିବା ୫ ଲକ୍ଷ ୫୧ ହଜାର ୫୧୦ ଟଙ୍କା ମିଳିଥିଲା। ଏହି ଟଙ୍କାର କୌଣସି ସନ୍ତୋଷଜନକ ହିସାବ ସେମାନେ ଦେଇପାରି ନଥିଲେ। ଏହାପରେ ସେମାନେ ରହୁଥିବା ହୋଟେଲ କୋଠରୀରେ ତଲାସି ନିଆଯାଇଥିଲା। ସେଠାରୁ ଆଉ ୮ ଲକ୍ଷ ୮୬ ହଜାର ୮୩୦ ଟଙ୍କା ମିଳିବାରୁ ସମୁଦାୟ ୧୪ ଲକ୍ଷ ୩୮ ହଜାର ୩୪୦ ଟଙ୍କା ଜବତ କରାଯାଇଛି। ଗତ ଅଗଷ୍ଟ ୩୦ ତାରିଖରୁ ଏହି ଦୁଇ ଅଡିଟର ବାରିପଦାରେ ରହି ଅଡିଟ୍ କାର୍ଯ୍ୟ ଚଳାଇଥିଲେ। ସେମାନେ ଆଶ୍ରମ, ସେବାଶ୍ରମ, ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଏସଏସଡି ଛାତ୍ରାବାସର ହିସାବ ଯାଞ୍ଚ କରୁଥିଲେ। ସମସ୍ତ ପ୍ରଧାନଶିକ୍ଷକ ତଥା ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ରେକର୍ଡପତ୍ର ଧରି ବାରିପଦା ଡକାଯାଇଥିଲା। ଅଡିଟ୍ ସୁରୁଖୁରୁରେ ସାରିବା ପାଇଁ ପ୍ରତି ନାମଲେଖା ଛାତ୍ରଛାତ୍ରୀ ପିଛା ୧୦ ଟଙ୍କା ଲେଖାଏଁ ଦାବି ହୋଇଥିବା ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ଅଡିଟର ଦ୍ୱୟଙ୍କ ସରକାରୀ ବାସଭବନରେ ଚଢ଼ାଉ ଜାରି ରହିଛି ଏବଂ ସେମାନଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଶ୍ରୀ ପ୍ରଧାନ ୧୯୯୬ରେ ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କନିଷ୍ଠ କିରାଣୀ ଭାବେ ଚାକିରି ଆରମ୍ଭ କରି ୨୦୨୧ରେ ଅଡିଟର ପଦବୀକୁ ପଦୋନ୍ନତି ପାଇଥିଲେ । ସେହିପରି ଶ୍ରୀ ପାତ୍ର ୨୦୨୨ ସେପ୍ଟେମ୍ବରରେ ଅଡିଟର ଭାବେ ଚାକିରି ଆରମ୍ଭ କରିଥିଲେ ।

## ଚୋରା ମଦ ଜବତ: ୯ କୋର୍ଟ ଚାଲାଣ



କେନ୍ଦ୍ରାପଡ଼ା(ନିପ୍ର): ଚୋରା ମଦ କାରବାର ବିରୋଧରେ କେନ୍ଦ୍ରାପଡ଼ା ଅବକାରୀ ବିଭାଗର ବଡ଼ଧରଣର ଚଢ଼ାଉ କରିଛି। ଜିଲ୍ଲାପାଳ ରଘୁରାମ ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ସଦର, କୁଦାନଗରୀ, ମହାକାଳପଡ଼ା ଓ ଜମ୍ବୁ ମେରାଇନ୍ ଅବକାରୀ ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ନହଙ୍ଗା, ଟରାଣ୍ଡ, ନୀଳିକଣା, ପ୍ରଭାକରପୁର, ସନ୍ୟାସପୁର, କରିଲୋପାଟଣା ଓ ନଛିପଡ଼ା ଅଞ୍ଚଳରୁ ବିପୁଳ ପରିମାଣର ବିଦେଶୀ ମଦ, ଦେଶୀ ରନ୍ଧା ମଦ ଓ ଗୁଡ଼ପୋଚ ଜବତ କରାଯାଇଛି। ଅବକାରୀ ବିଭାଗର ସୂଚନା ଅନୁସାରେ, ନହଙ୍ଗା ଗ୍ରାମରୁ ୧୮ ଲିଟର, ଟରାଣ୍ଡରୁ ୩୨ ଲିଟର, ନୀଳିକଣାରୁ ୩୬ ଲିଟର, ସନ୍ୟାସପୁରରୁ ୨୮ ଲିଟର, କରିଲୋପାଟଣାରୁ ୨୩ ଲିଟର ଏବଂ ନଛିପଡ଼ାରୁ ୨୭ ଲିଟର ବିଦେଶୀ ମଦ ଜବତ ହୋଇଛି। ସେହିପରି ପ୍ରଭାକରପୁର ଗ୍ରାମରୁ ୨୫ ଲିଟର ଦେଶୀ ରନ୍ଧା ମଦ ସହ ୫୫୦ ଲିଟର ଏବଂ ୩୫୦ ଲିଟର ଗୁଡ଼ପୋଚ ଜବତ କରାଯାଇଛି। ଏହି ଚଢ଼ାଉରେ ସମୁଦାୟ ୧୦୮୯ ଲିଟର ମଦ ଓ ଗୁଡ଼ପୋଚ ଜବତ ହୋଇଥିବା ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଘଟଣାରେ ବିଭିନ୍ନ ଅବକାରୀ ମାମଲା ରୁଜୁ କରାଯାଇ ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ପରେ ସମସ୍ତଙ୍କୁ ଆଇନାନୁଯାୟୀ କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉରେ ଅବକାରୀ ଉପ-ନିରୀକ୍ଷକ ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, ରଞ୍ଜନ କୁମାର ପାତ୍ର, ତ୍ରିବେଣୀ ମହନ୍ତଙ୍କ ସମେତ ଅବକାରୀ ବିଭାଗର ଅନ୍ୟାନ୍ୟ କର୍ମଚାରୀ ସାମିଲ ହୋଇଥିଲେ। ଚୋରା ମଦ କାରବାର ଉପରେ ଆଗାମୀ ଦିନରେ ମଧ୍ୟ ଚଢ଼ାଉ ଜାରି ରହିବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ସୁନା ଚେନ୍ ଲୁଟ୍ ଘଟଣାରେ ଜଣେ ଗିରଫ, ସହଯୋଗୀ ଫେରାର

ଭୁବନେଶ୍ୱର(ନିପ୍ର)): ଦିନ ଦ୍ୱିପ୍ରହରେ ବାଇକ୍‌ରେ ଆସି ସୁନା ଚେନ୍ ଝାମ୍ପି ନେବା ଘଟଣାରେ ଧଉଳି ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ସୁଦର୍ଶନ ପ୍ରଧାନ। ତାଙ୍କ ଠାରୁ ଅପରାଧରେ ବ୍ୟବହୃତ ଧଳା ରଙ୍ଗର ବଜାଜ ପଲସର ବାଇକ୍ ଜବତ କରାଯାଇଛି। ଅନ୍ୟ ଜଣେ ସହଯୋଗୀ 'ମୁସା' ଫେରାର ଥିବା ପୁଲିସ ସୂଚନା ଦେଇଛି। ଅଭିଯୋଗ ଅନୁଯାୟୀ, ଅଗଷ୍ଟ ୨୭ ତାରିଖ ସକାଳେ ଶିଶୁପାଳଗଡ଼ସ୍ଥିତ ସ୍ୱସ୍ତିକ ଭିଲ୍ଲାରେ ରହୁଥିବା ପ୍ରାୟ ୫୭ ବର୍ଷୀୟ ଛାୟାକାନ୍ତ ମିଶ୍ର ରାକ୍ଷୀ କିଣିବା ପାଇଁ ସାମନ୍ତରାପୁର ବଜାରକୁ ଯାଇଥିଲେ। ରାକ୍ଷୀ କିଣି ଘରକୁ ଫେରୁଥିବା ବେଳେ ସକାଳ ପ୍ରାୟ ୮ଟା ସମୟରେ ଗଙ୍ଗୁଆ ବ୍ରିଜ୍ ପରେ ଥିବା ୟଙ୍ଗ ଫିନିକ୍ସ ସ୍କୁଲ୍ ସମ୍ମୁଖରେ ଦୁଇ ଜଣ ଯୁବକ ଦ୍ରୁତଗତିରେ ଏକ ବାଇକ୍‌ରେ ଆସି ତାଙ୍କ ବେକରୁ ପ୍ରାୟ ୧୭ଗ୍ରାମ ଓଜନର ସୁନା ଚେନ୍ ଝାମ୍ପି ନେଇଥିଲେ। ପରେ ସେ ତୁରନ୍ତ ଲୁଟେରାଙ୍କୁ ପିଛା କରିଥିଲେ ମଧ୍ୟ ସେମାନଙ୍କୁ ଧରିବାରେ ସଫଳ ହୋଇନଥିଲେ। ଏନେଇ ଛାୟାକାନ୍ତ ଧଉଳି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତମାନେ ନମ୍ବର ପ୍ଲେଟ୍ ନଥିବା ଏକ ମୋଟରସାଇକେଲ୍‌ରେ ଆସିଥିବା ବେଳେ ପଛରେ ବସିଥିବା ଯୁବକ ହାଲୁକା ରଙ୍ଗର ଟି-ସାର୍ଟ ପିନ୍ଧିଥିବା ଅଭିଯୋଗରେ ଦର୍ଶାଯାଇଥିଲା। ଘଟଣା ପରେ ପୁଲିସ ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ସହ ଫୁଟେଜ୍ ଓ ଅଭିଯୁକ୍ତଙ୍କ ଫଟୋ ବିଭିନ୍ନ ସ୍ଥାନରେ ପ୍ରସାର କରି ମାନବୀୟ ସୂଚନା ସଂଗ୍ରହ କରିଥିଲା। ଏହା ଆଧାରରେ ବାଇକ୍ ଚାଳକଙ୍କ ପରିଚୟ ସୁଦର୍ଶନ ପ୍ରଧାନ ବୋଲି ଜଣାପଡ଼ିଥିଲା। ପରେ ପୁଲିସ ତାଙ୍କୁ ଗିରଫ କରିବା ସହ ଅପରାଧରେ ବ୍ୟବହୃତ ଧଳା ରଙ୍ଗର ବଜାଜ ପଲସର ବାଇକକୁ ଜବତ କରିଥିଲା। ପୁଲିସର ପଚରାଉଚରା ବେଳେ ସୁଦର୍ଶନ ତାଙ୍କ ସହଯୋଗୀ ଭାବେ ତାଙ୍କ ବନ୍ଧୁ 'ମୁସା'ର ନାମ ପ୍ରକାଶ କରିଥିବା ଜଣାପଡ଼ିଛି। ଏହି ଦୁଇଜଣ ମିଶି ପୂର୍ବରୁ ମଧ୍ୟ ଏଭଳି ଲୁଟ୍ ଘଟଣା ଘଟାଇଥିବା ପୁଲିସ ଜାଣିବାକୁ ପାଇଛି। ଜୁଲାଇ ୨୦ ତାରିଖରେ ବଡଗଡ ଥାନା ଅଞ୍ଚଳର କେଦାରଗୌରୀ ରିସର୍ଟ ନିକଟରେ ଏମାନେ ଏକ ଅପରାଧ ଘଟାଇଥିଲେ। ଏହାପରେ ଅଗଷ୍ଟ ୨୭ରେ ଧଉଳି ଥାନା ଅଞ୍ଚଳର ୟଙ୍ଗ ଫିନିକ୍ସ ସ୍କୁଲ୍ ନିକଟରେ ଏବଂ ସେପ୍ଟେମ୍ବର ୬ ତାରିଖରେ କ୍ୟାପିଟାଲ ଥାନା ଅଧୀନ କୃଷି ଭବନ ସମ୍ମୁଖରେ, ରବୀନ୍ଦ୍ର ମଣ୍ଡପ ଓ ୧୨୦ ବାଟାଲିଅନ୍ ମଧ୍ୟବର୍ତ୍ତୀ ଅଞ୍ଚଳରେ ଲୁଟ୍ କରିଥିବା ସୂଚନା ମିଳିଛି।

**AFFIDAVIT**

By virtue of an affidavit sworn before The Executive Magistrate, Kabisuryanagar dtd.25.08.2026, I Sri Panchanan Parida S/o-Narasingha Parida At/Po-Ambapua, Ps-Kabisuryanagar, Dist-Ganjam, Odisha do hereby declare that, In my adhar card mentioned Panchanan Parida S/o-Narasingha Parida But in my ROR Khata no.295, Plot No.1527, Mouza-Ambapua name mentioned Panchu Parida S/o-Narahari Parida. That Panchanan Parida S/o-Narasingha Parida & Panchu Parida S/o-Narahari Parida are one & same person. Henceforth I shall be known as Panchanan Parida S/o-Narasingha Parida for all purposes.

Sd/-Sri Panchanan Parida

**AFFIDAVIT**

By virtue of an affidavit sworn before The Executive Magistrate, Kabisurya Nagar, Ganjam dtd.10.09.2026, I Suryamani Parida S/o-Dandapani Parida At/Po-Ambapua, Ps-Kabisuryanagar, Dist-Ganjam, Odisha do hereby declare that myself Suryamani Parida S/o-Dandapani Parida, unfortunately in ROR vide khata No 295 Plot No.1527 mentioned my name is Suryamani Parida S/o-Dandasi Parida. Dandapani Parida & Dandasi Parida are one & the same person. Henceforth I shall be known as Suryamani Parida S/o-Dandapani Parida for all purposes.

Sd/-Suryamani Parida

**AFFIDAVIT**

By virtue of an affidavit sworn before The Executive Magistrate, Kabisurya Nagar, Ganjam dtd.10.09.2026, I Rama Parida W/o-Brunda Parida, At/Po-Mathura, Ps-Polasara, Dist-Ganjam, Odisha do hereby declare that, I have changed my husband name from Brundaban Parida to Brunda Parida. Both Brundaban Parida & Brunda Parida are one & the same person. Henceforth I shall be known as Rama Parida W/o-Brunda Parida for all purposes.

Sd/-Rama Parida

## ଯୁବକଙ୍କୁ ହତ୍ୟା ଉଦ୍ୟମ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନିପ୍ର): ପୂର୍ବ ବିବାଦକୁ ନେଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ହତ୍ୟା ଉଦ୍ୟମ କରିବା ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ କେଦାରପଲ୍ଲୀର ବାସୁ ଓରଫ୍ ବସନ୍ତ ନାୟକ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଉତ୍ତମ ନାୟକଙ୍କ ଗତକାଲି ନିଜ ଘର ନିକଟରେ ଠିଆ ହୋଇଥିବା ସମୟରେ ବାସୁ ନାୟକ ଓ ତାଙ୍କ ମାଆ ସୁଲୋଚନା ଦେଈ ହଠାତ୍ ସେଠାକୁ ଆସି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏହାର ପ୍ରତିବାଦ କରିବାରୁ ବାସୁ ନାୟକ ଏକ କାଚ ବୋତଲ ଭାଙ୍ଗି ତାହାର ଭଙ୍ଗା କାଚରେ ଅଭିଯୋଗକାରୀଙ୍କୁ ଆକ୍ରମଣ କରିଥିଲେ। ଅଭିଯୋଗକାରୀ ନିଜକୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସୁଲୋଚନା ଦେଈ ତାଙ୍କୁ ଧକ୍କା ଦେବାରୁ ସେ ରାସ୍ତା ଉପରେ ପଡ଼ିଯାଇଥିଲେ। ଏହାପରେ ବାସୁ ନାୟକ ଭଙ୍ଗାକାଚ ବୋତଲରେ ଅଭିଯୋଗକାରୀଙ୍କ ପେଟକୁ ଆକ୍ରମଣ କରି ଜୀବନରେ ମାରିଦେବାକୁ ପ୍ରୟାସ କରିଥିଲେ। ତେବେ ସୌଭାଗ୍ୟବଶତଃ ଭଙ୍ଗା କାଚର ଆଘାତ ତାଙ୍କ ଛାତି ଓ ହାତରେ ଲାଗିଥିଲା। ଘଟଣା ପରେ ଅଭିଯୁକ୍ତମାନେ ସେଠାରୁ ଖସି ପଳାଇ ଯାଇଥିଲେ। ପରିବାର ଲୋକଙ୍କ ସହାୟତାରେ ଅଭିଯୋଗକାରୀ ଥାନାକୁ ଆସି ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ଅଭିଯୋଗ ଦେଇଥିଲେ । ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତ ବାସୁ ଓରଫ୍ ବସନ୍ତ ନାୟକ ତାଙ୍କ ବସ୍ତିର ଜଣେ ନାବାଳିକା ଝିଅଙ୍କୁ ବାରମ୍ବାର ଅଶ୍ଳୀଳ ମନ୍ତବ୍ୟ ଦେବା ସହ ପିଛା କରୁଥିଲେ। ଏହାକୁ ବିରୋଧ କରିବାରୁ ସେ ନାବାଳିକା ଓ ତାଙ୍କ ପରିବାରକୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଏନେଇ ନାବାଳିକାଙ୍କ ମାଆଙ୍କ ଲିଖିତ ଅଭିଯୋଗ ଆଧାରରେ କ୍ୟାପିଟାଲ ଥାନା କେସ୍ ନଂ-୭୨୧ ରୁଜୁ ହୋଇ ତଦନ୍ତ ପ୍ରକ୍ରିୟା ଚାଲୁ ରହିଥିଲା। ପୁନର୍ବାର, ତା.୧୦.୦୯.୨୦୨୬ରେ ନାବାଳିକାଙ୍କ ମାମୁଁ ତଥା ଅଭିଯୋଗକାରୀ ଉତ୍ତମ ନାୟକ ଏନେଇ ବାସୁ ନାୟକଙ୍କୁ ପଚାରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ଉତ୍ତେଜିତ ହୋଇ ବାସୁ ଏକ କାଚ ବୋତଲ ଭାଙ୍ଗି ଭଙ୍ଗା କାଚରେ ଉତ୍ତମ ନାୟକଙ୍କୁ ଆକ୍ରମଣ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଲୋକମାନେ ଘଟଣାସ୍ଥଳରେ ଏକାଠି ହେବାରୁ ଅଭିଯୁକ୍ତ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଅଭିଯୁକ୍ତଙ୍କ ମାଆ ସୁଲୋଚନା ଦେଈ ମଧ୍ୟ ଘଟଣାସ୍ଥଳରେ ଉପସ୍ଥିତ ରହି ଅଭିଯୋଗକାରୀଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ପୁଲିସ ଅଭିଯୁକ୍ତ ବାସୁ ଓରଫ୍ ବସନ୍ତ ନାୟକଙ୍କୁ ଗିରଫ କରି ପଚରାଉଚରା କରିଥିବା ବେଳେ ସେ ନିଜର ଦୋଷ ସ୍ୱୀକାର କରିଥିଲେ । ଗିରଫ ଅଭିଯୁକ୍ତ ବାସୁ ଜଣେ ପେଷାଦାର ଅପରାଧୀ ହୋଇଥିବା ବେଳେ, ତାଙ୍କ ନାମରେ ପୂର୍ବରୁ ମଧ୍ୟ ବିଭିନ୍ନ ଥାନାରେ ୬ଟି ଭିନ୍ନ ଅପରାଧିକ ମାମଲା ରହିଛି।

## ପୋଖରୀରେ ବୁଡି ଅଜଣା ବ୍ୟକ୍ତି ମୃତ

ଆସିକା(ନିପ୍ର): ଆସିକା ଥାନା ଅନ୍ତର୍ଗତ କାଳଷଣ୍ଡପୁର ପଞ୍ଚାୟତ ଅଧୀନ ଦଣ୍ଡକାଳୀ ପୋଖରୀରେ ବୁଡି ଜଣେ ଅଜଣା ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ଏନେଇ ଆସିକା ଥାନାରେ ଲିଖିତ ଅଭିଯୋଗ ପରେ ଥାନା ପକ୍ଷରୁ ଅପମୃତ୍ୟୁ ମାମଲା ରୁଜୁକରି ପୋଲିସ ଶବ ଜବତ କରିଛି । ପ୍ରକାଶ ଥାଉକି ଉକ୍ତ ଯୁବକ ଜଣକ ଜଣେ ମାନସିକ ବିକୃତ ବ୍ୟକ୍ତି ଅଟନ୍ତି । ମସ୍ତିକ ବିକୃତି ଯୋଗୁଁ ଅନ୍ୟ ରାଜ୍ୟରୁ ଆସି ଆସିକା ଅଞ୍ଚଳରେ ସାହି ଗଳିକନ୍ଦି ବୁଲୁଥିଲେ । କେତେବେଳେ କିଏ ଦେଲେ ସେ ଖାଆନ୍ତି ତ କେତେବେଳେ ଭୋକ ଉପାସରେ ରୁହନ୍ତି । ସେ ହିନ୍ଦୀ ଭାଷାରେ କଥାବାର୍ତ୍ତା କରୁଥିଲେ । ଯୁବକ ଜଣକ ହିନ୍ଦୀ ଭାଷାଭାଷୀର ବ୍ୟକ୍ତି ହୋଇଥିବା ଅନୁମାନ କରାଯାଇଛି । ଗତକାଲି ସେ ଦଣ୍ଡକାଳୀ ମନ୍ଦିର ପଛ ପାର୍ଶ୍ୱରେ ଥିବା ପୋଖରୀକୁ ଶୌଚ ହେବାକୁ ଯାଇଥିବା ସମୟରେ ହଠାତ ଗୋଡ ଖସିଯିବାରୁ ସେ ବୁଡି ଯାଇଥିଲେ । ଉପସ୍ଥିତ କିଛି ଲୋକ ଖୋଜାଖୋଜି କରିବା ପରେ ତାଙ୍କୁ ନ ପାଇବାରୁ ଆସିକା ଦମକଳ ବାହିନୀକୁ ଖବର ଦେଇଥିଲେ । ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଯୁବକ ଜଣକୁ ଉଦ୍ଧାର କରି ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଏଠାରେ କାର୍ଯ୍ୟରତ ଡାକ୍ତର ଯୁବକଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ କାଳଷଣ୍ଡପୁର ସରପଞ୍ଚ ପ୍ରତିନିଧି ଆସିକା ଥାନାରେ ଲିଖିତ ଅଭିଯୋଗ ପରେ ଆସିକା ଥାନା କେସ ନମ୍ବର ୨୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବକୁ ଜବତ କରିବା ସହ ବ୍ରହ୍ମପୁର ମେଡିକାଲକୁ ଶବ ବ୍ୟବଚ୍ଛେଦ ପାଇ ପଠାଇଛି । ଶବ ବ୍ୟବଚ୍ଛେଦ ପରେ ବ୍ରହ୍ମପୁର ମେଡିକାଲ ଶବ ଗୃହରେ ରହିବ ଯଦି ଏହି ବ୍ୟକ୍ତିଙ୍କୁ କେହି ସହୃଦୟ ବ୍ୟକ୍ତି ଜାଣିଛନ୍ତି ତେବେ ଆସିକା ଥାନା ଅଧିକାରୀଙ୍କୁ ୭୨୦୫୦୧୦୭୭୦ ଫୋନ ନମ୍ବରରେ ଯୋଗାଯୋଗ କରିବା ପାଇ ଥାନା ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି ।

## ଓଡ଼ିଶାର ପାରମ୍ପରିକ କଳାକୁ ବିଶ୍ୱ ବଜାରରେ ପହଞ୍ଚାଇବାର ପ୍ରୟାସ

# ‘ୱାନ୍ ଡିଷ୍ଟ୍ରିକ୍ଟ, ୱାନ୍ ପ୍ରଡକ୍ଟ’ ଗ୍ୟାଲେରୀ ଉଦ୍‌ଘାଟିତ



**ଭୁବନେଶ୍ୱର, ୧୧/୯(ନିପ୍ର):** ଦୁବାଇ: ଓଡିଶାର ସମୃଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ପରମ୍ପରାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ଲକ୍ଷ୍ୟରେ ଦୁବାଇରେ ‘ୱାନ୍ ଡିଷ୍ଟ୍ରିକ୍ଟ, ୱାନ୍ ପ୍ରଡକ୍ଟ’ (ଓଡିଓପି) ଗ୍ୟାଲେରୀ ଉଦ୍‌ଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଗ୍ୟାଲେରୀରେ ଓଡିଶାର ବିଭିନ୍ନ ଜିଲ୍ଲାର ସ୍ୱତନ୍ତ୍ର କଳା ଓ ହସ୍ତଶିଳ୍ପ ସ୍ଥାନ ପାଇଛି। ଏଥିରେ ସମ୍ବଲପୁରୀ ଶାଢ଼ି, କଟକର ମଣିଆବନ୍ଧା ହସ୍ତତନ୍ତ, କଟକର ରୂପା ତାରକସୀ, ରାୟଗଡ଼ାର ଡୋଙ୍ଗରିଆ ଶାଲ, କେନ୍ଦୁଝରର ଟେରାକୋଟା ମୂର୍ତ୍ତି, ବାଲେଶ୍ୱରର ବ୍ଲାକ୍ ଗ୍ରାନାଇଟ୍ ଆଧୁନିକ ମୂର୍ତ୍ତି ଏବଂ ପୁରୀର ପଟ୍ଟଚିତ୍ର ଓ ତାଳପତ୍ର ଖୋଦେଇ କଳା ପ୍ରଦର୍ଶିତ ହୋଇଛି। ଏହି ପ୍ରଦର୍ଶନୀ ଓଡିଶାର କାରିଗରଙ୍କ ପାରମ୍ପରିକ ଦକ୍ଷତା, ସୃଜନଶୀଳତା ଓ ସାଂସ୍କୃତିକ ପରିଚୟକୁ ବିଶ୍ୱ ବଜାର ସହ ଯୋଡ଼ିବାର ଏକ ପ୍ରମୁଖ ପଦକ୍ଷେପ। ଏହା ମାଧ୍ୟମରେ ମହିଳା ଉଦ୍ୟୋଗୀଙ୍କୁ ନୂଆ ବଜାର, ଅଧିକ ରୋଜଗାର ଓ ଉଦ୍ୟମିତାର ସୁଯୋଗ ମିଳିବା ସହ ଓଡିଶାର ପାରମ୍ପରିକ ଉତ୍ପାଦର ରପ୍ତାନି ସମ୍ଭାବନା ବଢ଼ିବ। ସ୍ଥାନୀୟ କାରିଗରଙ୍କ କଳାକୁ ବିଶ୍ୱ ବଜାରରେ ପହଞ୍ଚାଇ ‘ଲୋକାଲ ଟୁ ଗ୍ଲୋବାଲ’ ଯାତ୍ରାକୁ ଆହୁରି ସୁଦୃଢ଼ କରିବାରେ ଓଡିଓପି ଗ୍ୟାଲେରୀ ଏକ ନୂଆ ଦିଗ ଦେଖାଇଛି।

# ବ୍ରିକ୍ସ ଗିଫ୍ଟ ବ୍ୟାଗ୍‌ରେ ଓଡ଼ିଶାର କଫି ଓ ବିହାରର ଛତୁଆ




ନୂଆଦିଲ୍ଲୀ, ୧୧/୯: ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀରେ ଓଡ଼ିଶାର ଛାପ। ବ୍ରିକ୍ସରେ ଯୋଗ ଦେଇଥିବା ସ୍ଥାନୀୟ ଓ ବିଦେଶ ସାମ୍ବାଦିକଙ୍କ ସମେତ ଅନ୍ୟ ଅତିଥିମାନଙ୍କୁ ମିଳିବ ଓଡ଼ିଶାର କଫି। ଭାରତ ସରକାରର ଦେଶର ସାଂସ୍କୃତିକ ଓ ଲୋକାଲ ପ୍ରଡକ୍ଟର ପ୍ରଚାର ବ୍ରିକ୍ସରେ କରୁଥିବା ବେଳେ ଏଥିରେ ଓଡ଼ିଶାର କଫିକୁ ସ୍ଥାନ ଦିଆଯାଇଛି। ବ୍ରିକ୍ସର ଅତିଥି ଓ ସାମ୍ବାଦିକମାନଙ୍କ ପାଇଁ ସ୍ୱତନ୍ତ୍ର ଗୁଡି ବ୍ୟାଗ ବା ଉପହାର ବ୍ୟାଗ ପ୍ରସ୍ତୁତ କରାଯାଇଛି। ଭାରତ ମଣ୍ଡପମରେ ଆସନ୍ତାକାଲି ଓ ୧୩ ତାରିଖ ଦୁଇ ଦିନ ଧରି ବ୍ରିକ୍ସ ରାଷ୍ଟ୍ରମୁଖ୍ୟମାନେ ଯୋଗ ଦେବେ। ଏହି ସମୟରେ ଆୟୋଜକ ଭାରତ ସମସ୍ତ ଅତିଥିଙ୍କୁ ଉପହାରରେ ଏହି ବ୍ୟାଗ ଦେବ। ସାମ୍ବାଦିକ ଓ ପ୍ରତିନିଧିମାନଙ୍କୁ ମିଳିବାକୁ ଥିବା ବ୍ୟାଗରେ ମୋଟ ୯ଟି ଜିନିଷ ରହିଛି। ଦେଶର ବିଭିନ୍ନ ରାଜ୍ୟରେ ସ୍ୱତନ୍ତ୍ର ଖ୍ୟାତି ଅର୍ଜନ କରିଥିବା ସାମଗ୍ରୀକୁ ବ୍ୟାଗରେ ରଖାଯାଇଛି। ବ୍ୟାଗରେ ବିହାରର ଛତୁଆ ରହିଛି। ବିହାରର ଛତୁ ପୂରା ଦେଶରେ ପ୍ରସିଦ୍ଧ। ଚଣା ଓ ଅନ୍ୟାନ୍ୟ ଡାଲି ଜାତୀୟ ଦ୍ରବ୍ୟରୁ ପ୍ରସ୍ତୁତ ଛତୁଆରେ ରହିଛି ପ୍ରୋଟିନର ସମ୍ଭାର। ପଶ୍ଚିମର ସୁପର ଫୁଡ ଭାବେ ଛତୁଆ ବେଶ ଜଣାଶୁଣା। ଉପହାର ବ୍ୟାଗରେ ଓଡ଼ିଶାର କଫିକୁ ମଧ ରଖାଯାଇଛି। ରାଜ୍ୟର ଆଦିବାସୀଙ୍କ ପାହାଡ଼ରେ ଉପଲବ୍ଧ ହେଉଥିବା ୧୦୦% ଆରବିକ ସ୍ପେଶାଲ କଫି ବ୍ରିକ୍ସ ଅତିଥିମାନଙ୍କୁ ଉପହାର ଆକାରରେ ଦିଆଯିବ। ଏହାର ବାସ୍ନା ଅତି ଚମତ୍କାର ଓ ଅନ୍ତର୍ଜାତୀୟ ସମ୍ମିଳନୀରେ ଭାରତ ତା’ର ସ୍ଥାନୀୟ ଦ୍ରବ୍ୟକୁ ପ୍ରଚାର କରିବାକୁ ଚାହୁଁଥିବା ଏଥିରୁ ସ୍ପଷ୍ଟ ହେଉଛି। ବ୍ୟାଗରେ ଆଉ ଗୋଟିଏ ଲୋକପ୍ରିୟ ଖାଦ୍ୟ ବିହାରର ମଖାନା ରହିଛି। କଦଳୀ ଚିପ୍ସ ପରେ ଏହା ଭାରତରେ ଏବେ ବେଶ ପରିଚିତ। ବ୍ରିକ୍ସ ଉପହାର ବ୍ୟାଗରେ ମଖାନା ସାମିଲ ହେବା ଅର୍ଥ ବିଦେଶୀ ସାମ୍ବାଦିକମାନେ ଭାରତର ଲୋକପ୍ରିୟ ଜଳଖିଆର ମଜା ଉଠାଇ ପାରିବେ। ଏସବୁ ଖାଦ୍ୟ ସାମଗ୍ରୀ ବ୍ୟତୀତ ବ୍ୟାଗରେ ଗୁଜରାଟର ବ୍ଲକ ଫ୍ରିଣ୍ଟେଡ ଷ୍ଟଲ, ଗୋଟିଏ କଫି ମଗ ଓ ଗୋଟିଏ ଟୋଟ ବ୍ୟାଗ ମଧ ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ଉପହାର ବ୍ୟାଗରେ ଇନ ବିଲ୍ଟ ଚାର୍ଜିଂ ପୋର୍ଟ ରହିଛି। ବ୍ୟାଗ ସହ ଏହାକୁ ଏମିତି ଯୋଡ଼ା ଯାଇଛି ଯେ ସାମ୍ବାଦିକମାନେ ଏହି ବ୍ୟାଗକୁ ନେଇ ଯାତ୍ରା କରିବା ବେଳେ ନିଜ ଉପକରଣକୁ ଚାର୍ଜ କରିପାରିବେ। ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀରେ ରିପୋର୍ଟିଂ କରିବାକୁ ଦେଶ ବିଦେଶରୁ ପ୍ରାୟ ୧୨୦୦ରୁ ୧୩୦୦ ସାମ୍ବାଦିକ ଆସିଛନ୍ତି। ଏମାନଙ୍କ ବ୍ୟତୀତ ଅନେକ ପ୍ରତିନିଧିଙ୍କୁ ମଧ ଶିଖର ସମ୍ମିଳନୀକୁ ନିମନ୍ତ୍ରଣ କରିଛନ୍ତି ଭାରତ ସରକାର। ଭାରତ ମଣ୍ଡପମରେ ଭାରତ ସରକାର ସ୍ୱତନ୍ତ୍ର ଅନ୍ତର୍ଜାତୀୟ ମିଡିଆ ସେଣ୍ଟର ତିଆରି କରିଛନ୍ତି। ଏହି କେନ୍ଦ୍ର ଜରିଆରେ ସାମ୍ବାଦିକମାନେ ସମ୍ମିଳନୀରେ ରିପୋର୍ଟ କରିପାରିବେ, ସୂଚନା ସହ ଅନ୍ୟାନ୍ୟ ସହାୟତା ପାଇବେ। ଏହି ସ୍ଥାନରେ ହିଁ ସେମାନଙ୍କୁ ଉପହାରର ଆକାରରେ ବ୍ୟାଗ ଦିଆଯିବ।

## ବିଶ୍ୱନିୟନ୍ତାଙ୍କ ରଥସେବା ସମ୍ମାନ

ପୁରୀ, ୧୧/୯(ନିପ୍ର): ଶ୍ରୀକ୍ଷେତ୍ର ସୂଚନା ପକ୍ଷରୁ ପୁରୀ ଟାଉନ୍ ହଲ୍ ସମ୍ମିଳନୀ କକ୍ଷରେ ଷଷ୍ଠତମ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଛି। ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ ଯେ ଆଗାମୀ ବର୍ଷ ସରକାରଙ୍କ ସହଯୋଗରେ ଏପରି ସମ୍ମାନ ପ୍ରଦାନ କରାଯିବା ସହିତ ସେବାୟତ ଓ ବିଶ୍ୱକର୍ମାଙ୍କ କଲ୍ୟାଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ପ୍ରଫେସର ହରେକୃଷ୍ଣ ଶତପଥୀଙ୍କ ଅଧ୍ୟକ୍ଷତା ଓ ସଂପାଦକ ରାଜେଶ କୁମାର ମହାନ୍ତିଙ୍କ ପରିଚାଳନା ଓ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସାଂସଦ ଡକ୍ଟର ସମ୍ବିତ ପାତ୍ର, ସାଂସଦ ଶୁଭାଶିଷ ଖୁଣ୍ଟିଆ ଓ ପ୍ରାକ୍ତନ ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ ଯୋଗ ଦେଇଥିଲେ।

## ମିଥ୍ୟା ପ୍ରଚାର କରୁଛନ୍ତି ବିରୋଧୀ ଦଳ: ଅମର ପଟ୍ଟନାୟକ




ଭୁବନେଶ୍ୱର, ୧୧/୯(ନିପ୍ର): ପୂର୍ବ ସରକାର ମାଇନିଙ୍ଗ ସେକ୍ଟରର ଉନ୍ନତି ପାଇଁ କିଛି କରିନଥିଲେ । ଡିଏମଏଫ୍ ପାଂଠିରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତିର ପର୍ଦ୍ଦାଫାଶ ହୋଇଛି । ବିଜେଡି ସରକାର ଅମଳରେ ବ୍ୟାପକ ହରିଲୁଟ ହୋଇଥିଲା । ଅତୀତରେ ଜିଏସଟି ଭଳି ଆର୍ଥିକ ସଂସ୍କାରକୁ ବିରୋଧ କରୁଥିବା ବିଜେଡି, କଂଗ୍ରେସ ଏବଂ ସମଭାବପନ୍ନ ବିରୋଧୀ ଦଳଗୁଡିକର ଆଭିମୁଖ୍ୟ ସମାନ ଭାବେ ଏମ୍‌ଏମ୍‌ଡିଆର୍ ଆଇନ ସଂସ୍କାର କ୍ଷେତ୍ରରେ ପରିପ୍ରକାଶ କରୁଛନ୍ତି ବୋଲି ବରିଷ୍ଠ ନେତା ତଥା ରାଜ୍ୟସଭାର ପୂର୍ବତନ ସାଂସଦ ଅମର ପଟ୍ଟନାୟକ କହିଛନ୍ତି ।

## ରିଲ୍ସ କରିବା ଭାରି ପଡ଼ିଲା : ୫ ଯୁବକ ଗିରଫ

ଝାରସୁଗୁଡ଼ା, ୧୧।୯(ନିପ୍ର): ସୋସିଆଲ ମିଡିଆରେ ମାରାତ୍ମକ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ କରି ଭୟ ଓ ଆତଙ୍କ ସୃଷ୍ଟି କରିବା ଅଭିଯୋଗରେ ଝାରସୁଗୁଡ଼ା ପୋଲିସ ‘ଅପରେସନ୍ ନେତ୍ର’ ଅଧୀନରେ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛି। ଇନ୍‌ଷ୍ଟାଗ୍ରାମ୍ ରିଲ୍ସରେ ଖଣ୍ଡା ଓ ଛୁରୀ ଦେଖାଇ ଗୁଣ୍ଡାଗିରି ପ୍ରଦର୍ଶନ କରିବା ସହ ସାଧାରଣ ଲୋକଙ୍କ ମନରେ ଭୟ ସୃଷ୍ଟି କରୁଥିବା ଅଭିଯୋଗରେ ୫ ଜଣ ଯୁବକଙ୍କୁ ପୋଲିସ ଗିରଫ କରିଥିବା ବେଳେ ୩ ଜଣ ନାବାଳକଙ୍କୁ ଅଟକ ରଖିଛି। ଗୁପ୍ତ ସୂଚନା ଆଧାରରେ ଝାରସୁଗୁଡ଼ା ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ରିଲ୍ସରେ ଅସ୍ତ୍ର ପ୍ରଦର୍ଶନ କରୁଥିବା ଯୁବକମାନଙ୍କୁ ଚିହ୍ନଟ କରିଥିଲା।

# କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ ସମ୍ଭାବନାର ବିସ୍ତାର ପାଇଁ ଓଡ଼ିଶାର ନିବେଶ-ଅନୁକୂଳ ରୋଡମ୍ୟାପ୍




**ଭୁବନେଶ୍ୱର, ୧୧/୯(ନିପ୍ର):** ରାଜ୍ୟର ସ୍ୱଚ୍ଛ ଶକ୍ତି ଭିତ୍ତିଭୂମିର ସମ୍ପ୍ରସାରଣ ଦିଗରେ ଓଡ଼ିଶା ଆଜି ଏକ ନିର୍ଣ୍ଣାୟକ ପଦକ୍ଷେପ ଗ୍ରହଣ କରିଛି। ଶକ୍ତି ବିଭାଗ, ଓଡ଼ିଶା ସରକାର ଏବଂ ଗ୍ରୀଡକୋ ଲିମିଟେଡ୍, ‘ଆଇଫରେଷ୍ଟ’ର ସହଯୋଗରେ ମେଫେୟାର କନ୍‌ଭେନ୍‌ସନ୍ ହଲ୍‌ଠାରେ ଏକ ଉଚ୍ଚସ୍ତରୀୟ ଅଂଶୀଦାର ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। କେନ୍ଦ୍ର ନୂତନ ଏବଂ ନବୀକରଣଯୋଗ୍ୟ ଉର୍ଜା ମନ୍ତ୍ରଣାଳୟର କ୍ଷୁଦ୍ର ଜଳବିଦ୍ୟୁତ୍ ବିକାଶ ଯୋଜନା (୨୦୨୬-୨୭ ରୁ ୨୦୩୦-୩୧)ର ଦ୍ରୁତ ନୀତି ନିର୍ଦ୍ଧାରକ, ପ୍ରକଳ୍ପ ବିକାଶକାରୀ, ଆର୍ଥିକ ସଂସ୍ଥା ଏବଂ କ୍ଷେତ୍ରୀୟ ବିଶେଷଜ୍ଞମାନେ ଏହି କାର୍ଯ୍ୟକ୍ରମରେ ଏକତ୍ରିତ ହୋଇଥିଲେ। ଭାରତରେ ଆକଳନ କରାଯାଇଥିବା ୨୧,୧୩୩ ମେଗାୱାଟ୍ କ୍ଷୁଦ୍ର ଜଳବିଦ୍ୟୁତ୍ ସମ୍ଭାବନା ମଧ୍ୟରୁ ମାତ୍ର ୫,୧୭୧ ମେଗାୱାଟ୍ ବିନିଯୋଗ ହୋଇପାରିଛି। ଓଡ଼ିଶା ପାଇଁ ଏହି ନୀତିଗତ ଦିଗଦର୍ଶନକୁ ଏକ ବାସ୍ତବିକ ଏବଂ ନିବେଶ-ଅନୁକୂଳ କାର୍ଯ୍ୟପନ୍ଥାରେ ପରିଣତ କରିବା ଏହି ଆଲୋଚନାର ମୁଖ୍ୟ ଲକ୍ଷ୍ୟ ଥିଲା। ନୂତନ ଭାବେ ଆରମ୍ଭ ହୋଇଥିବା ୨,୫୮୪.୬୦ କୋଟି ଟଙ୍କାର ଏହି ଜାତୀୟ ଯୋଜନା ମାଧ୍ୟମରେ ପ୍ରାୟ ୨୦୦ଟି ପ୍ରକଳ୍ପ ଜରିଆରେ ୧,୫୦୦ ମେଗାୱାଟ୍‌ର ନୂତନ କ୍ଷୁଦ୍ର ଜଳବିଦ୍ୟୁତ୍ କ୍ଷମତା ସୃଷ୍ଟି କରିବାର ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତି ନିମନ୍ତେ ୩୦ କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ବ୍ୟବସ୍ଥା ରହିଛି। ଭାରତର ମୋଟ ଭୂପୃଷ୍ଠ ଜଳସମ୍ପଦର ପ୍ରାୟ ୧୧ ପ୍ରତିଶତ ଓଡ଼ିଶାରେ ଥିବାବେଳେ, ରାଜ୍ୟ ଏହି କେନ୍ଦ୍ରୀୟ ସହାୟତାର ଉପଯୋଗ କରି ନିଜର ତାପଜ ବିଦ୍ୟୁତ-ନିର୍ଭରଶୀଳତାକୁ ହ୍ରାସ କରିବା ସହ ଶକ୍ତି କ୍ଷେତ୍ରରେ ବିବିଧତା ଆଣିବାକୁ ଲକ୍ଷ୍ୟ ରଖିଛି। ଏହି ସ୍ୱଚ୍ଛ ଶକ୍ତିର ଗ୍ରୀଡ୍ ସଂଯୋଗୀକରଣ ପାଇଁ ରାଜ୍ୟ ସରକାର କିଛି ଦିନ ପୂର୍ବରୁ ହିଁ ରାଜ୍ୟରେ ଭିତ୍ତିଭୂମିର ବିକାଶ ନିମନ୍ତେ ପ୍ରାୟ ୧୬,୦୦୦ କୋଟି ଟଙ୍କାର କ୍ୟାବିନେଟ ଅନୁମୋଦନ ପ୍ରାପ୍ତ କରିଛନ୍ତି ।

# ଅପରାଧ ଏବଂ ଅପରାଧୀଙ୍କ ପ୍ରତି ସଜାଗ ରହିବାକୁ ଡିଜିପିଙ୍କ ପରାମର୍ଶ

**ଭୁବନେଶ୍ୱର,୧୧।୦୯(ନିପ୍ର):** କମିସନରେଟ ପୋଲିସର ସମ୍ମିଳନୀ କକ୍ଷରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱର-କଟକ କମିଶନରେଟ୍ ପୋଲିସର ଆଇନ-ଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଓ ପୋଲିସ ବ୍ୟବସ୍ଥା ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ କମିସନରେଟ ପୋଲିସ ଅଞ୍ଚଳରେ ବିଗତ ଦିନର ଆଇନ-ଶୃଙ୍ଖଳା ପରିସ୍ଥିତି, ବିଧାନସଭା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ, ଅପରାଧ ନିୟନ୍ତ୍ରଣ, ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ, ଏନ୍‌ଡିପିଏସ୍ ଆଇନର କାର୍ଯ୍ୟକାରିତା, ‘ନିଶାମୁକ୍ତ ଓଡିଶା ଅଭିଯାନ’, ଟ୍ରାଫିକ ସୁପରିଚାଳନା, ନୂଆ ଅପରାଧିକ ଆଇନର କାର୍ଯ୍ୟକାରିତା, ପୋଲିସ ଭିତ୍ତିଭୂମି ତଥା ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ପର୍କରେ ଡିଜିପି ପୁଙ୍ଖାନୁପୁଙ୍ଖ ସମୀକ୍ଷା କରିଥିଲେ। ଆଗାମୀ ଦିନରେ ବିଧାନସଭା ଅଧିବେଶନ ଅନୁଷ୍ଠିତ ହେବାକୁ ଥିବାରୁ ବିଭିନ୍ନ ସଂଗଠନ ପକ୍ଷରୁ ସମ୍ଭାବ୍ୟ ଆନ୍ଦୋଳନ, ଧାରଣା, ଘେରାଉ ଭଳି କାର୍ଯ୍ୟକ୍ରମ ଉପରେ ସ୍ୱତନ୍ତ୍ର ନଜର ରଖିବା ସହ ଏଥି ନିମନ୍ତେ ଆଗୁଆ ପ୍ରସ୍ତୁତି ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ଆଗାମୀ ତିନି ମାସ ସମୟ ପାର୍ବଣର ଋତୁ ହୋଇଥିବାରୁ ଅପରାଧ ଏବଂ ଅପରାଧୀଙ୍କ ପ୍ରତି ସଜାଗ ରହିବାକୁ ଡିଜିପି ଶ୍ରୀ ମିଶ୍ର ପରାମର୍ଶ ଦେଇଥିଲେ। ପର୍ବପର୍ବାଣୀକୁ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷିତ ପରିବେଶରେ ସମ୍ପନ୍ନ କରିବା ପାଇଁ ଏବେଠାରୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ। ସମ୍ବେଦନଶୀଳ ସ୍ଥାନରେ ପର୍ଯ୍ୟାପ୍ତ ପୋଲିସ ମୁତୟନ, ଭିଡ଼ ନିୟନ୍ତ୍ରଣ, ଟ୍ରାଫିକ ପରିଚାଳନା, ଶାନ୍ତି କମିଟି ବୈଠକ ଏବଂ ସ୍ଥାନୀୟ ଜନପ୍ରତିନିଧି, ବିଭିନ୍ନ ସଂଗଠନ ଓ ସମ୍ପ୍ରଦାୟର ପ୍ରମୁଖ ବ୍ୟକ୍ତିବିଶେଷଙ୍କ ସହ ନିରନ୍ତର ସମନ୍ୱୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଶେଷକରି କଟକର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ପାର୍ବଣ ସମୟରେ ନିରନ୍ତର ନଜର ରଖି ଆଗୁଆ ପ୍ରତିଷେଧମୂଳକ ପଦକ୍ଷେପ ନେବା ସହ ଆବଶ୍ୟକତା ଅନୁଯାୟୀ ଫୋର୍ସ ମୁତୟନ ପାଇଁ ପ୍ରସ୍ତୁତ ରହିବାକୁ କୁହାଯାଇଥିଲା।

# ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଯୋଗୁଁ ଟ୍ରେନ ବାତିଲ୍



ଭୁବନେଶ୍ୱର, ୧୧/୯(ପିଆଇବି): ଖଡ଼ଗପୁର ଡିଭିଜନରେ ଚାଲିଥିବା ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ଦୃଷ୍ଟିରେ ରଖି, କାର୍ଯ୍ୟଗୁଡ଼ିକର ନିରାପଦ ଏବଂ ସୁଗମ ପରିଚାଳନା ପାଇଁ କେତେକ ଟ୍ରେନର ଚଳାଚଳକୁ ନିର୍ଦ୍ଦିଷ୍ଟ ତାରିଖରେ ବାତିଲ୍ କରାଯାଇଛି। ସେହି ଅନୁଯାୟୀ, ଟ୍ରେନ ନମ୍ବର ୧୨୮୩୭ ହାୱଡ଼ା-ପୁରୀ, ଟ୍ରେନ ନମ୍ବର ୧୨୮୩୮ ପୁରୀ-ହାୱଡ଼ା, ଟ୍ରେନ ନମ୍ବର ୧୮୦୦୫ ହାୱଡ଼ା-ଜଗଦଲପୁର, ଟ୍ରେନ ନମ୍ବର ୧୮୦୦୬ ଜଗଦଲପୁର-ହାୱଡ଼ା ଏବଂ ଟ୍ରେନ ନମ୍ବର ୨୨୮୯୦ ପୁରୀ-ଦୀଘା ୧୯ ସେପ୍ଟେମ୍ବର ୨୦୨୬ ଦିନ ଯାତ୍ରା ଆରମ୍ଭ କରିବାକୁ ଥିବା ଟ୍ରେନଗୁଡ଼ିକ ବାତିଲ୍ ରହିବ । ଏହା ବ୍ୟତୀତ, ଟ୍ରେନ ନମ୍ବର ୨୨୮୮୯ ଦୀଘା-ପୁରୀ ୨୦ ସେପ୍ଟେମ୍ବର ୨୦୨୬ ଦିନ ଯାତ୍ରା ଆରମ୍ଭ କରିବାକୁ ଥିବା ଗାଡ଼ି ମଧ ବାତିଲ୍ ରହିବ । ଯାତ୍ରା ଆରମ୍ଭ କରିବା ପୂର୍ବରୁ ଟ୍ରେନ୍‌ର ଅଧିକ ସୂଚନା ପାଇଁ ଯାତ୍ରୀମାନେ ନ୍ୟାସନାଲ୍ ଟ୍ରେନ୍ ଇନ୍‌କ୍ୱାୟାରି ସିଷ୍ଟମ୍ କିମ୍ବା ଭାରତୀୟ ରେଳବାଇର ଅଧିକୃତ ୱେବସାଇଟ୍ ଯାଞ୍ଚ କରିବାକୁ ପରାମର୍ଶ ।

# ବୃଦ୍ଧାଶ୍ରମ ଓ ବରିଷ୍ଠ ନାଗରିକ ଗୃହ ତାଲିକାଭୁକ୍ତ କରାଯିବ

ପୁରୀ, ୧୦/୯(ନିପ୍ର): ପୁରୀ ଜିଲ୍ଲାରେ ବେସରକାରୀ ଭାବେ ପରିଚାଳିତ ହେଉଥିବା ବରିଷ୍ଠ ନାଗରିକ ଗୃହ କିମ୍ବା ବୃଦ୍ଧାଶ୍ରମ ଗୁଡିକୁ ତାଲିକାଭୁକ୍ତ କରିବାକୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଜିଲ୍ଲାରେ ପରିଚାଳିତ ସମସ୍ତ ବରିଷ୍ଠ ନାଗରିକ ଗୃହ/ବୃଦ୍ଧାଶ୍ରମ ସମ୍ପର୍କରେ ଏକ ସମ୍ପୂର୍ଣ୍ଣ ତଥ୍ୟ ଭଣ୍ଡାର ବା ଡାଟାବେଶ ପ୍ରସ୍ତୁତ କରାଯିବାକୁ ସେ ପରାମର୍ଶ ଦେଇଛନ୍ତି। ଏହି ବିବରଣୀ ବା ତଥ୍ୟ ମଧ୍ୟରେ ସଂସ୍ଥାର ନାମ ଓ ସମ୍ପୂର୍ଣ୍ଣ ଠିକଣା, ମାଲିକ/ମୁଖ୍ୟ/ସମ୍ପାଦକଙ୍କ ନାମ ଓ ଯୋଗାଯୋଗ ବିବରଣୀ, ପଞ୍ଜୀକରଣ ସମ୍ପର୍କରେ ବିବରଣୀ, ସଂସ୍ଥା ପ୍ରତିଷ୍ଠା ତାରିଖ, ବର୍ତ୍ତମାନ ରହୁଥିବା ବା ସେବା ଗ୍ରହଣ କରୁଥିବା ବରିଷ୍ଠ ନାଗରିକଙ୍କ ସଂଖ୍ୟା, ପ୍ରଦାନ କରାଯାଉଥିବା ସୁବିଧା ଓ ସେବା ଏବଂ ଅନ୍ୟାନ୍ୟ ବିବରଣୀ, ଦଲିଲ ପତ୍ର ଅନ୍ତର୍ଭୁକ୍ତ ହେବ। ଆବଶ୍ୟକୀୟ ତଥ୍ୟ ସହ ଆନୁଷଙ୍ଗିକ ଦଲିଲପତ୍ର ଏହି ସମ୍ବାଦ ପ୍ରକାଶିତ ହେବାର ୧୫ ଦିନ ମଧ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ନିକଟରେ ଦାଖଲ ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ପରବର୍ତ୍ତୀ ସମୟରେ ଆବଶ୍ୟକୀୟ ତଥ୍ୟ ପ୍ରଦାନ କରି ନ ଥିବା ସଂସ୍ଥା ଚିହ୍ନଟ ହେଲେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଦେଇଛନ୍ତି। ଏ ସମ୍ବନ୍ଧରେ ଅଧିକ ବିବରଣୀ ଓ ସ୍ପଷ୍ଟୀକରଣ ପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଯୋଗାଯୋଗ ପାଇଁ ପରାମର୍ଶ ଦିଆଯାଇଛି।

# ବେଦାନ୍ତ ଆଲୁମିନିୟମ ଦ୍ୱାରା ଯୁବପିଢ଼ିଙ୍କୁ ବିଶ୍ୱସ୍ତରୀୟ ପ୍ରଯୁକ୍ତି କମ୍ପାନୀରେ ନିଯୁକ୍ତି



**ଝାରସୁଗୁଡ଼ା, ୧୧/୯(ନିପ୍ର):** ବେଦାନ୍ତ ଆଲୁମିନିୟମର କୌଶଳ ବିକାଶ ପଦକ୍ଷେପ ‘ବେଦକ୍ଷତା’ ଅଧୀନରେ ପ୍ରଶିକ୍ଷଣ ନେଇଥିବା ଝାରସୁଗୁଡ଼ାର ୩୦ ଜଣ ଯୁବକଯୁବତୀଙ୍କୁ ଦେଶର ପ୍ରମୁଖ ବୈଦ୍ୟୁତିକ ଉପକରଣ ନିର୍ମାତା କମ୍ପାନିରେ ନିଯୁକ୍ତି ସୁଯୋଗ ମିଳିଛି। ମୋବାଇଲ୍ ହାର୍ଡୱେର ମରାମତି ପ୍ରଯୁକ୍ତିବିଦ୍ ଭାବେ ପ୍ରଶିକ୍ଷିତ ଏହି ଯୁବପିଢ଼ି ଟାଟା ଇଲେକ୍ଟ୍ରୋନିକ୍ସ, ଫକ୍ସକନ୍ ଏବଂ ଡିକ୍ସନ୍ ଟେକ୍ନୋଲୋଜିଜ୍‌ର ଭାରତୀୟ ୟୁନିଟରେ ନିଯୁକ୍ତି ପାଇଛନ୍ତି। ୨୦୨୫ରେ ଆରମ୍ଭ ହୋଇଥିବା ‘ବେଦକ୍ଷତା’ ପ୍ରକଳ୍ପ ଝାରସୁଗୁଡ଼ାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଓ ନିଯୁକ୍ତି ସୁଯୋଗ ସୃଷ୍ଟି କ୍ଷେତ୍ରରେ କ୍ରମାଗତ ଭାବେ ପ୍ରଭାବ ବଢ଼ାଇ ଚାଲିଛି। ଚଳିତ ବର୍ଷ ଆରମ୍ଭରେ ବେଦାନ୍ତ ଆଲୁମିନିୟମ୍ ପକ୍ଷରୁ ମୋବାଇଲ୍ ମରାମତି ଓ ଖାଦ୍ୟ ଏବଂ ପାନୀୟ ସେବା କ୍ଷେତ୍ରରେ ୬୦ ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହାପରେ ଆଉ ୩୦ ଜଣ ଖାଦ୍ୟ ଓ ପାନୀୟ ସେବା ପ୍ରଶିକ୍ଷଣ ସଫଳତାର ସହ ଶେଷ କରିଥିଲେ। ଏ ପର୍ଯ୍ୟନ୍ତ ଏହି ପଦକ୍ଷେପ ମାଧ୍ୟମରେ ୧୨୦ରୁ ଅଧିକ ଯୁବକଯୁବତୀ ପ୍ରଶିକ୍ଷିତ ହୋଇସାରିଛନ୍ତି। ସଦ୍ୟ ପ୍ରଶିକ୍ଷିତ ଦଳର ମହିଳା ପ୍ରଶିକ୍ଷାର୍ଥୀମାନେ ବେଙ୍ଗାଲୁରୁସ୍ଥିତ ଟାଟା ଇଲେକ୍ଟ୍ରୋନିକ୍ସ ଓ ଫକ୍ସକନ୍‌ରେ ନିଯୁକ୍ତି ସୁଯୋଗ ପାଇଥିବା ବେଳେ ପୁରୁଷ ପ୍ରଶିକ୍ଷାର୍ଥୀମାନେ ଚେନ୍ନାଇସ୍ଥିତ ଡିକ୍ସନ୍ ଟେକ୍ନୋଲୋଜିଜ୍‌ରେ ନିଯୁକ୍ତି ପାଇଛନ୍ତି।

# ରାଜ୍ୟସଭା କ୍ରସ୍ ଭୋଟିଂ: ହାଇକୋର୍ଟ ଗଲା ବିଜେଡି

**ଭୁବନେଶ୍ୱର, ୧୧।୮(ନିପ୍ର):** ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂ ମାମଲାରେ ହାଇକୋର୍ଟ ଯାଇଛି ବିଜେଡି। ବାଚସ୍ପତିଙ୍କୁ ପକ୍ଷଭୁକ୍ତ କରି ବିଜେଡି ରିଟ ପିଟିସନ (ସିଭିଲ) ଦାଖଲ କରିଛି । ରାଜ୍ୟସଭା ନିର୍ବାଚନରେ ୮ ସଦସ୍ୟ ଦଳର ନିଷ୍ପତି ବିରୋଧରେ ଭୋଟ ଦେଇଥିଲେ। ସେମାନଙ୍କ ସଦସ୍ୟତା ରଦ୍ଦ ପାଇଁ ପୂର୍ବରୁ ବାଚସ୍ପତିଙ୍କ ନିକଟରେ ଦଳ ପିଟିସନ ଦାଖଲ କରିଥିଲା । ହେଲେ ଟେକ୍ନିକାଲ ଗ୍ରାଉଣ୍ଡରେ ବାଚସ୍ପତି ପିଟିସନକୁ ଖାରଜ କରିଥିଲେ । ବାଚସ୍ପତିଙ୍କ ନିଷ୍ପତିକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ବିଜେଡି ପିଟିସନ ଦାଖଲ କରିଛି । ଏନେଇ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ବାଚସ୍ପତି ଏକତରଫା ଭାବରେ ନିଷ୍ପତି ନେଲେ, ଆମକୁ ଆମର ମତ ରଖିବାକୁ ସୁଯୋଗ ଦେଲେନି। ସେ ନିଷ୍ପତି ବିରୁଦ୍ଧରେ ଆମେ ହାଇକୋର୍ଟ ଯାଇଛୁ । ହାଇକୋର୍ଟ ଯାହା ବିଚାର କରିବେ ।

# ବିଜେଡି ହାଇକୋର୍ଟ ଯିବା ତାଙ୍କ ଦଳର ଆଭ୍ୟନ୍ତରୀଣ ବ୍ୟାପାର: ପୃଥ୍ୱୀରାଜ ହରିଚନ୍ଦନ

ଭୁବନେଶ୍ୱର, ୧୧।୮(ନିପ୍ର): ରାଜ୍ୟସଭା ନିର୍ବାଚନରେ କ୍ରସ୍ ଭୋଟିଂକୁ ନେଇ ବିଜେଡି ହାଇକୋର୍ଟ ଯିବା ଘଟଣାରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଏହା ବିଜେଡିର ଆଭ୍ୟନ୍ତରୀଣ ବ୍ୟାପାର। ବିଜେଡି କଂଗ୍ରେସ ସହ ଗଠବନ୍ଧନ କରିବାରୁ ଦଳ ଭିତରେ ଅସନ୍ତୋଷ ବଢ଼ିଲା।‘କିଛି ଲୋକ ଚୁପ୍ ହୋଇଗଲେ, ଆଉ କିଛି ଅସନ୍ତୋଷ ପ୍ରକାଶ କଲେ। ନେତୃତ୍ୱ ଭୁଲକୁ ପ୍ରତିବାଦ କଲେ ଯଦି ଶୁଣା ନ ଯାଏ ସେ ଦଳ ଏକଛତ୍ରବାଦୀ। ସେମାନେ ଯଦି କୋର୍ଟକୁ ଯାଇଛନ୍ତି, ଆମର କିଛି କହିବାର ନାହିଁ।



ଭୁବନେଶ୍ୱର: ୟୁନିଟ୍-୧ରେ ଜବରଦଖଲ ଉଚ୍ଛେଦ (ଫଟୋ-ଦିନଲିପି)

## ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଜାତୀୟ ସ୍ୱଚ୍ଛ ବାୟୁ ପୁରସ୍କାର ପ୍ରଦର୍ଶିତ

ଭୁବନେଶ୍ୱର, ୧୧/୯(ନିପ୍ର): ଜାତୀୟ ୱାର୍ଡସ୍ତରୀୟ ସ୍ୱଚ୍ଛ-ବାୟୁ ମୂଲ୍ୟାଙ୍କନରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଭୁବନେଶ୍ୱର ମହାନଗର ନିଗମର ଏକ ପ୍ରତିନିଧି ଦଳ ଶୁକ୍ରବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କୁ ସାକ୍ଷାତ କରି ମିଳିଥିବା ଟ୍ରଫି ଓ ପ୍ରମାଣପତ୍ର ଓ ଚେକ ପ୍ରଦର୍ଶିତ କରି ଅବଗତ କରାଇଥିଲେ । ବିଏମ୍ ସି ମେୟର ସୁଲୋଚନା ଦାସଙ୍କ ନେତୃତ୍ୱରେ ବିଏମସିର ପ୍ରତିନିଧି ଦଳ ମନ୍ତ୍ରୀଙ୍କ ସରକାରୀ ବାସଭବନରେ ଭେଟିଥିଲେ । ଏହି ଦଳରେ ଡେପୁଟି ମେୟର ମଞ୍ଜୁଲତା କହଁର, ବିଏମସି କମିଶନର ଚଂଚଳ ରାଣା, ଡେପୁଟି କମିଶନର (ପରିମଳ) ଏନ୍. ଗଣେଶ ବାବୁ, ପରିମଳ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷଙ୍କ ସହ ୱାର୍ଡ ନମ୍ବର ୩୦, ୩୬ ଓ ୧୫ର ପ୍ରତିନିଧିମାନେ ସାମିଲଥିହୋଇଥିଲେ । ଜାତୀୟ ୱାର୍ଡସ୍ତରୀୟ ସ୍ୱଚ୍ଛ-ବାୟୁ ମୂଲ୍ୟାଙ୍କନରେ ବିଏମସିର ୱାର୍ଡ ନମ୍ବର ୩୬ ଓ ୩୦ ଶୀର୍ଷ ସ୍ଥାନ ହାସଲ କରିଛନ୍ତି ।

## ବ୍ରହ୍ମପୁରରୁ ଅଯୋଧ୍ୟା ଓ ବାରାଣସୀ ଅଭିମୁଖେ ତୀର୍ଥଯାତ୍ରା ଟ୍ରେନ୍ ଯାତ୍ରାର ଶୁଭାରମ୍ଭ

ଭୁବନେଶ୍ୱର, ୧୧/୯(ନିପ୍ର): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ବ୍ରହ୍ମପୁରରୁ ଅଯୋଧ୍ୟା ଓ ବାରାଣସୀ ଅଭିମୁଖେ ତୀର୍ଥଯାତ୍ରା ଟ୍ରେନ୍ ଯାତ୍ରା ଆରମ୍ଭ କରିଛି। ୫ଟି ଜିଲ୍ଲାର ପ୍ରାୟ ୭୭୫ ଜଣ ତୀର୍ଥଯାତ୍ରୀ ଏଥିରେ ସାମିଲ ହୋଇଛନ୍ତି। ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବିଧାୟକବୃନ୍ଦ,ଗଞ୍ଜାମ ଜିଲ୍ଲାପାଳଙ୍କ ସମେତ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସାଇବର ସୁରକ୍ଷା ସଚେତନତା

କାକଟପୁର, ୧୧/୯(ନିପ୍ର): କାକଟପୁର ବ୍ଲକ ସମନ୍ୱିତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଦ୍ୱାରା ସାଇବର ସୁରକ୍ଷା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ବ୍ଲକ ପରିସରସ୍ଥ ସଭାଗୃହରେ ସୁପରଭାଇଜର ସ୍ୱର୍ଣ୍ଣଲତା ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ଶ୍ରୀଧର ନାୟକ, ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ଦୀକ୍ଷିତ, କାକଟପୁର ଥାନା ଏଏସ ଆଇ ଜହୁର ଖାଁ, ମଗଂଳା ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ଡ଼ ଅଧକ୍ଷ ସଂଗ୍ରାମ ଛାଟୋଇ,ସାଇବର କ୍ରାଇମ ଏସ ଆଇ ସୂର୍ଯ୍ୟ ପ୍ରସାଦ ତ୍ରିପାଠୀ, ବିପିସି ଉପେନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରଥମ କିସ୍ତି ବାବଦକୁ ୯.୫୬ କୋଟି ଟଙ୍କା ପ୍ରଦାନ

**ଭୁବନେଶ୍ୱର, ୧୧/୯(ନିପ୍ର):** ଜ୍ଞାନୋଦୟ - (କେଜିରୁ ପିଜି ନିଃଶୁଳ୍କ)’ ଯୋଜନା ଅଧୀନରେ, ସାମସ୍ ମାଧ୍ୟମରେ ୨୦୨୬-୨୭ ଶିକ୍ଷାବର୍ଷର ପ୍ରଥମ ପର୍ଯ୍ୟାୟ ୟୁ.ଜି. ନାମଲେଖା ପରେ ଯୋଗ୍ୟ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରଥମ କିସ୍ତିର ୧୦% ବାବଦ ୯.୫୬ କୋଟି ଟଙ୍କା ସିଧାସଳଖ ପ୍ରଦାନ କରାଯାଉଛି। ଖୁବ୍ ଶୀଘ୍ର ଦ୍ୱିତୀୟ କିସ୍ତି (୧୫%) ବାବଦରେ ୧୪.୩୪ କୋଟି ରାଶି ପ୍ରଦାନ କରାଯିବ। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୋସିଆଲ ମିଡିଆ ସାଇଟ୍ ଏକ୍ସ ମାଧ୍ୟମରେ ଏହି ସୂଚନା ଦେଇଛନ୍ତି।

**AFFIDAVIT**

By virtue of an affidavit sworn before the Executive Magistrate Banpur, on dated 11/09/2026, I, Surendra Khuntia, S/O-Pandab Khuntia, At/P.O- Balidihi, Ps -Banpur, Dist- Khurda, Odisha, Pin-752031, declare that, I have changed my name from Ullash Khuntia to Surendra Khuntia. Henceforth, I Shall be known as Surendra Khuntia for all **purposes.**

**Sd-Surendra Khuntia.**

**AFFIDAVIT**

By virtue of an affidavit sworn before the Executive Magistrate Banpur, on dated 08/09/2026 I, Shrimati Sukuti Maharana, W/O-Rajendra Maharana, At-Saranai, P. O-Belapada,P. S-Balugaon,Dist- Khorda, Odisha, pin-752030, declare that i have changed my name From Saibani Maharana to Shrimati Sukuti Maharana, Henceforth I shall be known as Shrimati Sukuti Maharana for all purposes

**Sd-Shrimati Sukuti Maharana.**

19001/247/2627

**GOVERNMENT OF ODISHA**
**PANCHAYATIRAJ & D.W. DEPARTMENT**

**OFFICE OF THE PANCHAYAT SAMITI, BIRIDI**

**‘e’ mail ID : ori-biridi@nic.in**

**‘e’ Procurement Notice No.BDO-BPS-02 of 2026-27**

| | | |
|---|---|---|
| 1 | Name of the work | Construction of integrated Math & Science Lab at Govt. High School at Shibapur of Shibapur G.P. under Biridi Block |
| 2 | Cost of Tender Amount (Approx.) | Rs.19.36 Lakh |
| 3 | EMD (online) | Rs.19,400/- |
| 4 | Cost of Tender Paper (online) (Non-Refundable) | Rs.6,000.00 |
| 5 | Class of Contractor | “D” & “C” Class Contractor |
| 6 | Availability of Tender | 21.09.2026 at 10.00 Hours to 05.10.2026 upto 5.00 Hours |
| 7 | Date of opening of tender | 06.10.2026 at 11.00 Hours |
| 8 | Place of opening of the tender | O/o the Panchayat Samiti, Biridi |

Further details can be seen from the Govt. web site “https://tendersodisha.gov.in

All corrigendum / cancellation of tender if any, will only be uploaded in the above web site

OIPR 19001/19221/1/26-27/0002

BLOCK DEVELOPMENT OFFICER, BIRIDI

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ